

ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ

▸କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଚୀନ ରୋବଟ୍ ସେନାଙ୍କ ଚମତ୍କାର

୩୮ ମାସରେ ନିର୍ମାଣ କଲେ ବିଶ୍ୱର ସର୍ବବୃହତ୍ତ ରେଳଷ୍ଟେସନ

▶ଦେଶ ବିଦେଶ ପୃଷ୍ଠାରେ

# ଜାତୀୟ ରାଜନୀତିରେ 'କକ୍ରୋଚ୍' କମ୍ପନ

## ଲୋକପ୍ରିୟତାରେ ବିଜେପି, କଂଗ୍ରେସକୁ ପଛରେ ପକାଇଲା 'କକ୍ରୋଚ୍ ଜନତା ପାର୍ଟି'

## ପାର୍ଟିର ଏକ୍ସ ଆକାଉଣ୍ଟ ବ୍ଲକ କଲେ ସରକାର




■ ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶରେ ବେକାର ଯୁବକ ଯୁବତୀମାନଙ୍କୁ ଅସରପା (କକ୍ରୋଚ୍) ସହ ତୁଳନା କରିବା ପରେ ଭାରତରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟରେ ପ୍ରତିକ୍ରିୟାଶୀଳ ହୋଇ ଜଣେ ଯୁବକ ଦ୍ୱାରା କକ୍ରୋଚ୍ ଜନତା ପାର୍ଟି ନାମରେ ଏକ ଦଳ ଗଠିତ ହୋଇଛି। ବ୍ୟଙ୍ଗାତ୍ମକ ଆଭିମୁଖ୍ୟ ରଖୁଥିବା 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତା ସାମାଜିକ ଗଣମାଧ୍ୟମରେ ଅସମ୍ଭବ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ବିଜେପି ଏବଂ କଂଗ୍ରେସକୁ ଅତିକ୍ରମ କରିବା ପରେ ସରକାରଙ୍କ ଅନୁରୋଧ କ୍ରମେ ଏହାର ଏକ୍ସ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଛି। ଏହାକୁ ନେଇ ଦେଶର ଯୁବପିଢ଼ିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତାରେ ଆତଙ୍କିତ ହୋଇ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ଗତ ୧୫ ତାରିଖରେ ପ୍ରଧାନ ବିଚାରପତି କକ୍ରୋଚ୍ ମନ୍ତବ୍ୟ ଦେବା ପରେ ବିଦେଶରେ ରହୁଥିବା ଅଭିଜିତ ଦୀପକେ ନାମକ ଜଣେ ଭାରତୀୟ ଯୁବକ ବ୍ୟଙ୍ଗାତ୍ମକ ଭାବେ ଅନଲାଇନରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଗଠନ କରିଥିବା ଘୋଷଣା କରିଥିଲେ। ତାଙ୍କର ଏହି ଉଦ୍ୟମ ପ୍ରତି ଏମିତି ସମର୍ଥନ ମିଳିବ ବୋଲି ସେ କେବେହେଲେ ଆଶା କରି ନ ଥିଲେ। ମାତ୍ର ପାଞ୍ଚ ଦିନ ମଧ୍ୟରେ ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ୧୬୦ ଲକ୍ଷ ଅତିକ୍ରମ କରିସାରିଲାଣି। ଅନୁଗାମୀ ସଂଖ୍ୟାରେ ଏହା କଂଗ୍ରେସ ଏବଂ ବିଜେପିକୁ ପଛରେ ପକାଇଦେଇଛି। ଇନଷ୍ଟାଗ୍ରାମରେ କଂଗ୍ରେସର ଅନୁଗାମୀ (ଫଲୋଅର) ସଂଖ୍ୟା ୧୩୦ ଲକ୍ଷ ଥିବା ବେଳେ କ୍ଷମତାସୀନ ବଜେପିର ରହିଛି ପ୍ରାୟ ୮୯ ଲକ୍ଷ। ଯୁବପିଢ଼ି ସମେତ ଅନେକ ନେତା, ସାଂସଦ, ସାମାଜିକ କର୍ମୀ ଓ ଓକିଲ ମଧ୍ୟ ଏହି କକ୍ରୋଚ୍ ପାର୍ଟିରେ ସାମିଲ ହେବାକୁ ଲାଗିଛନ୍ତି।

ତେବେ ଆଜି ଅଚାନକ ଏହାର ଏକ୍ସ ଆକାଉଣ୍ଟ ବ୍ଲକ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସକରାରଙ୍କ ଅନୁରୋଧ କ୍ରମେ ଏହାକୁ ବ୍ଲକ୍ କରାଯାଇଥିବା ଏକ୍ସ ପକ୍ଷରୁ କୁହାଯାଇଥିବା ବେଳେ କକ୍ରୋଚ୍ ପାର୍ଟିର ପ୍ରତିଷ୍ଠାତା 'କକ୍ରୋଚ୍ ଇଜ୍ ବ୍ୟାକ୍' ନାମରେ ଆଉ ଏକ ଏକ୍ସ ଆକାଉଣ୍ଟ ଖୋଲିଛନ୍ତି। ଆକାଉଣ୍ଟ ଖୋଲା ହେବାର ଏକ ଘଣ୍ଟା ମଧ୍ୟରେ ଅନୁଗାମୀ ସଂଖ୍ୟା ୨୦ ହଜାର ଅତିକ୍ରମ କରିଥିବା କୁହାଯାଉଛି। ବ୍ଲକ ହେବା ପୂର୍ବରୁ ୨ ଲକ୍ଷରୁ ଅଧିକ ଏହାର ଅନୁଗାମୀ ଥିଲେ ବୋଲି ଅଭିଜିତ୍ କହିଛନ୍ତି। ମାତ୍ର କେଇଦିନ ପୂର୍ବରୁ ଏକ ବ୍ୟଙ୍ଗାତ୍ମକ ପ୍ରତିବାଦ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନ ସାମ୍ପ୍ରତିକ ସମୟରେ ଦେଶର ଯୁବମାନସର ଅସନ୍ତୋଷର ସ୍ୱର ପାଲଟିଛି। ଦେଶରେ ବଢ଼ିଚାଲିଥିବା ବେକାରୀ ସମସ୍ୟା, ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶନରେ ଅନିୟମିତତା ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ଉପରେ ଏହି ଦଳ ପ୍ରଶ୍ନ ଉଠାଇଛି। ଗତ ସପ୍ତାହରେ ଦେଶର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଆନ୍ଦୋଳନରତ ଯୁବକମାନଙ୍କ ପ୍ରତି କରାଯାଇଥିବା ଏକ କଟୁ ମନ୍ତବ୍ୟକୁ ଆଧାର କରି ଏହି ଦଳର ନାମକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଚାରପତିଙ୍କ ସ୍ପଷ୍ଟୀକରଣ ସତ୍ତ୍ୱେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଆକ୍ରୋଶ ପ୍ରଶମିତ ହୋଇନଥିଲା। ଏହି ଦଳ ନିଜର ସଂକଳ୍ପପତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦାବି କରିଛି, ଯେଉଁଥିରେ ବିଚାରପତିମାନଙ୍କ ଅବସର ପରେ ରାଜନୈତିକ ନିଯୁକ୍ତି ଉପରେ କଟକଣା, ସଂସଦରେ ମହିଳାମାନଙ୍କ ପାଇଁ ପଚାଶ ପ୍ରତିଶତ ସଂରକ୍ଷଣ ଏବଂ ନିରପେକ୍ଷ ଓ ସ୍ୱାଧୀନ ନିର୍ବାଚନ କମିସନ ଅନ୍ତର୍ଭୁକ୍ତ। ଏହି ଅଭିଯାନ ପ୍ରତି ଦେଶର ପ୍ରତିଷ୍ଠିତ ଆଇନଜୀବୀ ଓ କେତେକ ରାଜନେତା ମଧ୍ୟ ପରୋକ୍ଷ ସମର୍ଥନ ଜଣାଇଛନ୍ତି। ▶ପୃଷ୍ଠା-୭




# ଅସମ୍ଭାଳ ଗୁଳୁଗୁଳି: ତତଲା ତାୱାରେ ସାରା ଓଡ଼ିଶା

■ ଭୁବନେଶ୍ୱର,୨୧।୫(ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି। ବାହାରେ ତାତି ଜାଳୁଥିବା ବେଳେ ଘର ଭିତରେ ଲୋକଙ୍କୁ ସିଝାଉଛି ଗୁଳୁଗୁଳି। ଉପର ମୁହାଁ ତାପମାତ୍ରା ଓ ବାୟୁମଣ୍ଡଳରେ ଭୀଷଣ ଆର୍ଦ୍ରତା ନୟାନ୍ତ କଲାଣି। ୧୦ ସହରର ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି ଓ ସ୍ଥିତି ୫୦ ଡ଼ିଗ୍ରୀ ପରି ଅନୁଭୂତ ହେଉଛି। କଟକ ଓ ଭୁବନେଶ୍ୱରରେ ଦିନକରେ ୫ରୁ ୬ ଡ଼ିଗ୍ରୀ ତାପମାତ୍ରା ବୃଦ୍ଧି ଦ୍ୱୈତନଗରୀ ବାସିନ୍ଦାଙ୍କୁ କଲବଲ କରିଛି। ସନ୍ଧ୍ୟାରେ ଯାଜପୁର, କଟକ ସମେତ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଥିଲେ ମଧ୍ୟ ବାକି ଅଧିକାଂଶ ସ୍ଥାନରେ ପୂର୍ବବତ୍ ଗରମ ଗୁଳୁଗୁଳିର ପ୍ରଭାବ ଜାରି ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ୨୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ▶ପୃଷ୍ଠା-୭

- ରାସ୍ତାଘାଟ ଶୂନ୍‌ଶାନ୍, ସହର ଗୁମ୍‌ସୁମ୍
- ୪୦ ଡିଗ୍ରୀ ଉପରେ ୨୪ ସହର ତାପମାତ୍ରା
- ରାଜଧାନୀରେ ଏକାଥରେ ୬ ଡିଗ୍ରୀ ଚଢ଼ିଲା ପାରଦ
- ଉପକୂଳରେ ୫୦ ଡିଗ୍ରୀ ଭଳି ସ୍ଥିତି ଅନୁଭୂତ
- ୨୪ ଯାଏଁ ତାତି ଓ ଗୁଳୁଗୁଳିରୁ ନିସ୍ତାର ନାହିଁ

### ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି-୨୦୦୮ ରେ ସଂଶୋଧନ

# ଗ୍ରାହକଙ୍କୁ ୨୦୦ କୋଟିର ବୋଝ !

■ ଭୁବନେଶ୍ୱର,୨୧।୫(ସମିସ): ବୁଧବାର ରାଜ୍ୟ କ୍ୟାବିନେଟ ପ୍ରଚଳିତ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ରେ ଦୁଇଟି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରଥମଟି ହେଉଛି ପ୍ରଚଳିତ ନୀତିର ଧାରା ୩ ଅଧୀନରେ ଥିବା ଭବିଷ୍ୟତ ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ (ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରଡ୍ୟୁସର ବା ଆଇପିପି) ସହ ପ୍ରସ୍ତାବିତ ଏମ୍‌ଓୟୁ ଶୀର୍ଷକକୁ ସଂଶୋଧନ କରି 'ପ୍ରସ୍ତାବିତ' ଶବ୍ଦକୁ ବିଲୋପ କରାଯାଇଛି। ଏହା ପରିବର୍ତ୍ତେ 'ଭବିଷ୍ୟତ ଆଇପିପି ସହ ଏମ୍‌ଓୟୁ' ହେବ। ଦ୍ୱିତୀୟରେ ପ୍ରଚଳିତ ନୀତିର ଉପଧାରା ୩(ସସସ)କୁ ସଂଶୋଧନ କରି ଲେଖାଯାଇଛି ଯେ ବର୍ତ୍ତମାନ ଥିବା ଆଇପିପିଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪ପ୍ରତିଶତ/୧୨ ପ୍ରତିଶତ ବିଦ୍ୟୁତ୍‌କୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ, ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଦ୍ୟୁତ୍‌ର ମାତ୍ର ୫ ପ୍ରତିଶତକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥା (ଗ୍ରୀଡ୍‌କୋ)କୁ ଅଧିକାର ପ୍ରଦାନ କରାଯିବ। ତେବେ ରାଜ୍ୟ କ୍ୟାବିନେଟର ଉପରୋକ୍ତ ନିଷ୍ପତ୍ତିକୁ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।



## କମ୍ପାନୀଙ୍କ ଲାଭ ବୃଦ୍ଧି ପାଇଁ ଉପଭୋକ୍ତା ଶୋଷଣ ନୀତି: ଶକ୍ତି ସମୀକ୍ଷକ

## ବାର୍ଷିକ ୧୦୦୦ ନିୟୁତ ୟୁନିଟ୍‌ରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ ଓଡ଼ିଶା

ଶକ୍ତି ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଓଡ଼ିଶା ଏବେ ଜିନ୍ଦଲ ଇଣ୍ଡିଆ ପାୱାର ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ୱର୍କ୍ସ ଲିମିଟେଡ, ନବ ଭାରତ ଲିମିଟେଡ୍ ଓ ମା' ଦୁର୍ଗା ଥର୍ମାଲ ପାୱାର୍ ଲିମିଟେଡଡ୍ ଭଳି ୪ଟି ଆଇପିପିଠାରୁ ତାପଜ ନୀତି ଅନୁସାରେ ଗ୍ରୀଡ୍‌କୋ ବିଦ୍ୟୁତ୍ କ୍ରୟ କରୁଛି। ଗ୍ରୀଡ୍‌କୋ ୧୨ ପ୍ରତିଶତ ହିସାବରେ ସେମାନଙ୍କଠାରୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ (ଅର୍ଥାତ ▶ପୃଷ୍ଠା-୭

# ଇବୋଲା ଆତଙ୍କ; ଭାରତରେ ସତର୍କତା ଜାରି

### ଆଫ୍ରିକା ସମ୍ମିଳନୀ ସ୍ଥଗିତ



■ ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଆଫ୍ରିକାର କେତେକ ଅଂଶରେ ପ୍ରାଣଘାତୀ ଇବୋଲା ଭାଇରସର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶବ୍ୟାପୀ ସତର୍କତା ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଏହି ସ୍ୱାସ୍ଥ୍ୟ ସଂକଟକୁ ଏକ 'ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି' ଭାବେ ଘୋଷଣା କରିବା ପରେ ଭାରତ ନିଜର ପ୍ରସ୍ତୁତିକୁ ଜୋରଦାର କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ହେଲଥ୍ ସର୍ଭିସେସ୍ (ଡିଜିଏଚ୍‌ଏସ୍) ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରାମର୍ଶାବଳୀ ଜାରି କରିଛନ୍ତି। ବିଶେଷ ▶ପୃଷ୍ଠା-୭

# ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚକାଟ୍: ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶ



- ମାସିକ ତେଲ ବ୍ୟବହାର ୧୦ ପ୍ରତିଶତ କମାଇବା ଲକ୍ଷ୍ୟ
- ଅତି ଆବଶ୍ୟକ ନ ଥିଲେ ଭର୍ଚୁଆଲ ମୋଡ୍‌ରେ ବୈଠକ
- ଆସନ୍ତା ୧ ତାରିଖରୁ ସରକାର କେବଳ ଇଭି ଯାନ କିଣିବେ
- ବସ୍ କିମ୍ବା ରେଳରେ ଯାଇ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

■ ଭୁବନେଶ୍ୱର,୨୧।୫(ସମିସ): ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍‌କେଡ୍'ର ଗାଡ଼ି ସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେ ଏକ ୮-ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଆବଶ୍ୟକତା ଥିବ, ସେ ସ୍ଥଳରେ ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଅଂଶୁଘାତରେ ଗଲା ୨ ଜୀବନ

■ ବେଲଗୁଣ୍ଠା / ଲହୁଣୀପଡ଼ା, ୨୧।୫ (ସମିସ): ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲ୍ଲାରେ ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଧାନପୁଞ୍ଜା ଗ୍ରାମର ଜଣେ ଚାଷୀ ଜଗନ୍ନାଥ ସ୍ୱାଇଁ(୫୫) ଆଜି ସକାଳେ ନିଜ ଜମିରେ ଖତ ପକାଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୋବରା ମେଡ଼ିକାଲରେଳ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ପରେ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ଜଗନ୍ନାଥ ଧାନପୁଞ୍ଜାପଲ୍ଲୀର ଆଳିୟ ସମାଜର ସଭାପତି ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି ▶ପୃଷ୍ଠା-୭


ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ଗାଇ, ରେଭା, ଅନୁଭା, ଆଦିତ୍ୟ, ଗାଇସା, ଗାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

Tel: +91 674 2611000 | Email: memoriam@imfa.in

# ଅନ୍ଧାରରେ ଝାରପୁର କଲୋନୀପଡ଼ାବାସୀ

**ଜମନକିରା, ୨୧।୫(ସମିସ):** ସ୍ୱାଧୀନତାର ୭୯ବର୍ଷ ପରେ ବି ଅନ୍ଧାରରେ ଜମନକିରା ବ୍ଲକର ସିରିଡ଼ି ପଞ୍ଚାୟତ ଝାରପୁର ଗ୍ରାମର କଲୋନୀ ପଡ଼ାବାସୀ ଦୁର୍ବିସହ ଜୀବନଯାପନ କରୁଛନ୍ତି। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସିରିଡ଼ି ପଞ୍ଚାୟତର ଝାରପୁରଗ୍ରାମର କଲୋନୀପଡ଼ାକୁ ସମାଜସେବୀ ରାକେଶ କୁମାର ଶର୍ମା ଯାଇଥିଲେ। ସେଠାକାର ବାସ୍ତବ ଚିତ୍ର ଦେଖି ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା। ପଡ଼ାର ପ୍ରାୟ ୩୦ ପରିବାରରୁ ୨୦ଟି ପରିବାର ଆଜି ପର୍ଯ୍ୟନ୍ତ ୧୧ବର୍ଷ ହେଲା ବିଦ୍ୟୁତ୍ କହିଲେ କ'ଣ ଜାଣିନାହାନ୍ତି। ଆଜିର ଡିଜିଟାଲ୍ ଯୁଗରେ ଆଲୋକ କିମ୍ବା ଟିଭି ଦେଖିବା ତ ଦୂରର କଥା, ଅନ୍ଧାରରେ ଦିନ କାଟୁଛନ୍ତି। ପିଲାଙ୍କ ଭବିଷ୍ୟତ ଅନ୍ଧାରରେ କୋମଳମତି ପିଲାମାନେ ଆଜି ବି ଲଣ୍ଠନ ଓ ଡିବିରି, ଚାର୍ଜର ଲାଇଟ୍ ଆଲୋକରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ତାଙ୍କର କଥା ଶୁଣୁନାହାନ୍ତି ଅଧିକାରୀ। ପଡ଼ାବାସୀ ବାରମ୍ବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଗୁହାରି କରି କରି ଥକିଗଲେଣି କିନ୍ତୁ କେହି ଏମାନଙ୍କ ଦୁଃଖ ଶୁଣୁନାହାନ୍ତି। ବର୍ଷ ବର୍ଷ ଧରି କେବଳ ମିଳୁଛି ମିଛ ପ୍ରତିଶ୍ରୁତି। ନିର୍ବାଚନ ସମୟରେ ନେତାମାନେ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲା ପରେ ଭୁଲି ଯାଉଛନ୍ତି। ବିଦ୍ୟୁତ ନଥିବାରୁ ଗ୍ରୀଷ୍ମ ଋତୁରେ ଅସହ୍ୟ ଗରମ ଏବଂ ବର୍ଷା ଦିନେ ସାପ ଭୟ ରହୁଥିବା ବେଳେ ସବୁ ସମୟରେ ହାତି ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶକ୍ତି ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏହି ଗରିବ ପରିବାରଗୁଡ଼ିକର ଦୁଃଖ ବୁଝନ୍ତୁ ଏବଂ ତୁରନ୍ତ ଝାରପୁର କଲୋନୀପଡ଼ାକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଅନ୍ତୁ।

### ସରକାର ଓ ପ୍ରଶାସନର ଅବହେଳା

# ପଶ୍ଚିମ ଓଡ଼ିଶାରେ ପେଟ୍ରୋଲ, ଡିଜେଲ ପାଇଁ ହନ୍ତସନ୍ତ: ରୋହିତ

**ସମ୍ବଲପୁର, ୨୧।୫(ସମିସ):** ସରକାର ଏବଂ ପ୍ରଶାସନର ଅବହେଳା ଚରମସୀମାରେ ପହଞ୍ଚିଛି। ପଶ୍ଚିମ ଓଡ଼ିଶାରେ ପେଟ୍ରୋଲ, ଡିଜେଲର ଅଭାବ ବିକ୍ରି ଏବଂ କଳାବଜାରୀ ବଢ଼ିଛି। ଏଥିପାଇଁ ଚାଷୀ ଏବଂ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି ବୋଲି ପୂର୍ବତନ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଇଂ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ ବର୍ତ୍ତମାନ ଦେଶରେ ପେଟ୍ରୋଲ ଡିଜେଲ ସଂକଟର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ଜନସାଧାରଣଙ୍କୁ ସୀମିତ ପରିମାଣରେ ଡିଜେଲ ବିକ୍ରି କରି, ଅନ୍ୟପଟେ ଚଢ଼ା ଦରରେ କଳାବଜାରୀ କରି ବିକ୍ରି କରୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଏହି ଅଭାବୀ ବିକ୍ରୀ ଯୋଗୁଁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ କ୍ଷେତ୍ରରେ ବିଶେଷ ପ୍ରଭାବ ପଡୁଛି। ଏହା ସହ ସୀମିତ ପରିମାଣରେ ଇନ୍ଧନ ବିକ୍ରୟ ଯୋଗୁଁ ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ଧାନ ଅମଳ କାର୍ଯ୍ୟ ଚାଲିଛି, ଏହା ଯୋଗୁଁ ନିଜର କୃଷି ଯନ୍ତ୍ରପାତି ମାନଙ୍କ ପାଇଁ ଆବଶ୍ୟକ ଅନୁସାରେ ଡିଜେଲ ନ ମିଳିପାରୁଥିବା ଧାନ ଅମଳ କାର୍ଯ୍ୟରେ ବାଧା ହେଉଥିବାର ନଜର ରହିଛି। କିଛି ପେଟ୍ରୋଲ ପମ୍ପର ନୀତି ଯୋଗୁଁ କେବଳ ଯାନ ବାହନ ଆସିଲେ ହିଁ ଇନ୍ଧନ ବିକ୍ରି କରୁଥିବା ଯୋଗୁଁ ଚାଷ ଜମିରେ କାର୍ଯ୍ୟରେ ନିୟୋଜିତ ଥିବା ହାର୍ଭେଷ୍ଟର, ଟ୍ରାକ୍ଟର ଆଦି ଆଦି ଯାନ ପେଟ୍ରୋଲ ପମ୍ପକୁ ଆଣି ତେଲ ଭରିବା ସମ୍ଭବ ହେଉନାହିଁ। ଅପର ପକ୍ଷରେ ଇନ୍ଧନ ସଙ୍କଟ ଯୋଗୁଁ ପେଟ୍ରୋଲ ପମ୍ପ ମାନଙ୍କରେ ଲାଗୁଥିବା ଲମ୍ବା ଲାଇନ୍ ଜନସାଧାରଣଙ୍କ ଅତିଷ୍ଠ କରିବାକୁ ବସିଲାଣି। ଯଦିଓ ଇନ୍ଧନ ଯୋଗାଣକାରୀ କମ୍ପାନୀ ଗୁଡ଼ିକ ଏବଂ ଓଡ଼ିଶା ସରକାର ବାରମ୍ବାର କହିଆସୁଛନ୍ତି ଯେ ରାଜ୍ୟରେ ପେଟ୍ରୋଲ କିମ୍ବା ଡିଜେଲର କୌଣସି ଅଭାବ ନାହିଁ ତଥାପି ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ଅନେକ ଜିଲ୍ଲାରେ ବାସ୍ତବତା ଭିନ୍ନ ଦେଖାଯାଉଛି। ଲମ୍ବା ଧାଡ଼ି, ଖାଲି ରହିଥିବା ପମ୍ପ ଏବଂ ବିଳମ୍ବରେ ଟ୍ୟାଙ୍କର ଆସିବା ଗ୍ରାହକ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ସରକାର ଯଥା ସମ୍ଭବ ଏହି ସମସ୍ୟାରେ ବିଶେଷ ଦୃଷ୍ଟି ଦେଇ କିଭଳି ଜନସାଧାରଣ, ଚାଷୀ ମାନେ ଇନ୍ଧନ ସମସ୍ୟା ଯୋଗୁଁ ହଇରାଣ ନ ହେବେ ସେଥି ପ୍ରତି ଦୃଷ୍ଟି ଦେଇ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଇଂ ପୂଜାରୀ।

# ଅସହାୟ ରୋଗୀଙ୍କୁ ସାହାଯ୍ୟ କଲେ ପୂର୍ବତନ ଉପନଗରପାଳ

**ସମ୍ବଲପୁର, ୨୧।୫(ସମିସ):** ଉଚ୍ଚତର ଚିକିତ୍ସା ପାଇଁ ଯିବାକୁ ସମ୍ବଲପୁରର ପାଞ୍ଚ ଜଣ ଗୁରୁତର ବ୍ୟାଧି ପୀଡ଼ିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ପୂର୍ବତନ ଉପନଗରପାଳ ତଥା ସାଥୀ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା। ହୀରାକୁଦ ଲରପଙ୍କର କ୍ୟାନସର ପୀଡ଼ିତା ଜଣେ ବୃଦ୍ଧା, ଗୁଣ୍ଡେରପୁରର ଜଣେ ପାରାଲିଶିସ ରୋଗୀ ନମିତା ଭୋଇ, ପରଦେଶୀ ପଡ଼ାର ଜଣେ କିଡନୀ ରୋଗୀ ରମେଶ ସିଂ, ଦଳେଇପଡ଼ାର ଜଣେ କିଡନୀ ରୋଗି ରିଆଜ ଧୋବି ଓ ନିଜ ଆହାତ ସ୍ୱାମୀଙ୍କ ଚିକିତ୍ସା ପାଇଁ ବୁର୍ଲାର ପୂଜା ସିଂଙ୍କୁ ଦଶ ହଜାର ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଶ୍ରୀ ସାହା ସମସ୍ତ ପୀଡ଼ିତ ପରିବାର ପାଖକୁ ଯାଇ ରୋଗ ସମ୍ପର୍କରେ ପଚାରି ବୁଝିବା ସହ ଉଚ୍ଚତର ଚିକିତ୍ସା ଖର୍ଚ୍ଚ ବାବଦକୁ ରାଶି ପ୍ରଦାନ କରିଛନ୍ତି। ରୋଗୀଙ୍କ ସମ୍ପର୍କରେ ଶ୍ରୀ ସାହା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଫୋନରେ ପଚାରି ବୁଝିଥିଲେ। ଚିକିତ୍ସା ପାଇଁ ଆଗକୁ ଅଧିକ ଅର୍ଥ ରାଶିର ଆବଶ୍ୟକ ହେଲେ ଶ୍ରୀ ସାହା ଦେବେ ବୋଲି ଆଶ୍ୱାସନା ଦେଇଥିଲେ।

### ଶୀତଳ ଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

# 'ଆୟର ସ୍ରୋତ ଭାବରେ ଭଗବାନଙ୍କୁ ବ୍ୟବହାର କରା ନ ଯାଉ'

**ସମ୍ବଲପୁର, ୨୧।୫(ସମିସ)**

ସ୍ଥାନୀୟ ଝାଡ୍ରୁଆପଡ଼ାରେ ଶୀତଳ ଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କୁ ନେଇ ଆଜି ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ(ନନ୍ଦପଡ଼ା, ଝାଡ୍ରୁଆପଡ଼ା, ମୁଦିପଡ଼ା) ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହା ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା ଅନୁସାରେ, ପବିତ୍ର ଶୀତଳ ଷଷ୍ଠୀ ଯାତ୍ରାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଯେମିତି ପୁରୀର ଶ୍ରୀ ଗୁଣ୍ଡିଚା ରଥଯାତ୍ରା, ବରଗଡ଼ର ଧନୁଯାତ୍ରା ଠିକ ସେମିତି ସମ୍ବଲପୁରର ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ଲାଭ କରିସାରିଛି।ସମ୍ବଲପୁରର ଲୋକସଂସ୍କୃତି, ଲୋକପରମ୍ପରା, ଐତିହ ର ବାର୍ତ୍ତାବାହକ ହେଉଛି ଏହି ଶୀତଳ ଷଷ୍ଠୀ ଯାତ୍ରା।

ବହୁ ବର୍ଷ ଧରି ସମ୍ବଲପୁରର ପ୍ରମୁଖ ତିନୋଟି ଶୈବ ପୀଠରେ ଏହି ଶୀତଳ ଷଷ୍ଠୀ ପର୍ବଟି ବହୁ ଆଡମ୍ବରରେ ପାଳିତ ହୋଇ ଆସୁଛି। ପୁରୁଣା ତିନୋଟି ଯାତ୍ରା କମିଟିକୁ ନେଇ ଏକ ସମନ୍ୱୟ ସମିତି ଗଠନ କରାଯାଇଥିଲା। ଯାହା ଫଳରେ ଶୀତଳ ଷଷ୍ଠୀ ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରାଯାଉଥିଲା। ହେଲେ ଗତ କିଛି ବର୍ଷ ହେଲା ଏଥିରେ ଏକ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ସମ୍ବଲପୁରର ଗଳିକନ୍ଦି ପଡ଼ାପଡ଼ାରେ ଥିବା ଶିବ ମନ୍ଦିର ଗୁଡ଼ିକରେ ଏହି ଦେବ ଦମ୍ପତ୍ତି ଙ୍କ ବିବାହୋତ୍ସବ ଆୟୋଜିତ ହେବାକୁ ଆରମ୍ଭ ହେଲାଣି। ଧୀରେ ଧୀରେ ୪ ରୁ ୬, ପୁଣି ୬ ରୁ ୮, ତାପରେ ୮ ରୁ ୧୦ ଏଭଳି ପ୍ରତି ବର୍ଷ ଯାତ୍ରା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହା ଫଳରେ ଏହି ଯାତ୍ରାର ମହତ୍ତ୍ୱ ଓ ଗୌରବମୟ ଗାରିମା ହ୍ରାସ ପାଇବାରେ ଲାଗିଛି। ପ୍ରଥମେ ତିନୋଟି ଯାତ୍ରା କମିଟିର ସଦସ୍ୟ ମାସ ମାସ ଧରି ପ୍ରଚଣ୍ଡ ରୌଦ୍ରତାପରେ ଅଞ୍ଚଳବାସୀଙ୍କ ଠୁଁ ଆର୍ଥିକ ସହାୟତା ଭିକ୍ଷା କରି ଶାରୀରିକ ମାନସିକ ଆର୍ଥିକ ଅବଦାନ ଦେଇ ଏହି ଶୀତଳ ଷଷ୍ଠୀ ଯାତ୍ରାର ଆୟୋଜନ କରୁଥିଲେ। ପରବର୍ତ୍ତୀ କାଳରେ କିଛି ମାତ୍ରାରେ ସରକାରୀ ସହାୟତା ମିଳିବା ଆରମ୍ଭ ହୋଇଥିଲା। ସରକାରୀ ସହାୟତା ମିଳିବା ପରଠାରୁ ଛତୁ ଫୁଟିଲା ପରି

### ଅନ୍ୟ କମିଟିକୁ ତାଗିଦ୍ ସହ ପ୍ରଶାସନ ହସ୍ତକ୍ଷେପ ଲୋଡିଲେ

ଶୀତଳ ଷଷ୍ଠୀ କମିଟି ଗଠନ ହୋଇଛି।ଏଥିରେ କେତେକ ସ୍ଥାନ ରେ ଭକ୍ତି ଭାବ ଭଙ୍ଗୀ ଦେଖିବାକୁ ମିଳୁଛି ତ କେତେକ ସ୍ଥାନରେ ନିୟମ ପରମ୍ପରାକୁ ଜଳାଞ୍ଜଳି ଦେଇ ପ୍ରତିଯୋଗୀତା ମୂଳକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି। କିଛି ଅସାମାଜିକ ବ୍ୟକ୍ତି ନିଜର ସ୍ୱାର୍ଥ ରକ୍ଷା କରିବା ପାଇଁ ଏହି ଦେବ ଦମ୍ପତ୍ତିଙ୍କ ବିବାହୋତ୍ସବକୁ ମାଧ୍ୟମ କରିଛନ୍ତି। କେତେକ ସ୍ଥଳରେ ଶୀତଳ ଷଷ୍ଠୀ ବର୍ତ୍ତମାନ ଏକ ଆର୍ଥିକ ଲାଭର ବ୍ୟବସାୟ ପାଲଟି ଯାଇଛି।ବିଗତ ଦିନରେ ଦେଖାଯାଇଛି ଯେ ଜଣେ ଅଣ ଓଡ଼ିଆ ପବିତ୍ର ପର୍ବ ଯଥା ହନୁମାନ ଜୟନ୍ତୀ, ରାମ ନବମୀ, ରାବଣ ପୋଡ଼ି ନାଁ ରେ ବ୍ୟବସାୟୀ, ସରକାରୀ ଯନ୍ତ୍ରୀ ଓ ଅଧିକାରୀ, ସାଧାରଣ ଲୋକଙ୍କ ଠୁଁ ଲକ୍ଷାଧିକ ଟଙ୍କାର ଚାନ୍ଦା ଆଦାୟ କରି କାହାକୁ କିଛି ହିସାବ ନଦେଇ ନିଜର ଏକ ଆୟର ସ୍ରୋତ ଭାବରେ ଭଗବାନଙ୍କୁ ବ୍ୟବହାର କରୁଛି।ବର୍ତ୍ତମାନ ତାର ଆଖି ପବିତ୍ର ଶୀତଳଷଷ୍ଠୀ ଯାତ୍ରା ଉପରେ ପଡ଼ିଛି।ଅତିତରେ ଦେଖା ଯାଇଛି ଯେ ନିଜର ସ୍ୱାର୍ଥ ପାଇଁ ସେ ସଂଗ୍ରାମୀ ଓ ମହାନ୍ ବ୍ୟକ୍ତି ମାନଙ୍କୁ ବି ଛାଡ଼ି ନାହିଁ।ସମ୍ବଲପୁର ବାସୀଙ୍କୁ ଅନୁରୋଧ ଏହି ଅଣଓଡ଼ିଆ ବ୍ୟକ୍ତି ପ୍ରତି ସତର୍କ ରହିବା ସହ ଜିଲ୍ଲା ପ୍ରଶାସନକୁ ମଧ୍ୟ କମିଟି ଅନୁରୋଧ କରିଛି। ବୈଠକରେ ଅମୂଲ୍ୟ ମିଶ୍ର, ଭୁବନ ମୋହନ ମିଶ୍ର, ସମୀର ରଞ୍ଜନ ବାବୁ, ଫଣିଭୂଷଣ ମିଶ୍ର, ପ୍ରଭୁଦତ୍ତ ପଣ୍ଡା, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ମନୋଜ କୁମାର ମିଶ୍ର, ପାର୍ଥ ସାରଥୀ ମିଶ୍ର, ସଞ୍ଜୟ କୁମାର ମିଶ୍ର, ଅଭିଷେକ ମିଶ୍ର, ମିଲୁ ପାଣିଗ୍ରାହୀ, ସୁନୀଲ କୁମାର ଦାଶ, ଖଡ଼ିରତ୍ନ ବେହେରା, ହିମାଂଶୁ ପାଣିଗ୍ରାହୀ, ଭୋଳା ଶଙ୍କର ମହନ୍ତ, ସୁଧୀର ପଣ୍ଡା, ସତ୍ୟକାନ୍ତ ମହାପାତ୍ର, ଗଙ୍ଗାଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ମହାନଗର ଶୀତଳଷଷ୍ଠୀ କମିଟି ଗଠିତ




**ସମ୍ବଲପୁର, ୨୧।୫(ସମିସ):** ସମ୍ବଲପୁରର ୫ଟି ମୁଖ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟିକୁ ଛାଡ଼ି ବୁର୍ଲା ଓ ହୀରାକୁଦକୁ ମିଶାଇ ଆଜି 'ସମ୍ବଲପୁର ମହାନଗର ଶୀତଳ ଷଷ୍ଠୀ କମିଟି' ଭାବେ ଏକ ନୂତନ ସମନ୍ୱୟ ସମିତି ଗଠିତ ହୋଇଛି। ମହାନଗର ଅଞ୍ଚଳର ପ୍ରାୟ ୧୦ଟି କମିଟିର ସମନ୍ୱୟରେ ଗଠିର ନୂତନ ସମ୍ବଲପୁର ମହାନଗର ଶୀତଳଷଷ୍ଠୀ କମିଟିର ସଭାପତି ଭାବେ ପୂର୍ବତନ ନଗରପାଳ ଗିରିଶ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ଅଇଁଠାପାଲି ସ୍ଥିତ ଡଲଫିନ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ସଭାପତି ପଟେଲ ଏହାର ସୂଚନା ଦେଇଛନ୍ତି। ଏହି ସମନ୍ୱୟ ସମିତିରେ କୁଲୁଥକାନୀର କନ୍ତେଶ୍ୱର ବାବା, ସଲିଆବାଗିଚାର ରାମେଶ୍ୱର ବାବା, ବରେଇପାଲିର ବଟୁକନାଥ ବାବା, ଭୂତାପଡ଼ାର ଭୂତନାଥ ବାବା, ଦୁର୍ଗାପାଲିର ଗୁଡେଶ୍ୱର ବାବା, ଦଳେଇପଡ଼ାର ଗୁପ୍ତେଶ୍ୱର ବାବା, ବୁଢାରଜାର ପାହାଡେଶ୍ୱର ବାବା, ଫାଟକ, ମହାମାୟା ମନ୍ଦିରର ମହାକାଳେଶ୍ୱର ବାବା, ଭତରା ଶଙ୍କରମଠରେ ସ୍ୱପ୍ନେଶ୍ୱର ବାବା ଏବଂ ହୀରାକୁଦର ନୀଳକଣ୍ଠେଶ୍ୱର ବାବାଙ୍କ ଯାତ୍ରା କମିଟି ସାମିଲ ହୋଇଛନ୍ତି। ତେବେ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ସେ ଅଶା ପକଟ କରିଛନ୍ତି। ପଟେଲ୍ କହିଛନ୍ତି ଯେ, ନବଗଠିତ ଶୀତଳଷଷ୍ଠୀ ଯାତ୍ରା କମିଟିର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତ କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ସେମାନଙ୍କର ସାଂଗଠନିକ ମୂଲ୍ୟବୋଧ, ଶୃଙ୍ଖଳା ଓ ପାରଦର୍ଶିତାକୁ ଅଧିକ ସୁଦୃଢ଼ କରିବା। ବିଗତ ଦୁଇ ବର୍ଷ ହେବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହାୟତାରେ ସରକାରୀ ସ୍ତରରୁ ଏହି କମିଟିଗୁଡ଼ିକୁ କିଛି ଆର୍ଥିକ ଅନୁଦାନ ମିଳୁଥିବା ବେଳେ, ଉପକଣ୍ଠ ଅଞ୍ଚଳର ଛୋଟ ଯାତ୍ରା କମିଟିଗୁଡ଼ିକ ଯେପରି କୌଣସି ଆର୍ଥିକ ବା ପ୍ରଶାସନିକ ସହାୟତାରୁ ବଞ୍ଚିତ ନ ହେବେ ସେଥିପ୍ରତି ସମିତି ବିଶେଷ ଧ୍ୟାନ ଦେବ। ଯାତ୍ରା ସମୟରେ ସମ୍ପୃକ୍ତ ସମସ୍ତ ଅଞ୍ଚଳରେ ସଫେଇ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଆଲୋକୀକରଣ ଏବଂ ରାସ୍ତାଘାଟର ମରାମତି ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଖୁବ୍ ଶୀଘ୍ର ଜିଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମର ବରିଷ୍ଠ ଅଧିକାରୀମାନଙ୍କୁ ଭେଟି ଆଲୋଚନା କରାଯିବ। କମିଟିର କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନଲାଲ ସାହା, ଉପସଭାପତି ଶଚିକାନ୍ତ ମିଶ୍ର, ବିଭୁତିଭୂଷଣ ଦାସ, ସାଧାରଣ ସମ୍ପାଦକ ବୁଲୁ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ସୁଶାନ୍ତ ତନସନା, ସହ ସମ୍ପାଦକ ରଘୁନାଥ ସାହୁ, କୋଷାଧ୍ୟକ୍ଷ ନିଳାମ୍ବର୍ ସିକନ୍ଦର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବଲପୁର ମହାନଗର ଶୀତଳ ଷଷ୍ଠୀ ସମିତିରେ ସହ ସମ୍ପାଦକ ଆର୍ତ୍ତତ୍ରାଣ ମିଶ୍ର, ସହ କୋଷାଧ୍ୟକ୍ଷ ଭାବେ ବିକ୍ରମାଦିତ୍ୟ ସିଂଦେଓ ଓ ରାହୁଲ ଠାକୁର, ମିଡ଼ିଆ ସେଲ୍ଫ ସମ୍ପାଦକ ଭାବେ ରବି ପଣ୍ଡା, ପ୍ରଦୀପ ବେହେରା ଓ ଧବଳେଶ୍ୱର ପ୍ରଧାନ, ସାଂସ୍କୃତିକ ସେଲ୍ ସମ୍ପାଦକ ଭାବେ ସୁରେନ୍ଦ୍ର ଘଡ଼େଇ ଓ ସ୍ୱୟଂଜିତ ପଟ୍ଟନାୟକ, ଲିଗାଲ ଆଡଭାଇଜର ଭାବେ ଅନୁପ ତରିଆ ତଥା କାର୍ଯ୍ୟକାରିଣୀ ସମିତି ସଦସ୍ୟ ଭାବେ ପ୍ରଦୀପ ବହିଦାର, ଶ୍ୟାମ ସୁନ୍ଦର ଅଗ୍ରୱାଲ ଓ ହେମନ୍ତ ମହାପାତ୍ରଙ୍କୁ ଚୟନ କରାଯାଇଛି।

### ୨ ମାସ ହେଲା ଭତ୍ତା ବନ୍ଦ

# ବ୍ଲକ୍ ଅଫିସରୁ ନିରାଶରେ ଫେରିଲେ ହିତାଧିକାରୀ

**କୁଚିଣ୍ଡା, ୨୧।୫(ସମିସ):** କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍ଏସ୍ଏପି) ଅଧୀନରେ ଭତ୍ତା ପାଉଥିବା ବୃଦ୍ଧ, ବିଧବା ଓ ଅସହାୟ ହିତାଧିକାରୀ ଗତ ଦୁଇ ମାସ ଧରି ଭତ୍ତା ଟଙ୍କା ନପାଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଭତ୍ତା ଭଳି ମୌଳିକ ସହାୟତା ପାଇଁ ବାରମ୍ବାର ପଞ୍ଚାୟତ ଅଫିସ ଦୌଡ଼ି ହଇରାଣ ହେବା ପରେ ଶେଷରେ ୪୫ ଡିଗ୍ରୀ ତାତିରେ ବାମରା ବ୍ଲକ ଅଫିସ ପହଞ୍ଚି ନିଜ ଦୁଃଖ ଜଣାଇଥିଲେ। କିନ୍ତୁ ସେଠାରେ ମଧ୍ୟ ଅଧିକାରୀଙ୍କ ଅନୁପସ୍ଥିତି ଓ ଅଫିସରେ ତାଲା ପଡ଼ିଥିବା ଦୃଶ୍ୟ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥିଲା। ବାମରା ବ୍ଲକ ଜରାବଗା ପଞ୍ଚାୟତର ସୈରେନ୍ଦ୍ରୀ ସୁନାନୀ, ବିମଳା ପ୍ରଧାନ, ଜ୍ୟୋତି ଦଳେଇ, ଉର୍ମିଳା ଭଇଁସା, ଦୀନବନ୍ଧୁ ଭଇଁସା, ପିତ ଭଇଁସା, ସୌକି ଭଇଁସା, କୁଟନା ଭୁଏ, ସତ୍ୟଭାମା ନାଏକ, ଜୋସେଫ ଡୁଙ୍ଗଡୁଙ୍ଗ, କୈକେୟୀ ପ୍ରଧାନ, ମନୋଜ ନାଏକ, ଦୁର୍ଯ୍ୟୋଧନ ପ୍ରଧାନ, ଲକ୍ଷ୍ମୀ ନାଏକ, ସୂର୍ଯ୍ୟ ବଲୁଆ, ସୁକୁମାରୀ ନାଏକ ଓ ବାଉଁଶଲଗା ପଞ୍ଚାୟତର କୈଳାଶ ବେହେରାଙ୍କ ସହ ଅନେକ ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ, ଏପ୍ରିଲ ଓ ମେ ମାସର ଭତ୍ତା ଟଙ୍କା ସେମାନଙ୍କ ଖାତାକୁ ଆସିନାହିଁ। ଫଳରେ ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଆବଶ୍ୟକତା ପୂରଣରେ ସେମାନେ ଗୁରୁତର ସମସ୍ୟାରେ

### ସରକାରୀ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ପଡ଼ିଛନ୍ତି। ହିତାଧିକାରୀମାନଙ୍କ କହିବା ଅନୁଯାୟୀ, ପ୍ରଥମେ ସେମାନେ ପଞ୍ଚାୟତ ଅଫିସକୁ ଯାଇଥିଲେ। କିନ୍ତୁ ସେଠାରେ କୌଣସି ସ୍ପଷ୍ଟ ଉତ୍ତର ମିଳିନଥିଲା। ପରେ ବାମରା ବ୍ଲକ ଅଫିସକୁ ଯାଇଥିଲେ ମଧ୍ୟ ସେଠାରେ ପୂର୍ବାହ୍ନ ସାଢ଼େ ୯ଟା ପର୍ଯ୍ୟନ୍ତ ଅଫିସରେ ତାଲା ପଡ଼ିଥିବା ବେଳେ ବିଡିଓ ମଧ୍ୟ ଅନୁପସ୍ଥିତ ଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ କୌଣସି ସମାଧାନ ନମିଳିବାରୁ ନିରାଶ ହୋଇ ଫେରିଯାଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗରିବ, ବୃଦ୍ଧ ଓ ଅସହାୟ ଲୋକଙ୍କ ପାଇଁ ସରକାର ଯୋଜନା ପରେ ଯୋଜନା ଘୋଷଣା କରୁଥିବା ବେଳେ ତୃଣମୂଳ ସ୍ତରରେ ସେହି ସୁବିଧା ପହଁଚୁନଥିବା ଘଟଣା ସରକାରୀ ବ୍ୟବସ୍ଥାର ଅସଫଳତାକୁ ପଦାରେ ପକାଇଛି। ଯେଉଁ ଭତ୍ତା ଟଙ୍କା ଉପରେ ବୃଦ୍ଧ ଓ ଅସହାୟ ଲୋକମାନଙ୍କ ଜୀବନ ନିର୍ଭର କରୁଛି, ସେହି ଟଙ୍କା ପାଇଁ ସେମାନଙ୍କୁ ଅଫିସରୁ ଅଫିସ ଦୌଡ଼ିବାକୁ ପଡୁଛି। ଏହା କେବଳ ପ୍ରଶାସନିକ ଅବହେଳା ନୁହେଁ, ବରଂ ଗରିବ ଲୋକଙ୍କ ପ୍ରତି ସରକାରୀ ସମ୍ବେଦନହୀନତାର ଜ୍ୱଳନ୍ତ ଉଦାହରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଏପରି ସମୟରେ ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, (ଏନ୍ଏସ୍ଏପି)ଯୋଜନାର ଭତ୍ତା(ଡିବିଟି) ପ୍ରକ୍ରିୟାରେ ତ୍ରୁଟି ସୃଷ୍ଟି ହେବାରୁ ବଣ୍ଟନରେ ବିଳମ୍ବ ଘଟିଛି। ତୁରନ୍ତ ସମସ୍ତ ହିତାଧିକାରୀଙ୍କ ଖାତାକୁ ଭତ୍ତା ଟଙ୍କା ପ୍ରଦାନ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# 'ୱାର୍ଲଡ ୱର୍ସିପ ଫାଉଣ୍ଡେସନ' ଉଦ୍‌ଘାଟିତ




**ସମ୍ବଲପୁର, ୨୧।୫(ସମିସ):** ସମାଜର ସେବା ଉଦ୍ଦେଶ୍ୟରେ 'ୱାର୍ଲଡ ୱର୍ସିପ ଫାଉଣ୍ଡେସନ' ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ ପୂଜା ଅର୍ଚ୍ଚନା କରାଯିବା ସହ ଉପସ୍ଥିତ ଅତିଥିଙ୍କୁ ପୂଜା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବହୁ ସଂଖ୍ୟକ ସାମ୍ବାଦିକ ଓ ସମ୍ବଲପୁରର ବୁଦ୍ଧିଜୀବୀଙ୍କ ଉପସ୍ଥିତରେ ସଂସ୍ଥାର ସାମାଜିକ କଲ୍ୟାଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ବ୍ରଜ ମୋହନ ଗୋଏଲ, ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ, ସମ୍ପାଦକ ମଧୁ ସୂଦନ ଚଇନି ଓ କୋଷାଧ୍ୟକ୍ଷ ବିମଳା ଦେବୀ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଫାଉଣ୍ଡେସନ୍ ଶାନ୍ତି, ସମୃଦ୍ଧି ଓ ସମଗ୍ର ମାନବ କଲ୍ୟାଣ ପାଇଁ ଦାର୍ଶନିକ ସାହିତ୍ୟ ଓ ସାମାଜିକ ସେବା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟ କରିବାକୁ ସମର୍ପିତ। ଅଧ୍ୟକ୍ଷ ଶ୍ରୀ ଗୋଏଲ କହିଛନ୍ତି ଟ୍ରଷ୍ଟର ପ୍ରୟାସ ରହିବଯେ, ପରିବେଶ ପ୍ରଦୂଷଣ କମାଇ ସବୁଜ ପରିବେଶ ସୃଷ୍ଟି କରିବା ସହିତ ଉତ୍ତମ ଅକ୍ସିଜେନ୍ ଗୁଣବତ୍ତା ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବ। ବିଶେଷ ଭାବରେ ଶିକ୍ଷା, ପରିବେଶ ସୁରକ୍ଷା ଓ ପାନୀୟ ଜଳର ସମସ୍ୟାର ସମାଧାନ ଦିଗରେ ଟ୍ରଷ୍ଟ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଉପଦେଷ୍ଟା କହିଛନ୍ତି। ସମାଜରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହ ଯୁବପିଢିଙ୍କୁ ସଂସ୍କାରିତ କରିବା ମଧ୍ୟ ଟ୍ରଷ୍ଟର ବିଶେଷ ଆଭିମୁଖ୍ୟ ବୋଲି କୋଷାଧ୍ୟକ୍ଷ କହିଥିଲେ। ପ୍ରୀନ୍ସ ଗୁପ୍ତା ଫାଉଣ୍ଡେସନର ଟେକନିକାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଶେଷରେ ସମ୍ପାଦକ ଶ୍ରୀ ଚଇନି ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସ +୨ ବିଜ୍ଞାନ କଲେଜ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ



**ସମ୍ବଲପୁର, ୨୧।୫(ସମିସ):** ବିଜ୍ଞାନ ଶିକ୍ଷାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସମ୍ବଲପୁରରେ ପ୍ରତିଷ୍ଠିତ 'ଏମ୍‌ସ ଯୁକ୍ତ ଦୁଇ ବିଜ୍ଞାନ କଲେଜ' ପଶ୍ଚିମ ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଟେ। ଚଳିତ ବର୍ଷ କଲେଜଟି ଆଶାତୀତ ସଫଳତା ହାସଲ କରିଛି। ଏଠାରେ ଉଚ୍ଚ ଖ୍ୟାତିସମ୍ପନ୍ନ ତଥା ଅଭିଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଏ। ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟକୁ ସରଳ ଓ ସୁବୋଧ କରିବା ପାଇଁ ଡିଜିଟାଲ୍ କ୍ଲାସରୁମ୍‌ର ସୁବିଧା ମଧ୍ୟ ରହିଛି। ଶିକ୍ଷାଦାନ ପୂର୍ବରୁ ସୁସଂଗଠିତ ଯୋଜନା ପ୍ରସ୍ତୁତ କରାଯାଏ। ସେହି ଯୋଜନା ଅନୁସାରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପରୀକ୍ଷା ନିୟମିତ ଭାବେ କରାଯାଏ। କୌଣସି ବିଷୟରେ ଛାତ୍ରଛାତ୍ରୀ ଦୁର୍ବଳ ଥିବା ଜଣାପଡ଼ିଲେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ କରାଯାଏ। ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ସହିତ ଓଜେଇଇ, ନିଟ, ଓୟୁଏଟି ଓ ଜେଇଇ ମେନ ପରୀକ୍ଷାରେ ମଧ୍ୟ କଲେଜର ବିଦ୍ୟାର୍ଥୀ ଭଲ ପ୍ରଦର୍ଶନ କରିଛି। ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା ରହିଛି। ଏହାର ଫଳସ୍ୱରୂପ ଏଠାର ଛାତ୍ରଛାତ୍ରୀମାନେ ଏନଆଇଟି ରାଉରକେଲା, ଓୟୁଏଟି ଓ ଭିସୁଟ ବୁର୍ଲା ପରି ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି।

ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟପୁସ୍ତକ ସହିତ ପ୍ରବେଶିକା ପରୀକ୍ଷା ପାଇଁ ଉପଯୋଗୀ ଉଚ୍ଚମାନର ରେଫରେନ୍ସ ପୁସ୍ତକ ମହାବିଦ୍ୟାଳୟରେ ଉପଲବ୍ଧ ରହିଛି। ଏହା ସହିତ ମହାପୁରୁଷମାନଙ୍କ ଜୀବନୀ, ପୁରସ୍କାରପ୍ରାପ୍ତ ପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷଣୀୟ ପୁସ୍ତକ ପଢ଼ିବାର ସୁଯୋଗ ଛାତ୍ରଛାତ୍ରୀମାନେ ପାଆନ୍ତି, ଯାହା ସେମାନଙ୍କର ନୈତିକ ଗୁଣର ବିକାଶରେ ସହାୟକ ହୁଏ। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଭାଗର ଲାବୋରାଟୋରୀଗୁଡ଼ିକ ଆଧୁନିକ ଶୈଳୀରେ ସୁସଜ୍ଜିତ। ପ୍ରତ୍ୟେକ ବିଷୟ ପାଇଁ ସ୍ୱତନ୍ତ୍ର ଅଧ୍ୟାପକ ନିଯୁକ୍ତ ହୋଇଥାନ୍ତି ଓ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାକ୍ଟିକାଲ କରାଯାଏ। ଅଧ୍ୟାପକମାନେ ମଧ୍ୟ ପ୍ରାକ୍ଟିକାଲ କ୍ଲାସରେ ସକ୍ରିୟ ଭାବେ ସଂଶ୍ଳିଷ୍ଟ ରହନ୍ତି। ଛାତ୍ରଛାତ୍ରୀମାନଙ୍କ ଶାରୀରିକ ସୁସ୍ଥତାକୁ ଦୃଷ୍ଟିରେ ରଖି ୨୪x୭ ଜଣେ ନର୍ସ ଓ ଜଣେ ଫାର୍ମାସିଷ୍ଟ ଉପଲବ୍ଧ ରହନ୍ତି। ମହାବିଦ୍ୟାଳୟ ପରିସରରେ ଉଚ୍ଚମାନର ଛାତ୍ରାବାସ ଓ ଛାତ୍ରୀନିବାସର ସୁବିଧା ରହିଛି। ବିଦ୍ୟୁତ୍ ସରବରାହ ନିରବିଚ୍ଛିନ୍ନ ରଖିବା ପାଇଁ ୨୪ ଘଣ୍ଟିଆ ଜେନେରେଟର ସୁବିଧା ରହିଛି। ଜଳଜନିତ ରୋଗକୁ ରୋକିବା ପାଇଁ ହଷ୍ଟେଲ ଓ ମହାବିଦ୍ୟାଳୟ ପରିସରରେ ବିଶୁଦ୍ଧପାନୀୟ ଜଳର ବ୍ୟବସ୍ଥା କରାଯାଇଛି।ମହାବିଦ୍ୟାଳୟରେ ନିରାପତ୍ତା ଓ ଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦିଆଯାଏ। ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ଓ ସଚେତନତା ବିଷୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଏ। ସମଗ୍ର କ୍ୟାମ୍ପସରେ, ଯଥା ଶ୍ରେଣୀକକ୍ଷ, ଲାବୋରାଟୋରୀ, ଲାଇବ୍ରେରୀ ଓ ମହାବିଦ୍ୟାଳୟ ପରିସରରେ ସିସିଟିଭି କ୍ୟାମେରା ବ୍ୟବହୃତ ହୋଇଛି। ଏହା ଦ୍ୱାରା ମହାବିଦ୍ୟାଳୟ ପରିବେଶ ସୁରକ୍ଷିତ ଓ ଶୃଙ୍ଖଳିତ ରହିଥାଏ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଆ।।ସୁରକ୍ଷା ତାଲିମ ମଧ୍ୟ ପ୍ରଦାନ କରାଯାଏ। କ୍ୟାଣ୍ଟିନ୍‌ରେ ପୁଅ ଓ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଡାଇନିଂ ହଲ ବ୍ୟବସ୍ଥା ରହିଛି। ସପ୍ତାହର ସାତଦିନ ଛାତ୍ରଛାତ୍ରୀଙ୍କ ପସନ୍ଦ ଅନୁଯାୟୀ ବିଭିନ୍ନ ପ୍ରକାରର ଜଳଖିଆ ଓ ଭୋଜନର ବ୍ୟବସ୍ଥା କରାଯାଏ। ପିଲାମାନଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସୁସ୍ୱାଦୁ ଓ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରାଯାଏ। ଚଳିତ ବର୍ଷ ଏମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଶ୍ଚିମ ଓଡ଼ିଶାରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ସୁଶ୍ରୀ କୁନ୍ତୀ ସାହୁ ୫୯୭ ନମ୍ବର (୯୯.୫୦ପ୍ରତିଶତ) ରଖି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ସର୍ବମୋଟ ୨୨୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୧ ଜଣ ପ୍ରଥମ ଶ୍ରେଣୀରେ ଓ ୯ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଗତ ଚଉଦ ବର୍ଷ ଧରି ମହାବିଦ୍ୟାଳୟ ଶତ ପ୍ରତିଶତ ପାସ୍ ହାର ବଜାୟ ରଖିଆସୁଛି। ଅଧିକାଂଶ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ତୁଳନାରେ ଦ୍ୱାଦଶ ଶ୍ରେଣୀରେ ଅଧିକ ନମ୍ବର ରଖି ସଫଳତା ହାସଲ କରୁଛନ୍ତି।

### କଳିଙ୍ଗ କଲେଜର ଅପୂର୍ବ ସଫଳତା

# ବିଜ୍ଞାନରେ ସମ୍ବିତ ସ୍ୱାଇଁ, କଳାରେ ବିଶ୍ୱଜିତା ସାହୁ ଟପ୍ପର



**ରେଢ଼ାଖୋଲ, ୨୧।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ କଳିଙ୍ଗ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ଓ କଳା ବିଭାଗର ରେଜଲ୍ଟରେ ଅପୂର୍ବ ସଫଳତା ହାସଲ କରି ରେକର୍ଡ ସୃଷ୍ଟି କରିଛି। ବିଜ୍ଞାନ ବିଭାଗରେ ଆୟୁଷ୍ମାନ ସମ୍ବିତ ସ୍ୱାଇଁ ୫୮୩ ନମ୍ବର ରଖି ୯୭.୮୨%, ପୁଲିନ ପ୍ରଧାନ ୫୫୭ ନମ୍ବର ରଖି ୯୨.୪୩%, ବାସୁଦେବ ନାଏକ ୫୫୫ ନମ୍ବର ରଖି ୯୨.୨%, ସ୍ୱାଗତ ସୌରଭ ପ୍ରଧାନ ୫୫୩ ନମ୍ବର ରଖି ୯୨.୧୬% ଶତକଡା ରଖି କଲେଜ୍ ପାଇଁ ଗର୍ବ ଓ ଗୌରବ ଆଣିଥିବା ବେଳେ ୧୫ ଜଣ ଛାତ୍ରଛାତ୍ରୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୯୦ ଜଣ ଛାତ୍ରଛାତ୍ରୀ ୪୦୦ରୁ ଉର୍ଦ୍ଧ୍ୱର୍ ନମ୍ବର ରଖି ରେକର୍ଡ କରିବାରେ ସଫଳ ହେଇଛନ୍ତି। ସେହିଭଳି ଯୁକ୍ତ ଦୁଇ କଳା ପରୀକ୍ଷାରେ ବାଗ୍ମୀ ବିଶ୍ୱଜିତା ସାହୁ ମୋଟ୍ ୫୪୬ ମାର୍କ ରଖି ୯୧% ପାଇଥିବା ବେଳେ ଲିପସା ମିର୍ଦ୍ଧା, ପୂର୍ଣ୍ଣିମା ପ୍ରଧାନ, ରାହୁଲ ପ୍ରଧାନ, ଆନନ୍ଦ କନ୍ଧ ଦାଶ, ପାୟଲ ବେହେରା, ସୁଶ୍ରୀ ସିନୁ ସରାଫ ଏବଂ ମଳୟ ରଞ୍ଜନ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀ ୪୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି ଏବଂ ୬୦ ଜଣ ବିଦ୍ୟାର୍ଥୀ ପ୍ରଥମ ସ୍ଥାନ ଲାଭ କରି କଲେଜ ପାଇଁ ଏକ ସୁନ୍ଦର୍ ସମ୍ଭାବନା ଆଣିଛନ୍ତି। ମୋଟାମୋଟି ଭାବରେ ଶତକଡା ଶହେରୁ ଶହେ ବିଦ୍ୟାର୍ଥୀ ଉକ୍ତ ପରୀକ୍ଷାରେ ସନ୍ତୋଷଜନକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଟିଫିନ୍ ସେଣ୍ଟରରୁ ୭ ସିଲିଣ୍ଡର ଜବତ



**ସମ୍ବଲପୁର, ୨୧।୫(ସମିସ):** ଜିଲ୍ଲା ନାଗରିକ ଯୋଗାଣ ପ୍ରବର୍ତ୍ତନ ସ୍କ୍ୱାଡ୍ ପକ୍ଷରୁ ଅଇଁଠାପାଲି ଛକସ୍ଥିତ ଏକ ଟିଫିନ୍ ସେଣ୍ଟରରେ ଚଢ଼ଉ କରାଯାଇଥିଲା। ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ଅଭିଯୋଗରେ ଦୋକାନ ମାଲିକ କେ. ଅଶୋକ ମୁଦୁଲିୟାରଙ୍କଠାରୁ ମୋଟ ୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି।ସୂଚନା ଅନୁଯାୟୀ ୨ଟି ଖାଲି ଥିବା ବିପିସିଏଲ ଘରୋଇ ସିଲିଣ୍ଡର, ୪ଟି ଖାଲି ଏଚପିସିଏଲ ଘରୋଇ ସିଲିଣ୍ଡର, ୧ଟି ଆଇଓସିଏଲ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି।

# ମାଛ ନ ଦେବାରୁ ହାଣିଦେଲା, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୧।୫(ସମିସ):** ବୁର୍ଲା ପୁଲିସ ହତ୍ୟା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ଯୁଯୁମୁରା ଥାନା ଡୋଲୁମୁଣ୍ଡାର ତଥା ବୁର୍ଲା ଥାନା ଲଡୁଖାଇରେ ରହୁଥିବା ଶିବ ସିଂ(୬୫)। ଅଭିଯୁକ୍ତର ଟାଙ୍ଗିଆ ଚୋଟରେ ବଲାଙ୍ଗିର ଟିଟଲାଗଡ଼ ଥାନା ଗୁଖରୁଙ୍ଗ ତଥା ଲଡୁଖାଇରେ ରହୁଥିବା ଗୌର ବଗର୍ତ୍ତି(୬୫)ଙ୍କ ମୃତ୍ୟୁ ହୋଇଛି। ଥାନା ଆଇଆଇସିଙ୍କ ସୂଚନା ଅନୁସାରେ ଅଭିଯୁକ୍ତ ଓ ମୃତ ପାଖରେ ରହୁଥିଲେ। ଦିନ ବେଳେ ମାଛ ମାରି ଆଣିଥିଲେ। ବୁଧବାର ସନ୍ଧ୍ୟାରେ କାହିକି ମାଛ ନ ଦେବାରୁ ଅଭିଯୁକ୍ତ ଝଗଡ଼ା କରିଥିଲା। ପରେ ଉତ୍ୟକ୍ତ ହୋଇ ଟାଙ୍ଗିଆରେ ହାଣି ଦେଇଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।



■ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା

# ମୁଖ୍ୟ ଅଭିଯୁକ୍ତ ସହ ୩ ଗିରଫ

ଝାରସୁଗୁଡ଼ା,୨୧।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଣେ ନାବାଳିକା ଆଟେଣ୍ଡାଣ୍ଟଙ୍କୁ ଦୁଷ୍କର୍ମ କରାଯାଇଥିବା ଭଳି ଏକ ସଂଘାତିକ ଅଭିଯୋଗ ହୋଇଥିଲା । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ସହଯୋଗ କରିଥିବା ଜଣେ ଯୁବକ ଓ ଜଣେ ଯୁବତୀଙ୍କୁ ଝାରସୁଗୁଡା ଏୟାରପୋର୍ଟ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଜଣେ ନାବାଳିକା ନିଜ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଥିଲେ । ନାବାଳିକା ଜଣକୁ ସେଠାରେ ଏକା ଦେଖି ବୁରୋମାଲ ଗଡନ୍ତିଆପଡ଼ା ଅଞ୍ଚଳର ଅଭିଯୁକ୍ତ ରାଜା ବେସନ (୨୪) ଦୁଷ୍କର୍ମ କରିଥିଲା । ତେବେ ଏହି ଘଟଣା ପଛରେ ଏକ ବଡ଼ ଚକ୍ରାନ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା । ମୁଖ୍ୟ ଅଭିଯୁକ୍ତର ସମ୍ପର୍କୀୟ ଭଉଣୀ ତୃପ୍ତି ନାଏକ (୧୯) ଚାହା' ପିଇବା ବାହାନାରେ ପ୍ରଥମେ ନାବାଳିକାଙ୍କୁ ହସ୍ପିଟାଲ ପରିସରରୁ ବାହାରକୁ ଡାକି ଆଣିଥିଲା । ଏହାପରେ ତୃପ୍ତି ଏବଂ ମୁଖ୍ୟ ଅଭିଯୁକ୍ତର ଅନ୍ୟତମ ସହଯୋଗୀ ଆକାଶ ପ୍ରଧାନ (୨୦) ମିଶି ନାବାଳିକାଙ୍କୁ ରାଜା ବେସନ ପାଖରେ ପହଞ୍ଚାଇବାରେ ସହଯୋଗ କରିଥିଲେ । ଅଭିଯୁକ୍ତ ରାଜା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ସାଗୱାନ ଜଙ୍ଗଲକୁ ନେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ଗତ ୧୮ ତାରିଖ ଦିନ ପୀଡ଼ିତାଙ୍କ ପକ୍ଷରୁ ଅଭିଯୋଗ ପାଇବା ମାତ୍ରେ ଏୟାରପୋର୍ଟ ଥାନା ପୁଲିସ ଅତି ସମ୍ବେଦନଶୀଳତାର ସହ ତୁରନ୍ତ ଏକ ମାମଲା ପଞ୍ଜିକୃତ କରିଥିଲା । ଏୟାରପୋର୍ଟ ଥାନା ଆଇଆଇସି ପ୍ରଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବୈଷୟିକ ପ୍ରମାଣ ଓ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ପୁଲିସ ୧୯ ତାରିଖ ଦିନ ଅପରାଧରେ ସହଯୋଗ କରିଥିବା ଆକାଶ ପ୍ରଧାନ ଓ ତୃପ୍ତି ନାଏକଙ୍କୁ ବୁରୋମାଲ ଅଞ୍ଚଳରୁ ଗିରଫ କରିଥିଲା । ଏହାପରେ ସେମାନଙ୍କ ସୂଚନା ଆଧାରରେ ଫେରାର ହେବାକୁ ଚେଷ୍ଟା କରୁଥିବା ମୁଖ୍ୟ ଅଭିଯୁକ୍ତ ରାଜା ବେସନକୁ ସେହିଦିନ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ପୁଲିସ କାବୁ କରିବାରେ ସଫଳ ହୋଇଥିଲା । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

# ଯୁବତୀଙ୍କୁ ମାଡ଼ ମାରିବା ଘଟଣା; ଅଭିଯୁକ୍ତ ଗିରଫ

ଦେବଗଡ଼,୨୧।୫(ସମିସ): ଗତ ଏପ୍ରିଲ ୨୭ ତାରିଖ ଦିନ ରିଆମାଳ ଥାନା ଦୁଧିଆନାଳୀ ଗ୍ରାମରେ ଯୁବତୀଙ୍କୁ ଉଲଗ୍ନ କରି ମାରିବା ଘଟଣାରେ ପୁଲିସ ଆଜି ଅଭିଯୁକ୍ତ ବିରଞ୍ଚି ବାଘ(୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାକୁ ଜେଲ୍‌ହାଜତକୁ ପଠାଇ ଦିଆଯାଇଛି । ଦୁଧିଆନାଳୀ ଗ୍ରାମର ବିରଞ୍ଚି ବାଘ ଗତ ଏପ୍ରିଲ ୨୭ ମଧ୍ୟାହ୍ନରେ ପଡ଼ୋଶୀଙ୍କ ବିରୋଧରେ ଆପତ୍ତିଜନକ କଥାକହି ପାଟିତୁଣ୍ଡ କରୁଥିଲା । ଏକଥାକୁ ତାଙ୍କ ଝିଅ ସହ୍ୟ କରିପାରି ନ ଥିଲେ । କିଛି ସମୟ ପରେ ଯୁବତୀ ଜଣକ ''ମୋ ବାପାଙ୍କ ଅନୁପସ୍ଥିତିରେ ତାଙ୍କ ବିରୋଧରେ ଅଶ୍ରାବ୍ୟ ଭାଷାରେ କାହିଁକି ଗାଳି ଗୁଲଜ କରୁଛ' ବୋଲି ପ୍ରଶ୍ନ କରିବାରୁ ଅଭିଯୁକ୍ତ ବିରଞ୍ଚି ତାଙ୍କ ତଣ୍ଟିକୁ ଧରି ପୋଷାକକୁ ଫାଡ଼ି ଦେଇଥିଲା । ଏତିକିରେ ଅଭିଯୁକ୍ତର ରାଗ ଶାନ୍ତ ହୋଇନଥିଲା , ସେ ଉକ୍ତ ରାତ୍ରି ପ୍ରାୟ ୧୧ଟା ୩୦ରେ ପୀଡିତାଙ୍କ ଘରକୁଯାଇ ତାଙ୍କୁ ଖୋଜିଥିଲା । ମାତ୍ର ଯୁବତୀଙ୍କୁ ପାଇ ନ ଥିଲା । ଯୁବତୀ ଜଣକ ଏକଥା ଜାଣିବା ପରେ ଭୟରେ ବଡ଼ ଭଉଣୀ ଘରକୁ ପଳାଇଥିଲେ । ସେ ୨୯ ତାରିଖ ମଧ୍ୟାହ୍ନରେ ଘରକୁ ଫେରିବା ସହ ଅପରାହ୍ନରେ ଦୁଧିଆନାଳି ହାଟପଦାକୁ ଯାଇଥିଲେ । ଏହି ସମୟରେ ବିରଞ୍ଚି କେତେକ ଯୁବକଙ୍କୁ ହାତକରି ଯୁବତୀଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିଲା । ଯୁବତୀ ଜଣକ ଏନେଇ ନିଜର କାକାମାନଙ୍କୁ ଜଣାଇବାସହ ଘରକୁ ଫେରି ଆସିଥିଲେ । ଉକ୍ତ ରାତ୍ରୀରେ ଯୁବତୀ ଜଣକ ପୁତୁରାଙ୍କ ଘରେ ଶୋଇଥିବାବେଳେ ରାତ୍ରୀ ପ୍ରାୟ ୧ଟା ସମୟରେ ବିରଞ୍ଚି ଅନ୍ୟ ତିନିଜଣଙ୍କ ସହିତ ସେଠାରେ ପହଞ୍ଚି ବାହାର ପଟୁ କବାଟ ପିଟିଥିଲା । ଯୁବତୀ ଓ ତାଙ୍କ ପୁତୁରା ମାନେ ପାଟି କରିବାରୁ ବିରଞ୍ଚି ଓ ଅନ୍ୟମାନେ ଫେରାର ହୋଇଯାଇ ଥିଲେ । ଏନେଇ ପୀଡିତା ଯୁବତୀ ଜଣକ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା । ଆଜି ଅଭିଯୁକ୍ତ ବିରଞ୍ଚିକୁ ଗିରଫକରି କୋର୍ଟଚାଲାଣ କରିଥିଲା ।



# ବିଜେଡି ପକ୍ଷରୁ ନାରୀ ଅଧିକାର କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୧।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁରଠାରେ ବିଜେଡି ପକ୍ଷରୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ନାରୀ ଅଧିକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ନିର୍ବାଚନ ମଣ୍ଡଳୀସ୍ତରୀୟ ନାରୀ ଅଧିକାର କାର୍ଯ୍ୟକ୍ରମରେ ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ସହ ବିଜୁ ଜନତାଦଳର ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ବିଜେପି ସରକାର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ବିଜେପି ସରକାର ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ଥିବାବେଳେ ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ମଧ ବିଫଳ ହୋଇଥିବାନେଇ ଅଭିଯୋଗ କରି ବିଜେଡି ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ଏହା ସହିତ ଲଖନପୁର ବ୍ଲକ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇ ଲଖନପୁର ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରାଯାଇଥିଲା । ଏହାସହ ବିଜେଡି ପକ୍ଷରୁ କୁହାଯାଇଛି ଯେ ମହିଳା ସଂରକ୍ଷଣକୁ ବିଜେଡି ସବୁବେଳେ ପ୍ରାଥମିକତା ଦେଇଆସିଛି ଏବଂ ଆଗକୁ ମଧ ଦିଆଯିବ କିନ୍ତୁ ବିଜେପି ମହିଳା ସଂରକ୍ଷଣ ବିଲ୍ ଆଳରେ ସୀମା ପୁନଃ ନିର୍ଧାରଣ ବିଲକୁ ଲୁକ୍କାୟିତ ଭାବରେ ପାସ୍ କରିବା ପାଇଁ ଯୋଜନାକରି ବିଜେପି ବିଫଳ ହୋଇଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଏହି ଅବସରରେ କୁହାଯାଇଛି । ତେଣୁ ପ୍ରଥମେ ଲୋକସଭା ଏବଂ ରାଜ୍ୟସଭାରେ ବିଜେପି ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାସହ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ରୋକ୍ ଲଗାଉ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ନାରୀ ଅଧିକାର କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ସମେତ ବିଜେଡିର ଅନେକ ପଦାଧିକାରୀଙ୍କ ସମେତ ମହିଳା ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ ।



# କଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ରାଜସ୍ୱ ମନ୍ତ୍ରୀ

ଝାରସୁଗୁଡ଼ା,୨୧।୫ (ସମିସ): ବ୍ରଜରାଜନଗର ପୌରପରିଷଦ ଅଞ୍ଚଳର ବିକାଶ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ବ୍ରଜରାଜନଗରଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ବ୍ରଜରାଜନଗର ଠାରେ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ''ଅଟଳ ବସ୍ ଷ୍ଟାଣ୍ଡ' ର ଶିଳାନ୍ୟାସ କରିଥିଲେ । ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ୨୦୨୩-୨୪ ଯୋଜନା ଅନୁସାରେ ଅନୁମୋଦିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଦ୍ୱାରା କରାଯିବ । ଏହାର ମୋଟ ନିର୍ମାଣ ବ୍ୟୟ ୩୨.୭୮ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ୨୦୨୭ ଅଗଷ୍ଟ ସୁଦ୍ଧା କାମ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି । ବ୍ରଜରାଜନଗରର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ ଗୋଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ ଗୋଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଭାରପ୍ରାପ୍ତ ନଗରପାଳ କ୍ରିଷ୍ଣା ଗୋପାଲ ସିଟାନୀ, ବ୍ରଜରାଜନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଏସଡିପିଓ ଚିନ୍ତାମଣି ପ୍ରଧାନ, ହାଉସିଙ୍ଗ ବୋର୍ଡର ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ଦଳେଇ ଝାରସୁଗୁଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର ଓଏସ ଆରଟିସିର ଜିଲ୍ଲା ମ୍ୟାନେଜର ଚିନ୍ତାପାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାୟ ୩.୩୦ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ ବସ୍ ଷ୍ଟାଣ୍ଡର ମୋଟ ନିର୍ମିତ କ୍ଷେତ୍ରଫଳ ୯୨୧୯.୩୨ ବର୍ଗ ମିଟର ରହିବ । ଉଦ୍‌ଘାଟିତ ୧୨ଟି ମୁଖ୍ୟ ପ୍ରକଳ୍ପ ମଧ୍ୟରେ ଗୋଆଲ ଚୌକଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଡ୍ରାମା ପେଣ୍ଡାଲ, ଇକୋ ପାର୍କରେ ୧୮ ଲକ୍ଷ ଟଙ୍କାର ଯୋଗ ପିଣ୍ଡି, ୧୭ ଲକ୍ଷ ଟଙ୍କା ବ୍ୟୟରେ ସହିଦ ସ୍ମୃତି ରକ୍ଷା ଓ ମଧୁସୂଦନ ଚୌକର ନବୀକରଣ ଏବଂ ୨୦୬ ଲକ୍ଷ ଟଙ୍କା ବ୍ୟୟରେ ୫ଟି ଅତିରିକ୍ତ ଶ୍ରେଣୀ ଗୃହ ସହ ସ୍କୁଲ ବିଲ୍ଡିଂ ନିର୍ମାଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ସାଂସଦ ପାଣ୍ଠିରୁ ଲାମଟିବାହାଲଠାରେ କମ୍ୟୁନିଟି ସେଣ୍ଟର ପାଇଁ ୬.୭୫ ଲକ୍ଷ ଏବଂ ପାୱାର ହାଉସ ପଡ଼ାଠାରେ କମ୍ୟୁନିଟି ସେଣ୍ଟର ପାଇଁ ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ଜି.ଏମ.କମ୍ପ୍ଲେକ୍ସ ନିକଟରେ ୩.୬ କୋଟି ଟଙ୍କାର ଆଧୁନିକ ଆମିଷ ବଜାର, ୩.୪୨ କୋଟି ଟଙ୍କାର ସ୍ୱତନ୍ତ୍ର ପାଠାଗାର, ଲାମଟିବାହାଲଠାରେ ୨.୧ କୋଟି ଟଙ୍କାର କଲ୍ୟାଣ ମଣ୍ଡପ ଏବଂ ଟନେଲ ରୋଡ୍ ନିକଟରେ ୧.୨ କୋଟି ଟଙ୍କା ବ୍ୟୟରେ ଏକ ସଫି କମ୍ପ୍ଲେକ୍ସ ନିର୍ମାଣ କରାଯିବା ନେଇ ପ୍ରସ୍ତୁତି ସରିଛି । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବ୍ରଜରାଜନଗର ପୌରପାଳିକା ପକ୍ଷରୁ ପ୍ରାୟ ୩୬ କୋଟି ଟଙ୍କାର ଏକ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତାବିତ କରାଯାଇଛି । ସନ୍ତୋଷ ଦଳେଇ ଧନ୍ୟବାଦ ଦେଇଥିଲେ ।



# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଦେବଗଡ଼,୨୧।୫(ସମିସ): ବାରକୋଟ ଥାନା ଅଧୀନ ଗୁରୁସଙ୍ଗ ଗ୍ରାମରୁ ପୁଲିସ ଆଜି ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ମୃତ ମହିଳା ଜଣକ ଗୁରୁସଙ୍ଗ ଗ୍ରାମର ସ୍ୱର୍ଗତ ରାଜୁ ବେହେରାଙ୍କ ସ୍ତ୍ରୀ ମମତା ବେହେରା (୪୦)ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁସଙ୍ଗ ଗ୍ରାମର ରାଜୁ ବେହେରାଙ୍କ ଦେହାନ୍ତ ପରେ ମମତା ଦ୍ୱିତୀୟ ସ୍ୱାମୀ ଭାବେ ପୁରୁଣାପାଣି ଗ୍ରାମର ଗୋବିନ୍ଦ ନାୟକଙ୍କୁ ବିବାହ କରିଥିଲେ । ମାତ୍ର ପ୍ରଥମ ସ୍ୱାମୀ ରାଜୁଙ୍କ ପୁଅ, ଝିଅ ଗୁରୁସଙ୍ଗ ଗ୍ରାମରେ ରହୁଥିବାରୁ ବିଭିନ୍ନ ସମୟରେ ସେମାନଙ୍କୁ ଦେଖା କରିବା ପାଇଁ ମମତା ଗୁରୁସଙ୍ଗ ଗ୍ରାମକୁ ଆସୁଥିଲେ । ସେହି କ୍ରମରେ ମମତା ଗୁରୁସଙ୍ଗ ଗ୍ରାମକୁ ଆସିଥିବା ବେଳେ ଆଜି ସକାଳେ ତାଙ୍କର ମୃତଦେହ ଉକ୍ତ ଗ୍ରାମର ରାସ୍ତା କଡରେ ଥିବା ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ଉକ୍ତ ରାସ୍ତା ଦେଇ ଯାଉଥିବା କେତେକ ଲୋକ ମମତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ସୂଚନାପାଇ ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ମୃତଦେହ ଉଦ୍ଧାର କରି ସଂଧ୍ୟାରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି । ପାରିପାଶ୍ୱିକ ପରିସ୍ଥିତିରୁ କୌଣସି କାରଣରୁ ମହିଳା ଜଣକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ପକ୍ଷରୁ ଅନୁମାନ କରିଛି ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427; ଇମେଲ: crpd@sbi.co.in

ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି
(ବିଜ୍ଞାପନ ନଂ. CRPD/APPR/2026-27/07)

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି ।

ଆପ୍ରେଣ୍ଟିସେସ୍ ସଂଖ୍ୟା: 7150
ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ

(ଯନ୍ତ୍ର: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛି)

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

ସ୍ଥାନ: ମୁମ୍ବାଇ
ତାରିଖ: 19.05.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)





# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ।

-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ତଥ୍ୟ ଉତ୍ତରାଧିକାର

ସୁନା, ୟୁରାନିୟମ୍, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟ(ଡାଟା)ର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୁଗରେ 'ତଥ୍ୟ' ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ 'ତଥ୍ୟ'ର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି 'ତଥ୍ୟ'କୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି?

ଏଭଳି ଏକ କୌତୂହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତର କାଠଗଡ଼ା ଭିତରକୁ ଆସିଛି। ଗୁଜରାଟର ଗାନ୍ଧୀନଗର ଦୌରା ଜଜ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ୍‌ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ୍ ଓ ଆଇକ୍ଲାଉଡ୍‌କୁ ଖୋଲିବା ପାଇଁ ପରିବାର ଲୋକେ ଆଇଫୋନ୍ ନିର୍ମାତା ଆପଲ୍ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସ୍‌ୱାର୍ଡ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ୍ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ୍ ସକ୍‌ସେସନ୍ ଆକ୍ଟ-୧୯୨୫ ଆଧାରରେ ଫୋନ୍‌ରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର ବୋଲି ଦାବି କଲେ।

ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ(ଜେନେରାଲ୍ କ୍ଲଜ୍ ଆକ୍ଟ) ଡିଜିଟାଲ୍ ତଥ୍ୟ ମଧ୍ୟ ସଚଳ ବା ଅସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନ୍‌ଏଫ୍‌ଟିକୁ 'ଡିଜିଟାଲ୍ ଆସେଟ୍' ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷର ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ୍ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି, ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କର ସନ୍ତୁଳନ ବିଗିଡ଼ିଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରଣୋତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପୀନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନ୍‌ରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ୍ ବାଧ୍ୟ ହୋଇଛି।

ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ(ଫେଡେରାଲ୍ କୋର୍ଟ ଅଫ୍ ଜଷ୍ଟିସ୍ ଅଫ୍ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ୧୫ ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସ୍‌ବୁକ୍ ଆକାଉଣ୍ଟର ପାସ୍‌ୱାର୍ଡ ଦେବାକୁ ଫେସ୍‌ବୁକ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସ୍‌ବୁକ୍ ଏହକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତି ଅଦାତଲର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ୍ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ 'ଜେନେରାଲ୍ ଡାଟା ପ୍ରୋଟେକସନ୍ ରେଗୁଲେସନ୍' ଅନୁଯାୟୀ 'ତୃତୀୟପକ୍ଷ'ଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି, କିନ୍ତୁ ପରିବାର ଲୋକେ 'ତୃତୀୟପକ୍ଷ' ନୁହନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ; କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର। ଏହାପରେ ଫେସ୍‌ବୁକ୍ ମୃତକଙ୍କ ପାସୱାର୍ଡ ତାଙ୍କ ପିତାମାତାଙ୍କୁ ଦେଇଥିଲା।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩'ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ୍ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ(ନୋମିନି) କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ୍ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସ୍‌ୱାଡ୍ ଆଦିକୁ ଡିକୋଡ୍ କରିବାରେ ନୋମିନିଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କ'ଣ କରାଯିବ ସେ ବିଷୟରେ ଆଇନ୍ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଇଣ୍ଟରନେଟ୍‌ର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ୍ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ୍ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜ୍‌ର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ୍ ଡକ୍ୟୁମେଣ୍ଟ(କମ୍ପ୍ୟୁଟରୀ କୃତ ତଥ୍ୟ ଓ ସୂଚନା)ର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ।

## ରାଜ୍ୟପାଳଙ୍କ କ୍ଷମତା ଓ ନ୍ୟାୟିକ ତର୍ଜମା

ସୌଭାଗ୍ୟ ସୁନ୍ଦରରାୟ

ତାମିଲନାଡୁରେ ନୂଆ ଦଳ ଟିଭିକେ ସରକାର ଗଠନ କରିଛି। ବିଧାନସଭା ନିର୍ବାଚନରେ ମୋଟ ୨୩୪ଟି ଆସନ ମଧ୍ୟରୁ ଟିଭିକେ ୧୦୮ଟି ଆସନରେ ବିଜୟ ଲାଭ କରି ଅନ୍ୟାନ୍ୟ ଦଳଠାରୁ ବହୁ ଆଗରେ ରହି ଏକକ ସଂଖ୍ୟା ଗରିଷ୍ଠତା ହାସଲ କଲା। ଡିଏମକେ ୫୯, ଏଆଇଏଡିଏମକେ ୪୭, କଂଗ୍ରେସ ୫, ପିଏମକେ ୪, ଆଇୟୁଏମଏଲ ଓ ସିପିଆଇ ୨ଟି ଲେଖାଁଏ ଆସନରେ ବିଜୟୀ ହେଲେ। କିନ୍ତୁ ରାଜ୍ୟପାଳ ଟିଭିକେକୁ ୨ ଥର ସରକାର ଗଠନରୁ ବଞ୍ଚିତ କଲେ। ଅନ୍ୟ କୌଣସି ଦଳ ସରକାର ଗଠନ ପାଇଁ ଦାବି ଜଣାଇନଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ କ'ଣ ପାଇଁ ଦୁଇଦୁଇ ଥର ଟିଭିକେର ଦାବି ପ୍ରତ୍ୟାଖାନ କଲେ? ଯେଉଁଦଳ ସରକାର ଗଠନ ପାଇଁ ଦାବି କରେ ସଂପୃକ୍ତ ଦଳକୁ ରାଜ୍ୟପାଳ ସୁଯୋଗ ଦେଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ବିଧାନସଭାରେ ନେବାର ବିଧିବ୍ୟବସ୍ଥା ଓ ଉଦାହରଣ ରହିଛି। କିନ୍ତୁ ବିଧାନସଭା ବାହାରେ ସଂଖ୍ୟା ଗରିଷ୍ଠତା, ଅର୍ଥାତ ୧୧୮ ବିଧାୟକଙ୍କ ସମର୍ଥନ ପାଇଁ ଅଡ଼ି ବସିବା ତାମିଲନାଡୁ ରାଜ୍ୟପାଳଙ୍କ ପକ୍ଷେ ଉଚିତ୍ ହୋଇନଥିବା ଅନୁଭବ କରାଯାଉଛି। ଦେଖାଯାଉଛି ବିଭିନ୍ନ ସମୟରେ ରାଜ୍ୟପାଳଗଣ ନିଜ ସାମ୍ବିଧାନିକ କ୍ଷମତା ବାହାରକୁ ଯାଇ କାର୍ଯ୍ୟ କରୁଛନ୍ତି। ଫଳରେ ମାମଲା ଆଇନ ଅଦାଲତ ପର୍ଯ୍ୟନ୍ତ ଯାଉଛି। ବିଲ ଅନୁମୋଦନ ହେଉ ବା ମନ୍ତ୍ରିମଣ୍ଡଳ ଗଠନ ହେଉ ରାଜ୍ୟପାଳଗଣ ଇଚ୍ଛାଧୀନ କ୍ଷମତାର ମାତ୍ରାଧିକ ପ୍ରୟୋଗ କରୁଛନ୍ତି।

୨୦୧୮ ମସିହା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କୌଣସି ଦଳ ପୂର୍ଣ୍ଣ ବହୁମତ ପାଇପାରି ନ ଥିଲେ। ଭାରତୀୟ ଜନତା ପାର୍ଟି ୧୦୪ ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ଅନ୍ୟପକ୍ଷରେ ଜନତା ଦଳ (ଏସ୍) ଓ କଂଗ୍ରେସର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଯୋଗୁଁ ଆସନ ସଂଖ୍ୟା ଅଧିକ ଥାଇ ମଧ୍ୟ ରାଜ୍ୟପାଳ ମେଣ୍ଟ ଦଳକୁ ସରକାର ଗଠନ ପାଇଁ ସୁଯୋଗ ନଦେଇ ଭାରତୀୟ ଜନତା ପାର୍ଟିକୁ ସରକାର ଗଠନ ପାଇଁ ଆହ୍ୱାନ କରିବା ସହିତ ସଂଖ୍ୟା ଗରିଷ୍ଠତା ପ୍ରମାଣ ପାଇଁ ଦୀର୍ଘ ୧୮ ଦିନ ସୁଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଏହି ସମୟ ସୀମା ୩ ଦିନକୁ ହ୍ରାସ କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦୁରୁପ୍ପା ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେଇ ନପାରି ମାତ୍ର ଦୁଇ ଦିନରେ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟପାଳଙ୍କ ଇଚ୍ଛା ବିବାଦୀୟ ଥିବା ଆଲୋଚନା ହୋଇଥିଲା।

୨୦୧୫ ମସିହାରେ ଅରୁଣାଚଳ ପ୍ରଦେଶ ବାଚସ୍ପତି ବନାମ ରେବିୟା ମାମଲାରେ ସୁପ୍ରିମକୋର୍ଟର ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ତତ୍କାଳୀନ ରାଜ୍ୟପାଳ ଜେ.ପି. ରାଜଖୋୟାଙ୍କ ଆଚରଣକୁ ଅଗ୍ରାହ୍ୟ କରି ବିଧାନସଭା ଅଧିବେଶନ ସମୟ ଓ କାର୍ଯ୍ୟସୂଚୀ ରାଜ୍ୟପାଳ ଧାର୍ଯ୍ୟ କରିପାରିବେ ନାହିଁ ବା ସରକାରଙ୍କ ସହ ପରାମର୍ଶ ନକରି ବିଧାନସଭାକୁ ସମ୍ବୋଧିତ କରିପାରିବାର କ୍ଷମତା ନିରଙ୍କୁଶ ନୁହେଁ ବୋଲି କହିଥିଲେ। ରାଜ୍ୟର ରାଜନୈତିକ ଘନଘଟା ମଧ୍ୟରେ ରାଜ୍ୟପାଳ ରାଜଖୋୟା ରାଜ୍ୟ ସରକାରଙ୍କୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କଲେ। ତେବେ ୨୦୧୬ ମସିହାରେ ସୁପ୍ରିମକୋର୍ଟର ସମ୍ବିଧାନ ଖଣ୍ଡପୀଠ ରାଷ୍ଟ୍ରପତି ଶାସନକୁ ବେଆଇନ ଦର୍ଶାଇ ସରକାରଙ୍କୁ ପୁନର୍ବାହଲ କଲେ। ରାଜ୍ୟପାଳଙ୍କ ପଦକ୍ଷେପକୁ ତୀବ୍ର ସମାଲୋଚନା କରି ଅଦାଲତ କହିଥିଲେ ଯେ ଅରୁଣାଚଳରେ ଯାହା ଘଟିଲା ତାହା ସମ୍ବିଧାନ ପ୍ରତି ଚାପୁଡ଼ା ସଦୃଶ। ସୁପ୍ରିମକୋର୍ଟ ରାୟ ପରେ ରାଜ୍ୟପାଳ ଇସ୍ତଫା ନଦେବାରୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କୁ ବରଖାସ୍ତ କରିଥିଲେ।

ଗତବର୍ଷ ନଭେମ୍ବର ୨୦ ତାରିଖରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ କୌଣସି ବିଲ ଅନୁମୋଦନ କରିବା, ଅଟକାଇ ରଖିବା, ପୁନର୍ବିଚାର ନିମନ୍ତେ ଫେରସ୍ତ କରିବା ବା ରାଷ୍ଟ୍ରପତିଙ୍କ ନିମନ୍ତେ ସଂରକ୍ଷିତ ରଖିବା କ୍ଷେତ୍ରରେ ସମ୍ବିଧାନ ରାଜ୍ୟପାଳଙ୍କୁ ବ୍ୟାପକ କ୍ଷମତା ଦେଇଛି ବୋଲି କହିଛନ୍ତି। ଏହି ଅବସରରେ ଖଣ୍ଡପୀଠ ଏକଥା ମଧ୍ୟ କହିଥିଲେ ଯେ, ରାଜ୍ୟପାଳ 'ଅନିର୍ଦ୍ଦିଷ୍ଟ' ସମୟ ପର୍ଯ୍ୟନ୍ତ ବିଲ ଅଟକାଇ ରଖିପାରିବେ ନାହିଁ। କିନ୍ତୁ ସମୟ ସୀମାର ସଂଜ୍ଞା କ'ଣ ତାହା ସମାଧାନ ହୋଇପାରି ନାହିଁ। ଏହାପୂର୍ବରୁ କୋର୍ଟର ଦୁଇଜଣିଆ ଖଣ୍ଡପୀଠ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ଗ୍ରହଣ ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟ ସୀମା ଧାର୍ଯ୍ୟ କରିଥିଲେ ଏବଂ ସମୟସୀମା ମଧ୍ୟରେ କୌଣସି ନିଷ୍ପତ୍ତି ନିଆ ନ ଗଲେ ବିଲ ଆପେ ଅନୁମୋଦିତ ହେବା ଧରି ନିଆଯିବ ବୋଲି ରାୟ ଶୁଣାଇଥିଲେ। ସମ୍ବିଧାନର ଧାରା ୨୦୦ ସଂପର୍କରେ ରାଜ୍ୟପାଳମାନେ ସଂପୂର୍ଣ୍ଣ ଅବଗତ। ଏଣୁ କହିବାକୁ ଗଲେ ରାଜ୍ୟପାଳଙ୍କ ଏହି ଅଖଣ୍ଡ କ୍ଷମତା ଯୋଗୁଁ ରାଜ୍ୟ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ନ୍ୟାୟିକ ସମାଧାନର ବାଟ ବାହାର କରିବାରେ ଅଦାଲତର ବୃହତ୍ତର ଖଣ୍ଡପୀଠ ଅସଫଳ ହୋଇଥିବା ପରି ମନେ ହେଉଛି। ସମ୍ବିଧାନର ଧାରା ୧୫୪(୧)ରେ ରାଜ୍ୟପାଳଙ୍କ ନିକଟରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ ରହିଥିବାରୁ ଏହି ଆଳରେ ମନ୍ତ୍ରିମଣ୍ଡଳ ସୁପାରିସରେ ରାଜ୍ୟପାଳ ଅଙ୍କୁଶ ଲଗାଉଥିବା ପରିଲକ୍ଷିତ ହେଉଛି। ମୁଖ୍ୟତଃ ଅଣବିଜେପି ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ କ୍ଷମତାର ଅପପ୍ରୟୋଗ ହେଉଥିବା ଦେଖାଯାଉଛି। କହିବାକୁ ଗଲେ ନିର୍ବାଚିତ ସରକାରର କ୍ଷମତା ଗୌଣ କରିବାକୁ ରାଜ୍ୟପାଳଗଣ ଉଦ୍ୟମ କରିଚାଲିଥିବା ଗତ କିଛିବର୍ଷ ହେଲା ଚର୍ଚ୍ଚା ହେଉଛି।

ଦେଶର ସର୍ବୋଚ୍ଚ ଅଦାଲତ ୧୯୭୪ ମସିହାରେ ସମଶେର ସିଂହ ବନାମ ପଞ୍ଜାବ ସରକାର ମାମଲାରେ ଅତି ସ୍ପଷ୍ଟ ଭାବେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ପରାମର୍ଶ ଓ ସହାୟତା ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ। କିନ୍ତୁ ୫ ଜଣିଆ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ମନ୍ତ୍ରିମଣ୍ଡଳ ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି। ୨୦୨୩ ମସିହାରେ ପଞ୍ଜାବ ରାଜ୍ୟପାଳଙ୍କୁ କଡ଼ା ଚେତାବନୀ ଦେଇ 'ନିଆଁ ସହ ନ ଖେଳିବା' ପାଇଁ ଅଦାଲତ କହିଥିଲେ। ଅଦାଲତଙ୍କ ଏହି ମନ୍ତବ୍ୟ ପରେ ପଡ଼ି ରହିଥିବା ୪ଟି ବିଲକୁ ରାଜ୍ୟପାଳ ବନୱାରୀଲାଲ ପୁରୋହିତ ଅନୁମୋଦନ କରିଥିଲେ। ଏହି ଅବସରରେ ଅଦାଲତ କହିଥିଲେ ଯେ, କୌଣସି ବିଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକେଇ ରଖିବାର ଅଧିକାର ରାଜ୍ୟପାଳଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ପଞ୍ଜାବ ମାମଲାରେ ଅଦାଲତଙ୍କ ମନ୍ତବ୍ୟ ସତ୍ତ୍ୱେ ରାଜ୍ୟପାଳଙ୍କ ଆଚରଣରେ ପରିବର୍ତ୍ତନ ଘଟିପାରିଲା ନାହିଁ। ଫଳରେ ତାମିଲନାଡୁ କ୍ଷେତ୍ରରେ ଶୀର୍ଷ ଅଦାଲତର ଦୁଇଜଣିଆ ଖଣ୍ଡପୀଠ କଠୋର ମନୋଭାବ ପୋଷଣ କଲେ।

'ବିଧି ସେଣ୍ଟର ଫର ଲିଗାଲ ପଲିସି'ର ସିନିୟର ରେସିଡେଣ୍ଟଫେଲୋ ଜୟ ବିନାୟକ ଓଝାଙ୍କ ମତରେ ଭାରତରେ ରାଜ୍ୟପାଳ ପ୍ରାୟତଃ ରାଜନୈତିକ ଅନୁବନ୍ଧିତ। ୧୯୫୦ରୁ ୨୦୧୭ ମଧ୍ୟରେ ଏହି ସଂଖ୍ୟା ୫୨% ଆକଳନ କରାଯାଇଥିବା ବେଳେ ଏବେ ଏହି ସଂଖ୍ୟା ପ୍ରାୟ ୬୫%ରେ ପହଞ୍ଚିଲାଣି। ଏଣୁ ରାଜ୍ୟପାଳ ପଦବୀରେ ରାଜନୈତିକ ହସ୍ତକ୍ଷେପ ରହିବା ସ୍ୱାଭାବିକ। 'ରାଜନୈତିକ ପ୍ରକ୍ରିୟା ସହ ରାଜ୍ୟପାଳ ଜଡ଼ିତ ହେବା ଉଚିତ୍ ନୁହେଁ, କି କୌଣସି ସରକାର ପତନରେ ମଧ୍ୟ ଭାଗିଦାରୀ ହେବା ଉଚିତ୍ ନୁହେଁ।' - ୨୦୨୨ ମସିହାରେ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ନେତୃତ୍ୱଧୀନ ସରକାର ପତନ ପରିପ୍ରେକ୍ଷୀରେ ଦେଶର ଶୀର୍ଷ ଅଦାଲତଙ୍କ ଏହି ମନ୍ତବ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକାର ନକାରାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶୁଣାଣି ସମୟରେ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେବା ସହ କେଉଁ ଆଧାରରେ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳ କହିଲେ ତାହା ମଧ୍ୟ ଜାଣିବାକୁ ଚାହିଁଥିଲେ। ଏହି ବିବାଦୀୟ ରାଜ୍ୟପାଳ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦ ପରିତ୍ୟାଗ କରିଥିଲେ।

ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତା ସଂପର୍କରେ ଅଧିକ ନ୍ୟାୟିକ ବାଖ୍ୟାର ଆବଶ୍ୟକତା ରହିଛି। ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳ ନିର୍ବାଚିତ ବ୍ୟକ୍ତିବିଶେଷ ନୁହନ୍ତି। ସେ ନିଯୁକ୍ତିପ୍ରାପ୍ତ। ରାଜ୍ୟପାଳଙ୍କର ବଦଳି ବ୍ୟବସ୍ଥା ରହିଛି। ରାଜ୍ୟବାସୀଙ୍କ ନିକଟରେ କୌଣସି ପ୍ରସଙ୍ଗରେ ଏହି ପଦବୀ ଉତ୍ତରଦାୟୀ ନୁହେଁ।। ରାଜ୍ୟପାଳ ନିଯୁକ୍ତିର ସେଭଳି କିଛି ମାନଦଣ୍ଡ ମଧ୍ୟ ନାହିଁ। ଏଣୁ ସମ୍ବିଧାନ ସଂଶୋଧନ ଜରିଆରେ ରାଜ୍ୟପାଳଙ୍କ ଅଖଣ୍ଡ କ୍ଷମତା ଉପରେ ଅଙ୍କୁଶ ଲଗାଯିବା ବର୍ତ୍ତମାନର ଆବଶ୍ୟକତା। ନଚେତ୍ ସଂଘୀୟ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

## ବିପଦରେ ନିକୋବର ଆଇସ୍‌ଲ୍ୟାଣ୍ଡର ଜୈବବିବିଧତା

ଡ. ମୌସୁମୀ ପରିଡ଼ା

ନିକୋବର ଆଇସ୍‌ଲ୍ୟାଣ୍ଡ ମୋଟ ୨୨ଟି ଦ୍ୱୀପକୁ ନେଇ ଗଠିତ, ଯାହା ଆଣ୍ଡାମାନ ଆଇସ୍‌ଲ୍ୟାଣ୍ଡର ଦକ୍ଷିଣରେ ଅବସ୍ଥିତ। ଅନେକ ଦ୍ୱୀପରେ ଲୋକ ବସବାସ କରନ୍ତି ନାହିଁ। ଆଉ କେତେକରେ ନିକୋବରିଜ୍ ଓ ଶୋମ୍ପେନ୍ ଭଳି ଆଦିବାସୀ ସମ୍ପ୍ରଦାୟ ବସବାସ କରନ୍ତି। କିଛି ଦ୍ୱୀପ ସଂପୂର୍ଣ୍ଣ ଜଙ୍ଗଲ ଓ ସୁରକ୍ଷିତ ଅଞ୍ଚଳ। ତେଣୁ ସେଠାକୁ ଯିବା ପାଇଁ ସରକାରଙ୍କ ବିଶେଷ ଅନୁମତି ନେବାକୁ ପଡ଼ିଥାଏ। ସାଧାରଣ ପର୍ଯ୍ୟଟନ ସହିତ ସେଠାରେ ଜମି କିଣିବା ବି ନିୟନ୍ତ୍ରିତ। କାରଣ ଆଦିବାସୀ ସମ୍ପ୍ରଦାୟଙ୍କ ସୁରକ୍ଷା ସହିତ ରଣନୀତିକ ଗୁରୁତ୍ୱ ଓ ପରବେଶର ସୁରକ୍ଷା ପାଇଁ ସରକାର ସେଠାରେ ବେଶ୍ ଯତ୍ନବାନ୍। କାର୍ ନିକୋବର ଓ କ୍ୟାମ୍ପବେଲ ବେ' ଅଞ୍ଚଳରେ ଅଳ୍ପ କିଛି ଭାରତୀୟ ପରିବାର ବସବାସ କରନ୍ତି, ଯେଉଁମାନେ ସରକାରୀ ଚାକିରି କିମ୍ବା ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି। ଏଥିସହିତ ଭାରତୀୟ ବାୟୁସେନା, ତଟସୁରକ୍ଷା ବାହିନୀ ଓ ଅନ୍ୟ ସୁରକ୍ଷା ସଂସ୍ଥାମାନ ରହିଥା'ନ୍ତି। ନିକୋବର ଆଇସ୍‌ଲାଣ୍ଡର ପ୍ରମୁଖ ଦ୍ୱୀପମାନଙ୍କ ଭିତରୁ ଗ୍ରେଟ୍ ନିକୋବର ଆଇସ୍‌ଲାଣ୍ଡ, କାର୍ ନିକୋବର, ଲିଟଲ୍ ନିକୋବର ଇତ୍ୟାଦି ପ୍ରଧାନ। ଗ୍ରେଟ୍ ନିକୋବର ଅଞ୍ଚଳ ଅନ୍ୟମାନଙ୍କଠାରୁ ବୃହତ୍, ଯେଉଁଠାରେ କ୍ୟାମ୍ପବେଲ ବେ ରହିଛି ସେହିଠାରେ ବଜାର, ସ୍କୁଲ୍, ହସ୍ପିଟାଲ୍ ଓ ପ୍ରଶାସନିକ କାର୍ଯ୍ୟାଳୟ ମଧ୍ୟ ରହିଛି। ଆଣ୍ଡାମାନର ଅନେକ ସୁନ୍ଦର ଦ୍ୱୀପ ଯେପରି ହାଭ୍‌ଲକ୍, ସ୍ୱରାଜ ଦ୍ୱୀପ ପର୍ଯ୍ୟଟନର ମୁଖ୍ୟ ଆକର୍ଷଣ।

ନିକୋବର ଆଇସଲ୍ୟାଣ୍ଡରେ ଅଳ୍ପସଂଖ୍ୟକ ବିଲୁପ୍ତପ୍ରାୟ ଆଦିବାସୀ ସଂପ୍ରଦାୟ ରହୁଥିବାରୁ ପିଭିଟିଜି ଭାବରେ ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛନ୍ତି। ନିକୋବରିଜ୍ ଓ ଅନ୍ୟ ଲୋକମାନେ ସମୁଦ୍ରତଟବର୍ତ୍ତୀ ଅଞ୍ଚଳ କିମ୍ବା ଛୋଟ ସହରାଞ୍ଚଳରେ ବସବାସ କରିଥା'ନ୍ତି। ସେମାନେ ମାଛ ଧରିବା ସହିତ ନଡ଼ିଆ ଚାଷ ଓ ଛୋଟ କୃଷି କରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୨୮୦୦୦ରୁ ଊର୍ଦ୍ଧ୍ୱ ଓ ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ। ଗ୍ରେଟ୍ ନିକୋବର ହିଁ ଏମାନଙ୍କ ବାସସ୍ଥଳୀ। ପିଭିଟିଜି ମଧ୍ୟରେ ଶୋମ୍ପେନ୍ ସମ୍ପ୍ରଦାୟ ଅନ୍ୟତମ। ଏମାନେ ସାଧାରଣତଃ ଘନ ଜଙ୍ଗଲ ଭିତରେ ଛୋଟଛୋଟ ଦଳରେ ବିଭକ୍ତ ହୋଇ ବସବାସ କରନ୍ତି। ବାହାର ଦୁନିଆ ସହିତ ସଂପର୍କ ସ୍ଥାପିତ କରିବାକୁ ସେମାନେ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ତେଣୁ ସେମାନଙ୍କ ଜୀବନଶୈଳୀ ଏବେ ବି ରହସ୍ୟମୟ। ଏମାନଙ୍କ ସଂଖ୍ୟା ପ୍ରାୟ ୨୦୦-୩୦୦ ମଧ୍ୟରେ ବୋଲି ଅନୁମାନ କରାଯାଉଛି। ଶୋମ୍ପେନ୍ ଭାଷା ଖୁବ୍ ଦୁର୍ଲ୍ଲଭ। ସେମାନେ ଜୀବନଧାରଣର ମୁଖ୍ୟସ୍ରୋତ ଭାବେ ଶିକାର ଉପରେ ନିର୍ଭର କରୁଥିବାବେଳେ କେବେକେବେ ମାଛ ଧରି, ଜଂଗଲରୁ ଫଳମୂଳ ସଂଗ୍ରହ କରି ଜୀବନ ନିର୍ବାହ କରିଥା'ନ୍ତି। କେବେକେବେ ସେମାନେ କୃଷିକାର୍ଯ୍ୟ ବି କରିଥା'ନ୍ତି। ଏମାନେ ଅତ୍ୟନ୍ତ ଦୁର୍ଲ୍ଲଭ ଆଦିବାଦୀ ସମ୍ପ୍ରଦାୟର ହୋଇଥିବାରୁ ଏମାନଙ୍କ ସୁରକ୍ଷା ନିହାତି ଜରୁରୀ।

ବର୍ତ୍ତମାନ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ଚର୍ଚ୍ଚାରେ, ଯେବେଠାରୁ ଗ୍ରେଟ୍ ନିକୋବର ଆଇସଲ୍ୟାଣ୍ଡରେ ଭାରତ ସରକାର 'ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ' ଆରମ୍ଭ କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି- ଏହି ଅଞ୍ଚଳକୁ ରଣନୀତିକ ଓ ବ୍ୟବସାୟିକ କେନ୍ଦ୍ରରେ ପରିଣତ କରିବା, ଚୀନ ଓ ଭାରତ ମହାସାଗର ଅଞ୍ଚଳ ରଣନୀତିକ ଉପଯୋଗିତା ବୃଦ୍ଧି କରିବା ଏବଂ କଲମ୍ବୋ ଓ ସିଙ୍ଗାପୁରର ବିଦେଶୀ ବନ୍ଦର ଉପରେ ନିର୍ଭର ହ୍ରାସ କରିବା। ଏଠାରେ ସାମୁଦ୍ରିକ ଜାହାଜ ଦ୍ୱାରା ପରିବହନ କେନ୍ଦ୍ର, ସ୍ଥାନଟିର ସହରୀକରଣ, ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା, ପାୱାରପ୍ଲାଣ୍ଟ, ସୁରକ୍ଷା ଓ ନୌବାହିନୀ ଆଦି ପ୍ରତିଷ୍ଠାର ଯୋଜନା ରହିଛି। ସରକାରଙ୍କ କହିବା ଅନୁଯାୟୀ ଏସବୁ ଦ୍ୱାରା ଆଞ୍ଚଳିକ ଉନ୍ନତି ତଥା ଦେଶର ଅଭିବୃଦ୍ଧି ସହିତ ଭାରତର ସାମୁଦ୍ରିକ ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ର ବି ସମୃଦ୍ଧ ହେବ। ନିଯୁକ୍ତି-ସୁଯୋଗ ସୃଷ୍ଟି ହେବ। ଅନ୍ୟ ରାଜ୍ୟଗୁଡ଼ିକ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୋଇପାରିବ।

ଚିନ୍ତାର ବିଷୟଟି ହେଉଛି ପ୍ରକଳ୍ପ ଅଞ୍ଚଳରେ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବା ସହିତ ବିଭିନ୍ନ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ, ମୂଲ୍ୟବାନ୍ ସାମୁଦ୍ରିକ ପଦାର୍ଥ ରହିଛି। ବିଲୁପ୍ତ ପ୍ରାୟ ଜୀବଜନ୍ତୁ, ପଶୁପକ୍ଷୀ ମଧ୍ୟ ସେଠାରେ ରହିଆସୁଛନ୍ତି। ପ୍ରକଳ୍ପ ଦ୍ୱାରା ସେମାନେ ସିଧାସଳଖ ପ୍ରଭାବିତ ହେବେ। ଏଥିସହିତ ଜୈବବିବିଧତା ଓ ପ୍ରାକୃତିକ ଜଙ୍ଗଲ ନଷ୍ଟ ହେବ। ଆମ ରାଜ୍ୟଗୁଡ଼ିକରେ ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ଦୁର୍ବିପାକରେ ହୋଇଆସୁଥିବା ଅସହ୍ୟ କ୍ଷୟକ୍ଷତି ଦେଶର ଅର୍ଥନୀତିର ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର କରିଚାଲିଛି। ସେ ସଂପର୍କିତ କିଛିପ୍ରଶ୍ନ ମନରେ ସୃଷ୍ଟି ହେବା ସ୍ୱାଭାବିକ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ନିକୋବର ଦ୍ୱୀପପୁଞ୍ଜ ସବୁଜିମାକୁ ଛାରଖାର୍ କରି କଂକ୍ରିଟ୍ ଜଙ୍ଗଲ ଦ୍ୱାରା ପ୍ରକୃତିକୁ କଙ୍କାଳସାର କରାଇଦେବା କ'ଣ ବୁଦ୍ଧିମତ୍ତାର କାର୍ଯ୍ୟ? ଚାରିଆଡ଼େ ମାନବତାର ଅବକ୍ଷୟ ଘଟି ପାଶବିକତା ବୃଦ୍ଧି ପାଉଥିବା ବେଳେ ପ୍ରକୃତିକୁ କେନ୍ଦ୍ର କରି ବଞ୍ଚୁଥିବା ବିଲୁପ୍ତ-ପ୍ରାୟ ଆଦିମ ଅଧିବାସୀମାନଙ୍କୁ ପରୋକ୍ଷରେ ଅତ୍ୟାଧୁନିକ ପାଶବିକତା ଶିଖାଇବା କ'ଣ ନିହାତି ଆବଶ୍ୟକ? ସେମାନଙ୍କୁ ସେମାନଙ୍କ ଅନୁସାରେ ଛାଡ଼ି ଦିଆଗଲେ କ୍ଷତି କ'ଣ, ଯଦି ସେମାନଙ୍କର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ କୌଣସି ଆଗ୍ରହ ନଥାଏ।

ଆଖପାଖ ପରିବେଶ ପରିବର୍ତ୍ତନ ହେଲେ ସେମାନଙ୍କ ବାସସ୍ଥାନର ପରିସର ସଂକୁଚିତ ହୋଇଯିବ। ପରିବେଶ ଦୂଷିତ ହେବା ସହ ଲୁଣା ଜଂଗଲ ବି ନଷ୍ଟ ହେବ। ସାମୁଦ୍ରିକ ଜୀବ ତଥା ସ୍ୱତନ୍ତ୍ର ପ୍ରଜାତିର କଇଁଚମାନଙ୍କ ସହ ପ୍ରବାଳ ପ୍ରାଚୀରର ବିଲୁପ୍ତି ଘଟିବ। ଏମିତିରେ ଅତ୍ୟାଧୁନିକତା ନାଁରେ ମଣିଷ କେତେ ହିଂସ୍ର, ନିର୍ମମ, ସ୍ୱାର୍ଥପର, ଲୋଭୀ ସେସବୁ ବଖାଣିବା ଅନାବଶ୍ୟକ। ପରିବେଶର ସନ୍ତୁଳନକୁ ବିଗାଡ଼ି, ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତିତ କରି ଦେଶର ଅଭିବୃଦ୍ଧି କରିବା କେତେ ଜରୁରୀ? ପ୍ରକୃତି ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ୨୦୦୪ ମସିହାର ସୁନାମୀ ଦ୍ୱାରା ଗ୍ରେଟ୍ ନିକୋବର ଖୁବ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏତେ ବଡ଼ ପ୍ରକଳ୍ପ ଏଭଳି ଭୂକମ୍ପ ଓ ସୁନାମୀପ୍ରବଣ ଅଞ୍ଚଳରେ କେତେ ସୁରକ୍ଷିତ ଓ ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ଦ୍ୱାରା ଶୋମ୍ପେନ୍ ପରି ଆଦିମ ଅଧିବାସୀ କେତେ ଉପକୃତ ହେବେ ସେକଥା ଏବେ ଚିନ୍ତନର ବିଷୟ।

ଭୁବନେଶ୍ୱର, ମୋ: ୯୪୩୭୩୧୭୦୨୬

## ଧୈର୍ଯ୍ୟ ଓ ବିଜୟର ପ୍ରତୀକ ଏଣ୍ଡୁଅ

ଓଜସ୍ୱିନୀ

ଜୀବଜନ୍ତୁ ଓ କୀଟପତଙ୍ଗ ପୂଜନର ଧାରାରେ ଏଣ୍ଡୁଅକୁ ମଧ୍ୟ ଦେବତୁଲ୍ୟ ମାନ୍ୟତା ମିଳିଛି। ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ରାଜା ଇକ୍ଷାକୁଙ୍କର ପୁତ୍ର ରାଜା ନୃଗ ଅତ୍ୟନ୍ତ ଦୟାବାନ ଓ ଦାନୀ ଥିଲେ। କିନ୍ତୁ ଏକଦା ଭୁଲ୍‌ବଶତଃ ପୂର୍ବରୁ ଦାନ ସୂତ୍ରରେ ମିଳିଥିବା ଏକ ଗାଈକୁ ଚିହ୍ନି ନପାରି ଦୁଇଜଣ ବ୍ରାହ୍ମଣଙ୍କୁ ପୁନଃ ଗୋଦାନ ଦେଇଥିଲେ। ଏଥିରେ ବ୍ରାହ୍ମଣ କ୍ରୋଧ କରି ରାଜା ନୃଗଙ୍କୁ ଏଣ୍ଡୁଅ ହୋଇଯିବାର ଅଭିଶାପ ଦେଲେ। ରାଜା ନୃଗ ଏଣ୍ଡୁଅ ରୂପରେ ଗୋଟିଏ କୂପ ମଧ୍ୟରେ ବହୁବର୍ଷ ରହିଲେ। ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇ ସେ ମନୁଷ୍ୟ ସ୍ୱରୂପକୁ ଫେରିଆସିଲେ ଏବଂ ମୋକ୍ଷଲାଭ କଲେ। ମତାନ୍ତରରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ରଙ୍କ ହାତର ସ୍ପର୍ଶ ପାଇବା ପରେ ନୃଗ ମନୁଷ୍ୟ ସ୍ୱରୂପ ଫେରିପାଇଥିଲେ। ତେଣୁ ଏଣ୍ଡୁଅକୁ ମୋକ୍ଷ, ଜ୍ଞାନୋଦୟ ଓ ମାର୍ଗଦର୍ଶକର ସଙ୍କେତ ବହନ କରିଥିବା ଜୀବ ଭାବେ ମାନ୍ୟତା ମିଳିଛି।

ଭାରତୀୟ ପୁରାଣ ଓ ଜ୍ୟୋତିଷଶାସ୍ତ୍ର ଅନୁସାରେ ଏଣ୍ଡୁଅ ଦେଖିବା କିମ୍ବା ଘରକୁ ଏଣ୍ଡୁଅ ଆସିବା ଶୁଭଙ୍କର। ଏଣ୍ଡୁଅ କୁବେରଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଦେଖିଲେ ଧନଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ମଣିପୁରର ଲୋକକଥାଗୁଡ଼ିକରେ ଏଣ୍ଡୁଅକୁ ମନସ୍କାମନା ପୂର୍ତ୍ତି କରୁଥିବା ଏକ ଦିବ୍ୟ ଶକ୍ତି ଭାବେ ବର୍ଣ୍ଣନା କରାଯାଇଛି। କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏଣ୍ଡୁଅକୁ ଦେବତୁଲ୍ୟ ବିଚାର କରି ପୂଜାର୍ଚ୍ଚନା କରାଯାଏ।

ମୁଖ୍ୟତଃ ପଶ୍ଚିମ ଆଫ୍ରିକାର ବେନିନ୍ ଦେଶରେ ଥିବା ଓବେମେ ସହରରେ ଏଣ୍ଡୁଅ ପୂଜା କରାଯାଏ। ଏଣ୍ଡୁଅ ପୂଜନ ସ୍ଥାନୀୟ ଭୁଡୁ ସଂସ୍କୃତିର ଏକ ମୁଖ୍ୟଅଂଶ। ଏଥିପାଇଁ ଗୋଟିଏ ବିଶେଷ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି, ଯାହାକୁ 'ଭୋଡୁନ୍ ମନ୍ଦିର' କୁହାଯାଏ। ସେଠାରେ ଏଣ୍ଡୁଅକୁ ଅନୁକୂଳନଶୀଳତା ଓ ଧୈର୍ଯ୍ୟର ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଏ। ଏହି ପ୍ରତୀକ 'ଦହୋମେ'ର ରାଜା 'ଅକାବା'ଙ୍କ ସହିତ ଜଡ଼ିତ। ରାଜାଙ୍କର ରାଜକୀୟ ଚିହ୍ନ ଏଣ୍ଡୁଅ ଥିଲା, ଯାହାର ଅର୍ଥ ମନ୍ଥର ଗତିରେ ଅନେକ ଦୂରପଥ ଅତିକ୍ରମ କରିବା। ଏଣ୍ଡୁଅ ଶିକାରଠାରୁ ବର୍ତ୍ତିବା ପାଇଁ ତା'ର ଶରୀରର ରଙ୍ଗ ପରିବର୍ତ୍ତନ କରିପାରେ। ସେହିଭଳି

### ବିଚିତ୍ର ବିଶ୍ୱାସ

ବିଷମ ପରିସ୍ଥିତି ସହିତ ଖାପଖୁଆଇ ଚଳିବା ଏବଂ ଶତ୍ରୁଠାରୁ ବିଜୟପ୍ରାପ୍ତ କରିବା ପାଇଁ ଏଣ୍ଡୁଅକୁ ମୁଖ୍ୟ ରାଜକୀୟ ଉଦାହରଣ ଭାବେ ଗ୍ରହଣ କରାଯାଇଛି। ସେଠାରେ ଏଣ୍ଡୁଅକୁ ଧୈର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ମାନ୍ୟତା ମିଳିଛି।

ଗୋଟିଏ ବିଶାଳ ପଥରରେ ତିଆରି ଏହି ମନ୍ଦିରର ଆକୃତି ଏଣ୍ଡୁଅ ଭଳି। ଏହାକୁ 'ତୋହୋୟୋ' ଦେବତାଙ୍କ ଅନୁଗାମୀମାନଙ୍କ ପାଇଁ ପୂଜାସ୍ଥଳ ରୂପରେ ନିର୍ମାଣ କରାଯାଇଛି ବୋଲି ତଥ୍ୟ ମିଳେ। ବାସ୍ତୁକଳାର ଏଭଳି କୃତି ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ୧୦ ମିଟର ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରଟିର ପ୍ରବେଶ ଦ୍ୱାର ଏଣ୍ଡୁଅର ଖୋଲା ପାଟି ଭଳି ରହିଛି ଏବଂ ଏହା ଉପରେ ପଥରରେ ନିର୍ମିତ ଆଖିଗୁଡ଼ିକ ଜୀବନ୍ତ ଅନୁଭବ ହେଉଛି। ମନ୍ଦିରର ଭିତର ଅଂଶ ଏକ ଗୁମ୍ଫା ଭଳି ଏବଂ ଏହାକୁ ଏଣ୍ଡୁଅର ପେଟ ଭିତରକୁ ଯିବା ଭଳି ନିର୍ମାଣ କରାଯାଇଛି। ଦୂରରୁ ଦେଖିଲେ ମନେହେବ ଯେ, ଗୋଟିଏ ବିଶାଳକାୟ ଏଣ୍ଡୁଅ ରାସ୍ତା ଉପରେ ବସିଛି। ଭୁଡୁ ସଂସ୍କୃତି ଅନୁସାରେ ଏଣ୍ଡୁଅକୁ ଏକ ବିଶେଷ ରହସ୍ୟମୟ ପ୍ରାଣୀ ଭାବେ ମାନ୍ୟତା ପ୍ରଦାନ କରାଯାଇଛି।

ଏହାବ୍ୟତୀତ ପଶ୍ଚିମ ଆଫ୍ରିକାର 'ୟୋରୁବା' ସଂସ୍କୃତିରେ 'ଏଜ୍‌ମୋ' ନାମକ ଏଣ୍ଡୁଅକୁ ସର୍ବୋଚ୍ଚ ସତ୍ତା 'ଏଲୋରୁନ୍'ର ସ୍ଥାନ ପ୍ରଦାନ କରାଯାଇଛି। ବିଶ୍ୱାସ ରହିଛି ଯେ, ଏଣ୍ଡୁଅ ଏଲୋରୁନ୍ ଦେବତାଙ୍କ ପାଇଁ ସନ୍ଦେଶବାହକର କାର୍ଯ୍ୟ କରିଥାଏ। ତେଣୁ ଏଣ୍ଡୁଅକୁ ଦେଖିବା ମାତ୍ରେ ଶୁଭଙ୍କର ଚିନ୍ତା କରିବା ଦ୍ୱାରା ମନସ୍କାମନା ପୂର୍ତ୍ତି ହୋଇଥାଏ।

ତେବେ ପରମ୍ପରା ଓ ସଂସ୍କୃତିର ବିଭିନ୍ନତା ଅନୁଯାୟୀ ବିଶ୍ୱର କେତେକ ସ୍ଥାନରେ ଏଣ୍ଡୁଅକୁ ଦିବ୍ୟଜୀବର ମାନ୍ୟତା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ଏଣ୍ଡୁଅକୁ ନକାରାତ୍ମକ ଶକ୍ତି ଓ ଅଶୁଭତାର ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଇଛି, ଯାହାକି ପୂର୍ଣ୍ଣତଃ ବିଶ୍ୱାସର ବୈଚିତ୍ର୍ୟତା ଉପରେ ନିର୍ଭର କରୁଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜୁଳି ବଳକା ରାଜ୍ୟରେ ସାଂଘାତିକ ଶକ୍ତି ସଙ୍କଟ

## ତାତିର ତାଉ ଓ ଗୁଳୁଗୁଳି ସାଙ୍ଗକୁ ଲୋ-ଭୋଲଟେଜ ଯନ୍ତ୍ରଣା

ଭୁବନେଶ୍ୱର,୨୧।୫(ସମିସ): ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି। ଅତ୍ୟଧିକ ଗୁଳୁଗୁଳି କାରଣରୁ ତାତିରପ୍ରକୋପଓପ୍ରଭାବଅଧିକହେଉଥିବା ବେଳେ ଲୋକଙ୍କୁ କଲବଲ କରୁଛି ବିଜୁଳି ଯନ୍ତ୍ରଣା । ସାରା ରାଜ୍ୟରେ ଲୋ-ଭୋଲଟେଜ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

- ବୋଝ ଉପରେ ନଳିତା ବିଡ଼ା ହୋଇଛି ଅଘୋଷିତ ବିଜୁଳି କାଟ
- ସରକାର କହିଥିଲେ ଅଘୋଷିତ ବିଜୁଳିକାଟରେ ହେବ ଜେଲ ଦଣ୍ଡ
- ଘନଘନ ଅଘୋଷିତ ବିଜୁଳିକାଟ ସତ୍ତ୍ୱେ ଜଣେ ବି ଗଲେନି ଜେଲ

କିଛିଦିନ ହେବ ଲୋ-ଭୋଲଟେଜ ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ଏସି ତ ଦୂରର କଥା ପଙ୍ଖା ବି ଘୂରୁନାହିଁ। ତାତି ସହ ଗୁଳୁଗୁଳିରେ ଲୋକେ ସିଝୁଛନ୍ତି। ଏହାକୁ ନେଇ ରାଜ୍ୟ ସାରା ବିଦ୍ୟୁତ୍ ବିଭାଗରେ ଗଦାଗଦା ଅଭିଯୋଗ। ବିଦ୍ୟୁତ୍ ବ୍ୟବହାର ଅର୍ଥାତ୍ ଲୋଡ ବଢ଼ିଯାଇଥିବାରୁ କିଛି ହେବ ନାହିଁ ବୋଲି ଉଲ୍ଲେଖ କରି ବିତରକ କମ୍ପାନୀ ହାତ ଟେକି ଦେଇଛି। ସାଧାରଣ ଲୋକଙ୍କ ଦୁଃଖ ଏଇଠି ସରିନାହିଁ। ଲୋ ଭୋଲଟେଜ ସମସ୍ୟା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ଦୁର୍ଦ୍ଦଶାକୁ ବହୁ ଗୁଣ କରିଛି। ବିନା କୌଣସି ପୂର୍ବ ସୂଚନାରେ ଏକାଧିକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଯାହାଫଳରେ ସବୁ ବର୍ଗର ଲୋକେ ପ୍ରବଳ, ଖରା ଗରମରେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି।

ବିନା ପୂର୍ବ ସୂଚନାରେ ବିଜୁଳି କାଟିବା ଦଣ୍ଡନୀୟ ଅପରାଧ ବୋଲି ଉଲ୍ଲେଖ କରି ବିନା ସୂଚନାରେ ଯଦି ବିଜୁଳି କଟାଗଲା, ତେବେ ସମ୍ପୃକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିକଟରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏପରିକି ସେମାନଙ୍କୁ ଜେଲ ଯିବାକୁ ପଡ଼ିପାରେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଏହି ଚେତାବନୀକୁ ମାସେରୁ ଅଧିକ ସମୟ ପୂରିଥିବା ବେଳେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବେଧଡ଼କ ଅଘୋଷିତ ବିଜୁଳି କାଟ ଜାରି ରହିଛି। ତେବେ ଏଯାବତ୍ ଏହି ଘଟଣାରେ ଜଣେ ହେଲେ ବିଜୁଳି ବିଭାଗର ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଗୋଟିଏ ପଟେ ଓଡ଼ିଶା ନିଜକୁ ବିଜୁଳି ବଳକା ରାଜ୍ୟ ବୋଲି କହୁଛି। ଅନ୍ୟ ରାଜ୍ୟକୁ ଅପେକ୍ଷାକୃତ କମ୍ ଦରରେ ବିଜୁଳି ବିକୁଛି। ଓଡ଼ିଶାରୁ ବିଜୁଳି କିଣି ଅନ୍ୟ ରାଜ୍ୟମାନେ ନିଜର ଉପଭୋକ୍ତାଙ୍କୁ ମାଗଣା ତଥା ଶସ୍ତା ବିଦ୍ୟୁତ୍ ଯୋଗାଇ ମଧ୍ୟ ଦେଉଛନ୍ତି। ମାତ୍ର ଓଡ଼ିଶାର ଲୋକେ ଆଶ୍ଚର୍ଯ୍ୟଜନକ ଭାବେ ଲୋ-ଭୋଲଟେଜ, ବିଜୁଳି କାଟ ସମସ୍ୟା ନିୟମିତ ଭାବେ ଭୋଗି ଚାଲିଛନ୍ତି। ଏପରିକି ଓଡ଼ିଶାକୁ ଛାଡ଼ି ଭାରତବର୍ଷ ଅନ ସମସ୍ତ ରାଜ୍ୟ ନିଜର ଘରୋଇ, କୃଷି କିମ୍ବା ନିର୍ଦ୍ଦିଷ୍ଟ ଶ୍ରେଣୀର ବିଜୁଳି ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ବିଜୁଳି ସେବା ଯୋଗାଇ ଦେଉଛନ୍ତି। ତାହେଲେ ଓଡ଼ିଶା ବିଜୁଳି ବଳକା ରାଜ୍ୟ ହେବାର ଫାଇଦା କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଜାତୀୟ ରାଜନୀତିରେ...

ଭାରତୀୟ ରାଜନୈତିକ ଇତିହାସରେ ସାମାଜିକ ଗଣମାଧ୍ୟମର ବ୍ୟଙ୍ଗ ମାଧ୍ୟମରେ ଏଭଳି ଏକ ବୃହତ ଜନ ଆନ୍ଦୋଳନର ସୂତ୍ରପାତ ହେବା ପୂର୍ବରୁ କଦାପି ଦେଖାଯାଇନଥିଲା। ଏକ୍ସ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଏହି ବିତର୍କ ଆହୁରି ତୀବ୍ର ରୂପ ଧାରଣ କରିଛି। ଏହି ଭର୍ଚୁଆଲ୍ ଆନ୍ଦୋଳନ ଭବିଷ୍ୟତରେ ଏକ ଆନୁଷ୍ଠାନିକ ରାଜନୈତିକ ଦଳର ରୂପ ନେବ କିମ୍ବା କେବଳ ଏକ ସାମୟିକ ପ୍ରତିବାଦ ମଧ୍ୟରେ ସୀମିତ ରହିବ, ତାହା ଆଗାମୀ ସମୟ ହିଁ ସ୍ପଷ୍ଟ କରିବ। ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ତତଲା ତାୱାରେ...

ସମ୍ବଲପୁରରେ ତାପମାତ୍ରା ୪୪.୬, ହୀରାକୁଦରେ ୪୪.୫, ବଲାଙ୍ଗିର ୪୪.୬, ଟିଟିଲାଗଡ଼ ୪୪.୫, ସୋନପୁର ୪୪.୩, ବୌଦ୍ଧ ୪୪.୨ ଡିଗ୍ରୀ ରେକର୍ଡ ହୋଇଛି। ଏହି ଜିଲ୍ଲାଗୁଡ଼ିକ ସମେତ ଆଜି ମୋଟ୍ ୧୦ ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ବେଳେ ୧୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଏହା ବ୍ୟତୀତ ରାଜଧାନୀରେ ଗତକାଲି ତୁଳନାରେ ଆଜି ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇ ୪୨.୨ ଡିଗ୍ରୀ ରେକର୍ଡ କରିଛି। କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ୍ୟ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ଗତ କାଲି ତୁଳନାରେ ଏଠାରେ ତାପମାତ୍ରା ୩ ଡିଗ୍ରୀ ବଢ଼ିଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଆଜି ଦିନ ତମାମ ବାୟୁ ମଣ୍ଡଳରେ ଆର୍ଦ୍ରତାର ପରିମାଣ ୬୦-୮୦ ପ୍ରତିଶତ ରହିଛି। ଫଳରେ ଲୋକମାନଙ୍କ ପାଇଁ ଗ୍ୟାସ ଚାମ୍ବରରେ ରହିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧.୩୦ ରେ ଭୁବନେଶ୍ୱରରେ ୩୮.୪ ଡିଗ୍ରୀ ତାପମାତ୍ରା ରହିଥିଲେ ମଧ୍ୟ ଆର୍ଦ୍ରତା ୫୬ ପ୍ରତିଶତ ରହିଥିଲା। ଏହାଦ୍ୱାରା ରାଜଧାନୀରେ ୫୩ ଡିଗ୍ରୀ (ଫିଲ ଲାଇକ୍ ଟେମ୍ପରେଚର) ତାପମାତ୍ରା ଅନୁଭୂତ ହେଉଥିଲା। ସମାନ ଭାବେ ଉପକୂଳବର୍ତ୍ତୀ ଅଧିକାଂଶ ଜିଲ୍ଲାରେ ଆଜି ତାପମାତ୍ରା ଥର୍ମମିଟରରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ସାମାନ୍ୟ ଅଧିକ ରେକର୍ଡ ହୋଇଥିଲେ ମଧ୍ୟ ୫୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ଅନୁଭବ ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଜାରି ରହିଥିବା ଏଭଳି ଗରମ ଗୁଳୁଗୁଳି ଅବସ୍ଥା ୨୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଦିନ ବେଳା ଭୀଷଣ ଗରମ ଗୁଳୁଗଳି ସହ ତାପମାତ୍ରା ଅଧିକ ରହୁଥିବା ହେତୁ ରାତିରେ ମଧ୍ୟ ତାତି ଅନୁଭୂତ ହେବ। ରାତିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଉଷ୍ମ ରାତ୍ରୀ ଜନିତ ଆଲର୍ଟ ଜାରି କରିଛି। ସେହିପରି ଶୁକ୍ରବାର ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ, ସୋନପୁର, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ସହ ସମ୍ବଲପୁର ଓ ବଲାଙ୍ଗିରରେ ଉଷ୍ମ ରାତ୍ରୀ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଏହି ସମୟ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ସ୍ଥିତି ନେଇ ମଧ୍ୟ ଆଶଙ୍କା କରାଯାଇଛି। ହେଲେ ଯେଉଁ ଅଞ୍ଚଳରେ କାଳବୈଶାଖୀ ହେବ, ସେଠାରେ ଆଂଶିକ ତାତି କମିଲେ ମଧ୍ୟ ବାକି ଅଞ୍ଚଳରେ ତାତି ଓ ଗୁଳୁଗୁଳି ପ୍ରଶମିତ ହେବାର ଆଶଙ୍କା କମ୍ ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

### ଗ୍ରାହକଙ୍କୁ ୨୦୦ କୋଟିର...

ଅଧା ମୂଲ୍ୟରେ) ୧୬୬୭ ନିୟୁତ ୟୁନିଟ୍ ବିଜୁଳି କ୍ରୟ କରୁଛି। ନୀତିରେ ସଂଶୋଧନ ହେବା ଦ୍ୱାରା ଗ୍ରୀଡ୍‌କୋ ୧୨ ପ୍ରତିଶତ ବଦଳରେ ମାତ୍ର ୫ ପ୍ରତିଶତ ବିଦ୍ୟୁତ୍ ପାଇବ। ଅର୍ଥାତ ଓଡ଼ିଶା ପାଉଥିବା ବାର୍ଷିକ ପ୍ରାୟ ୧୦୦୦ ନିୟୁତ ୟୁନିଟରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ। ସେଥିପାଇଁ ଓଡ଼ିଶାର ଏକ କୋଟି ଉପଭୋକ୍ତା ବାର୍ଷିକ ଅତିରିକ୍ତ ବୋଝ ୨୦୦ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପାଇଁ ପ୍ରତେକ ବିଦ୍ୟୁତ୍ ଉପଭୋକ୍ତା ବର୍ଷକୁ ଅତିରିକ୍ତ ୨୦୦ ଟଙ୍କା ବିଦ୍ୟୁତ୍ ବିଲ୍ ପରିଶୋଧ କରିବେ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଇଛନ୍ତି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀଗୁଡିକ ପାଇଁ ଫିକ୍ସଡ ଚାର୍ଜ (ସ୍ଥିର ମୂଲ୍ୟ) ଓ ଭାରିଏବଲ ଚାର୍ଜ (ପରିବର୍ତ୍ତନଶୀଳ ମୂଲ୍ୟ) ଭଳି ଦ୍ୱିସ୍ତରୀୟ ଟାରିଫ ପ୍ରଚଳନ ଅଛି। ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି ଅନୁସାରେ ଆଇପିପିମାନଙ୍କୁ ଗ୍ରୀଡ୍‌କୋ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ ବିଦ୍ୟୁତ୍ କ୍ରୟ କରେ। ଗ୍ରୀଡ୍‌କୋକୁ କୌଣସି ସ୍ଥିର ମୂଲ୍ୟ ଦେବାକୁ ପଡ଼େ ନାହି। ଉତ୍ପାଦନ ଟାରିଫର ସ୍ଥିରମୂଲ୍ୟ ଓ ପରିବର୍ତ୍ତନଶୀଳ ମୂଲ୍ୟର ଅନୁପାତ ମୋଟାମୋଟି ୫୦:୫୦ ଅଟେ। ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ସାଧାରଣତଃ ଘରୋଇ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର କୋଇଲା ଖଣି, ପାଣି ଓ ଜଙ୍ଗଲ ଜମି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶାରେ ପ୍ରଦୂଷଣ ବୃଦ୍ଧି ପାଇବା ସହ କୋଇଲା ପାଉଁଶ ଏକ ବଡ଼ ସମସ୍ୟା ହୋଇଛି। ତେଣୁ କ୍ୟାବିନେଟ ନିଷ୍ପତ୍ତି ଜନବିରୋଧୀ ହୋଇଛି। ଉପଭୋକ୍ତାଙ୍କୁ ଶୋଷଣ କରି କମ୍ପାନୀକୁ ଲାଭ ଦେବାପାଇଁ ଏପରି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ତୁରନ୍ତ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

### ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ...

ଭାବେ ବୈଠକରେ ଯୋଗ ଦେଇପାରିବେ ଏବଂ ଅନ୍ୟମାନେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେବେ। ସେହିଭଳି ଆସନ୍ତା ୧ ତାରିଖଠାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଯେତେ ନୂଆ ଦୁଇ ଚକିଆ ଓ ଚାରି ଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ। ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ସେହିଭଳି ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଇଭି ହେବା ବାଧ୍ୟତାମୂଳକ କରାଯିବ। ସେହିପରି ତୃତୀୟ ନିର୍ଦ୍ଦେଶ ଅନୁଯାୟୀ ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ। ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ୍ୟ ତଦନୁଯାୟୀ ଅଧା କରାଯିବ। କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରୀ କରିବ। ଦୂରସ୍ଥାନକୁ ପରିଦର୍ଶନରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ। ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବହୁଳମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ। ସରକାରୀ ଯାନ'ର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମ୍‌ରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ କାର୍ଯ୍ୟାଳୟ ସୁଚିନ୍ତିତ ପଦକ୍ଷେପ ନେବେ। ଏହି ନିର୍ଦ୍ଦେଶାବଳୀ, ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକ୍‌ସ୍ତର ସହିତ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଉଦ୍ୟୋଗ, ସଂସ୍ଥା, ବିଶ୍ୱବିଦ୍ୟାଳୟ, ସମିତି ମାନଙ୍କରେ କଡ଼ାକଡ଼ି ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଇବୋଲା ଆତଙ୍କ...

କରି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନ ଭଳି ଅଧିକ ବିପଦ ଥିବା ଦେଶରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଦେଶର ପ୍ରମୁଖ ବନ୍ଦର ଓ ବିମାନବନ୍ଦର ଗୁଡ଼ିକରେ ସ୍କ୍ରିନିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯେଉଁ ଯାତ୍ରୀମାନଙ୍କ ପାଖରେ ଜ୍ୱର, ବାନ୍ତି, ଝାଡ଼ା, ମାଂସପେଶୀରେ ଯନ୍ତ୍ରଣା କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ ଭଳି ଲକ୍ଷଣ ଦେଖାଦେଉଛି ସେମାନଙ୍କୁ ତୁରନ୍ତ ବିମାନବନ୍ଦରର ସ୍ୱାସ୍ଥ୍ୟ ଡେସ୍କକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ, କେହି ସନ୍ଦିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ, ସେମାନଙ୍କୁ ଇମିଗ୍ରେସନ ପୂର୍ବରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଯାତ୍ରୀମାନଙ୍କୁ ଭାରତରେ ପହଞ୍ଚିବାର ୨୧ ଦିନ ପର୍ଯ୍ୟନ୍ତ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଏବଂ କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଏହି ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ଭାରତ ସରକାର ଏବଂ ଆଫ୍ରିକୀୟ ସଂଘ ମେ ୨୮ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା 'ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀ'କୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ଭାରତରେ ଏବେ ସୁଦ୍ଧା କୌଣସି ଇବୋଲା ମାମଲା ଚିହ୍ନଟ ହୋଇନାହିଁ, ତଥାପି ସରକାର କ୍ୱାରେଣ୍ଟିନ, କେସ୍ ମ୍ୟାନେଜମେଣ୍ଟ ଏବଂ ଲାବୋରେଟୋରୀ ପରୀକ୍ଷା ପାଇଁ ବିସ୍ତୃତ ମାର୍ଗଦର୍ଶିକା (ଏସ୍‌ଓପି) ଜାରି କରିଛନ୍ତି।

### ଅଂଶୁଘାତରେ ଗଲା...

କରିଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଧୀନ ଅର୍ଜୁନଚୁଆ ଗ୍ରାମର ପ୍ରଭୁଶାଇ ମୁଣ୍ଡାଙ୍କ ପୁଅ ସୁସାର ମୁଣ୍ଡା (୩୫) କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଗାଁ ମୁଣ୍ଡ ଏକ ଗଛମୂଳରେ ଶୋଇ ପଡ଼ିଥିଲେ। ଦୀର୍ଘ ସମୟ ଧରି ନଉଠିବାରୁ ଗାଁ ଲୋକେ ସନ୍ଦେହ କରି ପଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ ସୁଦ୍ଧା ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଶିମିଳିପାଳରେ ପୁଣି କଳାବାଘ ଶିକାର

ବାରିପଦା,୨୧।୫(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ ପୁଣି ଗୋଟିଏ କଳାବାଘ ଶିକାର ହୋଇଛି। ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏଫ) ଗୋଟିଏ କଳାବାଘ ଛାଲ ଜବତ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଏସ୍‌ଟିଏଫ୍ ୩ ଅଭିଯୁକ୍ତଙ୍କୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ, ଖୁଣ୍ଟା ଥାନା କୁସୁମଘାଟି ଗ୍ରାମର ଗଙ୍ଗାଧର ମୁର୍ମୁ (୬୨), କୁଳିଅଣା ଥାନା କାଠରୁମା ଗ୍ରାମର ରାମଦାସ ହେମ୍ବ୍ରମ (୪୦), ବାଙ୍ଗିରିପୋଷି ଥାନା ଯୋକା ଗ୍ରାମର ଭିମା ବାସ୍କେ (୪୦)। ସେମାନଙ୍କଠାରୁ ୩ଟି ବାଇକ୍, ୨ଟି ମୋବାଇଲ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗାତରେ ପଡ଼ି ଆହତ ହେତୁ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ଆହୁରି କିଛି ଅଭିଯୁକ୍ତଙ୍କ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ତନାଘନା ଚଳାଇଛି। ଗୁରୁବାର ଅପରାହ୍ଣରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ-କ୍ଷେତ୍ର ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ସୂଚନା



ଦେଇଛନ୍ତି। ମୃତ ବାଘଟି ପାଖାପାଖି ୨ବର୍ଷର ଶାବକ ବୋଲି ଅନୁମାନ କରାଯାଉଛି। ପରୀକ୍ଷାଗାରକୁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟର କାରଣ ଓ ସବିଶେଷ ସୂଚନା ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

ଏହାକୁ ମିଶାଇ ଶିମିଳିପାଳରେ ଏହା ତୃତୀୟ କଳାବାଘ ଶିକାର ଘଟଣା। ଭାରତରେ କେବଳ ଶିମିଳିପାଳରେ ହିଁ କଳାବାଘ ଦେଖାଯାଆନ୍ତି। ପୂର୍ବ ଗଣନା ଅନୁସାରେ,

## ଛାଲ ବିକ୍ରି ବେଳେ ୩ ଗିରଫ

ଶିମିଳିପାଳରେ ୧୪ଟି କଳାବାଘ ଥିଲେ। ଶିକାରୀଙ୍କ ଲୋଲୁପଦୃଷ୍ଟି ପାଇଁ ଏବେ ତାଙ୍କ ଜୀବନ ଅସୁରକ୍ଷିତ। ଅପରପକ୍ଷେ, ଶିକାର ବନ୍ଦ ପାଇଁ ଶିମିଳିପାଳରେ ୭ଟି ସନ୍ଧାନୀ କୁକୁର ସ୍କ୍ୱାଡ୍, ଏସ୍‌ଟିଏଫ୍, ଗୁଇନ୍ଦା ଟିମ୍ ଓ ଏଆଇ କୌଶଳ ଦ୍ୱାରା ଅଧିକରୁ ଅଧିକ କୌଶଳ ବିଭାଗ ପକ୍ଷରୁ ଆପଣାଯାଉଛି ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

# ବିଧବାଙ୍କୁ ଦୁଷ୍କର୍ମ ପରେ ହତ୍ୟା!

## ଗୋଡ଼ହାତ ବନ୍ଧା ଅବସ୍ଥାରେ ଶବ ଉଦ୍ଧାର

ବେତନଟୀ, ୨୧।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ୫୨ବର୍ଷୀୟା ବିଧବା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ତାଙ୍କ ହାତ-ଗୋଡ଼ ବାନ୍ଧି ତଣ୍ଟି ଚିପି ହତ୍ୟା କରିଛି ବୋଲି ସନ୍ଦେହ କରାଯାଉଛି। ମହିଳାଜଣଙ୍କ ଗାଁରେ ଏକାକୀ ରହୁଥିବା ବେଳେ ତାଙ୍କର ଏକମାତ୍ର ପୁଅ ପଣ୍ଡିଚେରୀରେ ଚାକିରି କରନ୍ତି। ମହିଳାଜଣଙ୍କ ମଧ୍ୟ ଗାଁରେ ଏକ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାର ଉଦ୍ଦେଶ୍ୟ ଓ ଦୁଷ୍କର୍ମକାରୀର ପରିଚୟ ଚିହ୍ନଟ କରିବା ପାଇଁ ପୁଲିସ ତନାଘନା ଜାରି ରଖିଛି। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମହିଳାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିବା ପରେ ତାଙ୍କ ହାତ ଓ ଗୋଡ଼ ବାନ୍ଧି ପାଟିରେ କନା ପୂରାଇ ତଣ୍ଟି ଚିପି ହତ୍ୟା କରିଥିଲା। ମହିଳାଙ୍କ ଶରୀରକୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରଖାଯାଇଥିଲା। ଗୁରୁବାର ସକାଳେ ପାଖ ପଡ଼ୋଶୀ ଦୋକାନରୁ ସାମଗ୍ରୀ କିଣିବାକୁ ଆସି ତାଙ୍କୁ ଦୋକାନରେ ନପାଇ ଡାକିଥିଲେ। ସେ ନ ଶୁଣିବାରୁ କବାଟ ଖୋଲାଥିବା ଦେଖି ଭିତରକୁ ପଶିଥିଲେ। ସେଠାରେ ଏହି ଭୟଙ୍କର ଦୃଶ୍ୟ ଦେଖିବାକୁ ପାଇଥିଲେ। ଏହି ଜଘନ୍ୟ ଘଟଣା ଗ୍ରାମାଞ୍ଚଳରେ ମହିଳା ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକେ ଦୁର୍ବୃତ୍ତକୁ ଶୀଘ୍ର ଚିହ୍ନଟ କରି ଗିରଫ କରିବାକୁ ଦାବି କରିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.01 dtd.21.05.2026 I Rushi Bhue, S/o- Nimain Bhue, R/o- Vill.- Damapali, Po.- Sarkanda, Ps.- Sohela, Dist.- Bargarh state that, I have changed my minor son's name from **Sanskar Bhoi** to **Sanskar Bhue**. Henceforth he will be known as **Sanskar Bhue** for all purposes.


# ମେଲୋଡି କାର୍ଯ୍ୟକ୍ରମରେ ଯୁବକଙ୍କୁ ଛୁରାମାଡ଼



ଭବାନୀପାଟଣା, ୨୧।୫(ସମିସ): ମେଲୋଡ଼ି କାର୍ଯ୍ୟକ୍ରମରେ ଯୁବକଙ୍କୁ ଛୁରାମାଡ଼। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଖେଳ ପଡ଼ିଆରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆହତ ଯୁବକଜଣଙ୍କ ହେଲେ, କନାବିରା ଗାଁର ଦିନେଶ ଶବର(୨୪)। ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦିନେଶଙ୍କ ବାପା ଜାଗର ଶବରଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ ୨୦୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଟାଉନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି। ସୂଚନାନୁଯାୟୀ, ଗତରାତିରେ ଭବାନୀପାଟଣା ସଦର ବିଧାୟକଙ୍କ ଦ୍ୱାରା ଲାଲବାହାଦୂର ଶାସ୍ତ୍ରୀ ଖେଳପଡ଼ିଆରେ ଖେଳମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇନ୍‌ଡୋର୍ ଗେମ୍ ସହ କ୍ରିକେଟ ମ୍ୟାଚ୍ ଚାଲିଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଦିନେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପଛପଟୁ ତାଙ୍କୁ ଛୁରି ଭୁସି ଦେଇଥିଲେ।

# ଭିଜିଲାନ୍ସ ଜାଲରେ ବରିଷ୍ଠ ସହାୟକ, ପିଅନ



ବଲାଙ୍ଗିର,୨୧।୫(ସମିସ): ଲାଞ୍ଚ କାରବାର ଅଭିଯୋଗରେ ବଲାଙ୍ଗିର ଏଆରସିଏସ୍ କାର୍ଯ୍ୟାଳୟର ୨ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେମାନେ ହେଲେ, ବରିଷ୍ଠ ସହାୟକ ଅନିଲ ପଣ୍ଡା ଓ ପିଅନ ହରେକୃଷ୍ଣ ମାଝୀ। କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରିବା ପାଇଁ ଅନିଲ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ପ୍ରଥମ କିସ୍ତି ଭାବେ ୭୦ ହଜାର ଟଙ୍କା ପିଅନ ହରେକୃଷ୍ଣ ମାଝୀଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଯୋଜନାବଦ୍ଧ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ୭୦ ହଜାର ଟଙ୍କା ବ୍ୟାଙ୍କ ମାଧ୍ୟମରେ ଗ୍ରହଣ କରୁଥିବା ସମୟରେ ଉଭୟଙ୍କୁ କାବୁ କରିଥିଲା। ପରେ ଦୁଇ ଅଭିଯୁକ୍ତଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଦିଗରେ ତଦନ୍ତ ଜାରି ରହିଛି।


OFFICEOFTHEBLOCK DEVELOPMENT OFFICER 19001/74/2627
OUPADA,BALASORE
Email–ori-Oupada@nic.in
INVITATIONFORBIDSTHROUGHe-Procurement
BidIdentificationNo. PS-Oupada-01 of 2026-27

**Invitation for Bids**

| | | | |
|---|---|---|---|
| 1. | TheBLOCK DEVELOPMENT OFFICER,OUPADA,BALASORE,onbehalfofGovernorofOdisha,invitespercentageratebidsinsinglecoversystemin ONLINEMODEonly,for Constructionof Buildingworksasdetailedbelow. | | |
| 2. | Natureofwork | : | CivilWorks |
| 3. | No.ofwork | : | One |
| 4. | Bid Cost. | : | ₹ 6,000/- |
| 5. | Class ofContractor | : | 'B'&'C'License |
| 6. | Availability of BidDocumentsinthewebsite | : | From10.00AMof 20-05-2026to5.00PMof 03-06-2026 |
| 7. | DateofOpeningofBid | : | Dt.04-06-2026 at10:00 AM.onwards |
| 8. | TheBiddershavetoparticipateinONLINEbiddingonly.Furtherdetails canbeseenfromthewebsite:https://tendersodisha.gov.in.Anyaddendum/corrigendum/cancellation oftender canalsobeseeninthesaidwebsiteonly. | | |

OIPR-19001/19139/1/26-27/0001

Block Development Officer, Oupada, Balasore

OFFICE OF THE SUPERINTENDING ENGINEER 32001/263/2627
QUALITY ASSURANCE DIVISION, CUTTACK, JAGATPUR
seqadcuttack7@gmail.com
Phone No-06712964167
Quotation Call Notice No. 01 /2026-27

Sealed quotations are invited in the prescribed format from the interested reputed Travel Agencies / Tour Operators / Individuals having valid & up to date registration under GST Act for providing vehicle with driver which shall conform to the terms and conditions mentioned in the format available in the O/o Superintending Engineer, Quality Assurance Division, Cuttack, Jagatpur on or before dt. 29.05.2026, 2.00 PM.

1. Quotation format will be available in the O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt. 22.05.26 to 2.00 PM. of dt. 29.05.26 without any tender paper cost.
2. Duly filled quotation format issued by this office should be in the box kept in O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt.22.05.26 to 2.00 PM. of dt.29.05.26 (during office hours of working days) and shall be opened on dt. 29.05.26 at 3.30 PM. in presence of the interested bidders or their authorized representatives during office hours.
3. Security Deposit (Refundable) for an amount of Rs. 5000.00 each vehicle must be deposited in shape of FD/ NSC / TDR /KVP duly pledged in favour of Superintending Engineer, Quality Assurance Division, Cuttack, Jagatpur along with the quotation format.
4. In case of the specified date of quotation opening being declared as holiday, the quotation will be opened at the scheduled time on the next working day.
5. The authority reserves the right to reject any or all quotation without assigning any reason thereof.

| Sl No. | Name of the work | Number of Vehicle | Paper Cost | Quotation Call Notice No |
|---|---|---|---|---|
| 1. | Hiring of Private Vehicle for Superintending Engineer, Quality Assurance Division, Cuttack, Jagatpur | 01 No. | NIL | 01/2026-27 |

OIPR-32001/32416/1/26-27/0002

Sd/- Superintending Engineer, Quality Assurance Division, Cuttack, Jagatpur



ବ୍ୟାଙ୍କ ଅଫ୍ ବରୋଦା Bank of Baroda

ବଡବଜାର ଶାଖା
ଭେଙ୍କଟେଶ୍ୱର ଟେମ୍ପଲ ରୋଡ୍, ବ୍ରହ୍ମପୁର, ଜିଲ୍ଲା:ଗଞ୍ଜାମ-୭୬୦୦୦୨

**ଲକର ନୋଟିସ୍**

ଏତଦ୍ୱାରା ଆମ ବଡବଜାର ଶାଖାର ନିମ୍ନ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ସେମାନେ ଦୀର୍ଘ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀମାନେ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କିମ୍ବା ଲକର ଅପରେଟ୍ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି। ତଦନୁଯାୟୀ ନିମ୍ନଲିଖିତ ଲକରଗୁଡିକୁ ତା.୨୨.୦୮.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରେ ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସମ୍ପୃକ୍ତ ଲକରଧାରୀମାନଙ୍କୁ ପରାମର୍ଶ କି ସେମାନେ ତା.୨୧.୦୮.୨୦୨୬ରିଖ ପୂର୍ବରୁ ଶାଖା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସେମାନଙ୍କର ସମସ୍ତ ଲକର ଭଡା ପରିଶୋଧ କରନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀମାନେ ବହନ କରିବେ ଏବଂ ବକେୟା ଭଡା ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ରହିଛି।

| କ୍ର. ନଂ. | ଲକର ନଂ | ଲକରଧାରୀଙ୍କ ନାମ |
|---|---|---|
| ୧. | ୯୦ | ଅନ୍ନପୂର୍ଣ୍ଣା ପଟ୍ଟନାଏକ |
| ୨. | ୮୨ | ଭି ଭି ଶ୍ରୀନିବାସ ରାଓ |

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୧.୦୫.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT

8001/100/2627

Phone No-8895976137, E-Mail : ID-dfo.koraput@odisha.gov.in
Memo No. 2816 (1F)-Accts.- /2026.Date: 19.05.2026

**TENDER CALL NOTICE FOR HIRING VEHICLE**

Sealed tender are invited from interested Reputed Travel Agencies/ Tour Operator or private individuals for providing 07 (Seven) Nos. of Vehicle (Bolero Neo or Bolero Neo Plus Diesel driven AC) vehicles having sitting capacity of seven persons including driver, which shall confirm to the Terms and Conditions (Annexure-III) for official use at different Range Offices under the establishment of Koraput Forest Division on monthly rental basis so as to reach in the Office of the Divisional Forest Officer, Koraput on or before 04.06.2026 up to 5:00 P.M through Registered Post/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Koraput. The Tender will be opened in the same office on 05.06.2026 at 11:00 AM. The Bidding Documents and Terms and Condition can be downloaded from https://koraput.odisha.gov.in / https://degm.koraput@odisha.gov.in and also can be obtained from the Office of the Divisional Forest Office, Koraput Division from 22.05.2026 to 04.06.2026 during office hours. The tender inviting authority reserves the right of accepting or rejecting the tender officers or cancelling the tender without assigning any reason thereof.

OIPR-8001/8067/1/26-27/0001

Divisional Forest Officer, Koraput Forest Division



**AUCTION NOTICE**

**State Bank of India**
Manpur, Bhaunpur

| | |
|---|---|
| Name and Address of the Borrower: | Bhulata Behera C/o- Prasanta Behera Po- Bhuinpur Aul, Kendrapada |
| Loan A/c Number: | 41567726929 |
| Outstanding Amount: (As on 21.05.2026) | Rs.64,123/- |

We refer to our letter No- Br/016/25-26/320 dated 22/01/2026 informing you to repay the dues in your gold loan account.

As we have not received the payment in your account within the stipulated time mentioned in our letter, we are constrained to auction the gold ornaments pledged to the bank to realise our dues.

The auction will be held at Manpur branch at 11:00 AM on 28/05/2026.

Sd/- Branch Manager



GOVERNMENT OF ODISHA 8001/102/2627
DEPARTMENT OF FORESTS, ENVIRONMENT & CLIMATE CHANGE
OFFICE OF THE DIVISIONAL FOREST OFFICER
REDHAKHOL FOREST DIVISION, DIST: SAMBALPUR, ODISHA
Phone: 06644-299940 | Email: dfo.redhakhol@odisha.gov.in
Website: www.redhakholforest.co.in

| Tender Notice No. | F & E/RKL/011(OFFLINE)/2026-27 |
|---|---|
| Date of Publication | 21.05.2026 |

**TENDER CALL NOTICE**

*Installation of Hanging Solar Tentacle Fencing in Redhakhol Forest Division*

The Divisional Forest Officer, Redhakhol Forest Division **invites sealed tenders** from reputed intending Manufacturing Firms / Dealers / Suppliers having valid GSTIN and PAN Registration for the **Installation of Hanging Solar Tentacle Fencing** in Redhakhol Forest Division.

The tender papers with detailed terms and conditions can be downloaded from the websites **www.redhakholforest.co.in, https://sambalpur.odisha.gov.in** or **www.odishaforest.in** from 11:00 hours of 21.05.2026 to 17:00 hours of 11.06.2026.

The cost of tender paper is **Rs. 1,000/- (Rupees One Thousand only)**, to be deposited by Demand Draft in favour of the **Divisional Forest Officer, Redhakhol Forest Division,** payable at Redhakhol. The tender papers may be submitted at the address mentioned below on or before **11.06.2026 till 05:00 PM** through Speed Post / Registered Post / by hand only. The tenders will be opened in the Office of the undersigned on **12.06.2026 at 11:00 AM**.

*The undersigned reserves the right to accept or reject any or all the tenders without assigning any reason thereof.*

| Sl. No. | Event | Date & Time |
|---|---|---|
| 1 | Date of Publication of Bid | 21.05.2026 |
| 2 | Last Date for Submission of Bid | 11.06.2026 • upto 05:00 PM |
| 3 | Date of Opening of Tender | 12.06.2026 • at 11:00 AM |

OIPR-8001/8146/1/26-27/0013

Sd/- Divisional Forest Officer
Redhakhol Forest Division

ସକାଳ THE SAKALA



### ୪ ଦିନ ସମୟ ମାଗିଲା ପ୍ରଶାସନ

# ଅନ୍ନଦାତାଙ୍କ ଆମରଣ ଅନଶନ ସାମୟିକ ପ୍ରତ୍ୟାହାର

କୋକସରା,୨୧।୫(ସମିସ)



କୋକସରାଠାରେ ଦୀର୍ଘ ୧୪ଦିନ ଧରି ଚାଲିଥିବା ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ଚାଷୀ ସଂଘର ଆନ୍ଦୋଳନ ଓ ଆମରଣ ଅନଶନରେ ଗୁରୁବାର ଏକ ବଡ଼ ମୋଡ଼ ଆସିଛି। ସ୍ଥାନୀୟ ପ୍ରଶାସନ ଓ ଚାଷୀ ପ୍ରତିନିଧି ଦଳ ମଧ୍ୟରେ ହୋଇଥିବା ଦୀର୍ଘ ଆଲୋଚନା ପରେ ସନ୍ଧ୍ୟାରେ ଆମରଣ ଅନଶନକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି।

ଚାଷୀଙ୍କ ଦାବିଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ ଦିନର ସମୟ ମାଗିବା ପରେ ଚାଷୀମାନେ ଆମରଣ ଅନଶନ ପ୍ରତ୍ୟାହୃତ କରିଥିଲେ ମଧ୍ୟ ଗଣଧାରଣା ଜାରି ରହିବ ବୋଲି କୁହାଯାଇଛି। ଧାନ ବିକ୍ରି ପାଇଁ ପି-ପାସ ପୋର୍ଟାଲ୍ ରେ ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପରୁ ବିକଳ୍ପ ଆସି ନଥିବାରୁ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀମାନେ ଗତ ୧୫ ଦିନ ହେବ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା ଓ ଉପସଭାପତି ରାଜୀବ କୁମାର ଅଗ୍ରୱାଲ ନେତୃତ୍ୱରେ ରାଜପଥକୁ ଓହ୍ଲାଇଥିଲେ। ସେଥିମଧ୍ୟରୁ ୨ଦିନ ହେଲା ୩ ବ୍ଲକର ୯ ଜଣ ଚାଷୀ ରାଜୀବ କୁମାର ଅଗ୍ରୱାଲ, ମାନସ ରଞ୍ଜନ ବାଗ, ବେନୁପାଣି ଦୁର୍ଗା, ଧବଳେଶ୍ୱର ନାଗ, ଦୁର୍ଗା ପ୍ରସାଦ ନାଏକ, ସହଦେବ ଦାସ, ଇନ୍ଦ୍ରମଣି ସାହୁ, ମୁକେଶ ଲହଜଳ, ସୁନୀଲ ସାହୁ ପ୍ରମୁଖ ଭୁକ୍ ହରତାଳ (ଅନଶନ) ବସିଥିଲେ। ଅଞ୍ଚଳରେ ଉତ୍ତେଜନା ଓ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି କଳାହାଣ୍ଡି ଜିଲ୍ଲାପାଳ ସଚୀନ ପାୱାର, ଧର୍ମଗଡ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, କୋକସରା ଅତିରିକ୍ତ ତହସିଲଦାର ମୋହନ୍ ଚରଣ ଜେନା ପ୍ରମୁଖ ଅଧିକାରୀମାନେ ଅନଶନ ସ୍ଥଳରେ ପହଞ୍ଚି ଚାଷୀ ଓ ଚାଷୀ ନେତାମାନଙ୍କ ସହ ଆଲୋଚନା କରିଥିଲେ।

ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଛି ଯେ' ରବି ଋତୁ ଧାନ ବିକ୍ରି ନିମନ୍ତେ ପି-ପାସ ପୋର୍ଟାଲ ଖୋଲିବା ଓ ପଞ୍ଜୀକରଣ ଜନିତ ସମସ୍ୟାର ସମାଧାନ ଆସନ୍ତା ୪ ଦିନ ମଧ୍ୟରେ ସମାଧାନର ସୂତ୍ର ବାହାର କରାଯିବ ବୋଲି କୁହାଯାଇଛି। ପ୍ରଶାସନିକ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଥିଲେ ମଧ୍ୟ ଚାଷୀ ସଂଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି, ଯଦି ଆସନ୍ତା ୪ ଦିନ ମଧ୍ୟରେ ଚାଷୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଧାନ ପୋର୍ଟାଲ ଖୋଲିବା ଓ ପଞ୍ଜୀକରଣ ବ୍ୟବସ୍ଥାରେ ସୁଧାର ନଆସେ, ତେବେ ୫ମ ଦିନରୁ କୋକସରା ଅଞ୍ଚଳର ହଜାର ହଜାର ଚାଷୀ ପୁନର୍ବାର ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ପ୍ରଶାସନ ସହିତ ଆଲୋଚନା ସମୟରେ ମେଗା ଉଠାଜଳସେଚନ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା, ବରିଷ୍ଠ ଆଇନଜୀବି ଦିଗାମ୍ବର ଦୁଆରୀ, ପ୍ରଶାନ୍ତ ତିୱାରୀ, ଗୋବର୍ଦ୍ଧନ ବାଗ, ତ୍ରିଭୁବନ ନାଏକ, ଜୟଲାଲ ନାଏକ, ରବିନାରାୟଣ ଦାସ, ନବିନ ନାଏକ, ପ୍ରଣବ ବେହେରା, ନିମାଇଁ ଚରଣ ଧଙ୍ଗଡାମାଝି, ଶୈଳେସ ପଣ୍ଡା, ସିମାଞ୍ଚଳ ବେହେରା, ପଞ୍ଚକ ପୋଡ଼, ସୁଶାନ୍ତ ବେହେରା, ରାଜେନ୍ଦ୍ର ନାଏକ, ବିଶ୍ୱନାଥ ପଟ୍ଟନାୟକ, ଅଚ୍ୟୁତ ସାହୁ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ ସମେତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ସିକିଲିନ୍ ରୋଗୀ ଶିଶୁଙ୍କୁ ରକ୍ତଦେଲେ ଲିଙ୍କନ

ଭବାନୀପାଟଣା,୨୧।୫(ସମିସ): ସରକାରୀ ମେଡିକାଲରେ ଚିକିତ୍ସାଧୀନ ପାଞ୍ଚ ବର୍ଷର ସିକିଲିନ୍ ରୋଗୀ ଶୁଭମ କୁମାର ପାଇଁ ଜରୁରୀ ଭାବେ ରକ୍ତର ଆବଶ୍ୟକତା ପଡ଼ିଥିଲା। ପରିବାର ଲୋକ ରକ୍ତ ପାଇଁ ଖୋଜୁଥିବା ବେଳେ ଖବର ପାଇ ଏଆଇଏସ୍ଏଫ୍ ଛାତ୍ର ଲିଙ୍କନ ବାଗ ରକ୍ତଦାନ କରି ମାନବିକତାର ନଜିର ସୃଷ୍ଟି କରିଛନ୍ତି।ସୂଚନା ଅନୁସାରେ, ଛୋଟ ଶିଶୁ ଶୁଭମ କୁମାର ଦୀର୍ଘଦିନ ଧରି ସିକିଲିନ୍ ରୋଗରେ ପୀଡ଼ିତ ହୋଇ ଭବାନୀପାଟଣା ସରକାରୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ହଠାତ୍ ତାଙ୍କ ଶରୀରରେ ରକ୍ତର ଅଭାବ ଦେଖାଦେବାରୁ ଡାକ୍ତର ଜରୁରୀ ଭାବେ ରକ୍ତ ଆବଶ୍ୟକ ବୋଲି କହିଥିଲେ। ଗରିବ ପରିବାର ପାଇଁ ଏହି ସମୟ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ଲିଙ୍କନ ସହଯୋଗର ହାତ ବଢ଼ାଇ ରକ୍ତଦାନ କରିଥିଲେ।



## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ସିନାପାଲି,୨୧।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ନୂଆପଡା ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମର ଜଣେ ନାବାଳକ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ନାବାଳକ ଭୋଜରାଜ ବିଶି (୭) ବୋଲି ଜଣାପଡିଛି।

ଗୁରୁବାର ସକାଳ ସମୟରେ ଭୋଜରାଜ ନିଜଘରେ ରହିଥିବା ବେଳେ କୌଣସି କାରଣରୁ ବିଦ୍ୟୁତ୍ ସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ନାବାଳକ ଜଣକ ତଳେପଡି ରହିଥିବାବେଳେ ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସିନାପାଲି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସିନାପାଲି ଥାନାରେ ମାମଲା ରୁଜୁ ହୋଇଛି।

## ହତ୍ୟାକାରୀକୁ ଆଜୀବନ ଜେଲ୍

ଭବାନୀପାଟଣା,୨୧।୫(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିକେରଗୁଡା ଗାଁରେ ଗତ ୨୦୨୩ ରେ ଘଟିଥିବା ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବଦ୍ରୀ ନାରାୟଣ ନନ୍ଦ ଏହି ମାମଲାର ୨୧ ସାକ୍ଷ୍ୟ ଓ ୫୬ ପ୍ରମାଣକୁ ଭିତ୍ତି କରି ଉକ୍ତ ଗ୍ରାମର ସହଦେବ ନାଏକଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।ପ୍ରକାଶ ଯେ, ସିକେରଗୁଡା ଗାଁର ଜଳ ନାଏକ(୫୫) ଗତ ୨୦୨୩ ମସିହା ଅକ୍ଟୋବର ମାସ ୧ ତାରିଖ ଭୋରରେ ନିଜ ଚାଷ ଜମିକୁ ଯାଉଥିବାବେଳେ ଉକ୍ତ ଗ୍ରାମର ସହଦେବ ନାଏକ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ।ଜମିବାଡ଼ିକୁ କେନ୍ଦ୍ର କରି ଓ ତାଙ୍କ ସ୍ତ୍ରୀକୁ ଗୁଣିଗାରେଡି ଜରିଆରେ ରୋଗୀଣା କରିଥିବା ସନ୍ଦେହ କରି ଜଳ ନାଏକଙ୍କୁ ସେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସେତେବେଳେ ମୃତକଙ୍କ ପୁତୁରା ମାଲକୁନ୍ଦୁ ନାଏକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ (୩୭୫/୨୬)ରୁଜୁ କରି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସହଦେବ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସ୍ୟୁକୁଟର(ଏପିପି) ପ୍ରଦୀପ କୁମାର ବିହାର ଓ ଧର୍ମେନ୍ଦ୍ର କୁମାର ପାତ୍ର ପରିଚାଳନା କରିଥିଲେ।

## ପ୍ରବଳ ଖରା ସହିତ ଅସମ୍ଭାଳ ଗୁଳୁଗୁଳି

ପାରଦ ୪୩ ଡିଗ୍ରୀ ପାର

କେସିଙ୍ଗା,୨୧।୫(ସମିସ): ଜଙ୍ଗଲ ନଷ୍ଟ ଯୋଗୁଁ ଦିନକୁ ଦିନ ପ୍ରାକୃତିକ ସନ୍ତୁଳନ ବିଗିଡିବାରେ ଲାଗିଛି। ସୂର୍ଯ୍ୟଙ୍କ ପ୍ରକୋପ ଦିନ ୧୦ଟାରୁ ପ୍ରାକୃତିକ କର୍ଫ୍ୟୁ ଲାଗିଲା ପରି ମନେ ହେଉଛି। ସାରା ରାଜ୍ୟରେ ଉତ୍ତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଯାଇଛି।କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ତିନି ଚାରି ଦିନ ହେଲାଣି ପ୍ରତିଦିନ ପାରା ୪୩ ଡିଗ୍ରୀ ଉପରେ ରହୁଥିବା ବେଳେ ହେଉଛି ଅସମ୍ଭାଳ ଗୁଳୁଗୁଳି। ଆଗକୁ ଶନିବାର ଓ ରବିବାର ଦିନ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବ ବୋଲି ମଧ୍ୟ ଅନୁମାନ କରାଯାଉଛି। ଖରା ପାଇଁ ଖାଁ ଖାଁ ଲାଗୁଛି ରାଜ ରାସ୍ତା ସମେତ ବ୍ୟବସାୟିକ ପ୍ରତିଷ୍ଠାନ। ଖରାରେ ରାସ୍ତାରେ କିଛି ବେପାରୀ ଦେଖିବାକୁ ମିଳିଛନ୍ତି। ଯେପରିକି ଆଖୁ ରସ ବିକାଳୀ, ଠେଲାରେ ହୋଟେଲ ବ୍ୟବସାୟ କରୁଥିବା ଛୋଟ ଛୋଟ ବ୍ୟବସାୟୀ ନିଜ ପେଟ ପାଇଁ ୪୩ ଡିଗ୍ରୀ ଖରାରେ ଠିଆ ହୋଇ ବେପାର କରୁଛନ୍ତି।ପାଣିପାଗ ବିଭାଗ ଅନୁଯାୟୀ ଆଗକୁ ଆହୁରି ଖରା ସାଙ୍ଗକୁ ଗୁଳୁଗୁଳି ବଢିବ ବୋଲି ପୂର୍ବାନୁମାନ କରୁଥିବା ବେଳେ ପାଣିପାଗ ବିଭାଗର ଭବିଷ୍ୟବାଣୀ ଜନସାଧାରଣଙ୍କୁ ବିଚଳିତ କରୁଛି।

### ● ନିଲମ୍ବନ ହେଲେ ଶିକ୍ଷକ

## ସୋସିଆଲ ମିଡିଆରେ ଟ୍ରୋଲ କରିବା ପଡ଼ିଲା ମହଙ୍ଗା

ନୂଆପଡା/କୋମନା,୨୧।୫(ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଶିକ୍ଷା ବିଭାଗରେ ଦୁର୍ନୀତି ହେଉଛି ବୋଲି ଜଣେ ଶିକ୍ଷକ ସାମାଜିକ ଗଣ ମାଧ୍ୟମରେ ଲେଖି ପ୍ରଚାର କରିବା ମହଙ୍ଗା ପଡିଛି।ତାଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ଶିକ୍ଷାଧୀକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଶିକ୍ଷକ ଜଣକ ହେଲେ କୋମନା ବ୍ଲକ୍ ଟେଙ୍ଗନାବସା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ଦୀପ ପାଲ।ତାଙ୍କୁ କୋମନା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୧୮୨୪/୨୬ରେ ନିଲମ୍ବନ କରାଯାଇଛି।ସୂଚନା ଯୋଗ୍ୟ ଯେ ସନ୍ଦୀପ ନିଜ ମୋବାଇଲ ନମ୍ବରରୁ ଫେସବୁକ ଜରିଆରେ କୋମନା ବ୍ଲକ୍ ଶିକ୍ଷା ବିଭାଗରେ ଦୁର୍ନୀତି ହେଉଥିବା କଥା ଲେଖି ପ୍ରଚାର କରିଥିଲେ। ଏପରିକି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲାପାଳ ନିଜର ପାରିବା ପଣିଆ ଦେଖାନ୍ତୁ ବୋଲି ଲେଖିଥିଲେ।ଜଣେ କର୍ମଚାରୀ ଭାବରେ ନିଜ ବିଭାଗ ବିରୋଧରେ ଅସମ୍ମାନ ଜନକ ବାର୍ତ୍ତା ପ୍ରଚାର କରିବା ସହ ନିଜ ଅଧିକାରୀଙ୍କ ବିରୋଧରେ ଯିବା ମାମଲାରେ ଜିଲ୍ଲାପାଳ ଅବଗତ ହେବା ପରେ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପ୍ରକାଶ।

## ଲାଞ୍ଜିଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ଛୁଇଁଲା

ଲାଞ୍ଜିଗଡ଼,୨୧।୫(ସମିସ): ରାଜ୍ୟରେ ପାରଦ ଉପରମୁହାଁ ହେବାରେ ଲାଗିଛି। ଆକାଶରୁ ଯେମିତି ଅଗ୍ନିବର୍ଷା ହେଉଛି। ଅସହ୍ୟ ଖରା ତାତି ଓ ଗୁଳୁଗୁଳିରେ କଳବଲ ହେଉଛି ଜୀବନ। ସକାଳୁ ରାତି, ଘରେ ବାହାରେ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ଗୁରୁବାର କଳାହାଣ୍ଡି ଜିଲ୍ଲା ଭବାନିପାଟଣା ସହରରେ ସର୍ବାଧିକ ୪୫ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ସର୍ବାଧିକ ୪୦ ରୁ ୪୨ ଡିଗ୍ରୀ ତାପମାତ୍ରା ରହିଛି। ସେହିପରି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗୁରୁବାର ଏ ଅଞ୍ଚଳରେ ତାପମାତ୍ରା ୪୪ ଡିଗ୍ରୀ ଛୁଇଁଛି, ଏହାର ପ୍ରଭାବରେ ସକାଳ ୮ ଘଣ୍ଟାରୁ ୫ଟା ପର୍ଯ୍ୟନ୍ତ ରାସ୍ତାଘାଟ ଅପରାହ୍ନ ପର୍ଯ୍ୟନ୍ତ ଶୁନଶାନ ହୋଇପଡୁଛି। ଏପଟେ ପ୍ରବଳ ଟାଣ ଖରା ଅନ୍ୟପଟେ ପାନୀୟ ଜଳ ଅଭାବ ଦେଖା ଦେଇଛି। ଏବେ ନଳକୂଅ, ନଦୀନାଳ, ପୋଖରୀଗୁଡ଼ିକ ଶୁଖିବାକୁ ବସିଲାଣି। ବର୍ତ୍ତମାନ ଅଞ୍ଚଳର ଲୋକେ ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଜଳକଷ୍ଟ ଭୋଗିଆସୁଛନ୍ତି।

### ● ଯୋଗ୍ୟକୁ ମିଳୁନି; ଅଯୋଗ୍ୟକୁ ଭତ୍ତା ପ୍ରସଙ୍ଗ

## ଖବର ପ୍ରକାଶ ପରେ ଜଣେ ଧରାପଡ଼ିଲା

କଲମପୁର,୨୧।୫(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ଅଞ୍ଚଳରେ ଭତ୍ତା ବ୍ୟବସ୍ଥାକୁ ନେଇ ଗତ ୧୬ ତାରିଖ ଦିନ ଯୋଗ୍ୟକୁ ମିଳୁନି ଅଯୋଗ୍ୟକୁ ମିଳୁଛି ଭତ୍ତା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବ୍ଲକ୍ ପ୍ରଶାସନର ନିଦ ଭାଙ୍ଗିଛି। ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ପତ୍ର ଲେଖି ଆବଶ୍ୟକ ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାରି ଫଳରେ ଅଞ୍ଚଳରେ ଅସାଧୁ ଉପାୟରେ ଭତ୍ତା ହାତେଇ ଥିବା ବ୍ୟକ୍ତି ବିଶେଷଙ୍କ ମହଲରେ ଭାଲେଣି ପଡି ଯାଇଛି। ଯଦି ଠିକ ଭାବେ ଯାଞ୍ଚ ହୁଏ ତେବେ ପ୍ରତି ପଞ୍ଚାୟତମାନଙ୍କରେ କିଛି ନା କିଛି ଲୋକଙ୍କ ଭତ୍ତା କଟି ଯିବାର ସମ୍ଭାବନା ରହିଛି ବୋଲି ବିଭାଗୀୟ କର୍ମଚାରୀଙ୍କ ଠାରୁ ଜଣାପଡିଛି। ଜନୈକା ମହିଳା ସମାନ ସମୟରେ ଶିଶୁ ସେବିକା ନିଯୁକ୍ତି ଓ ସ୍ୱାମୀ ପରିତ୍ୟକ୍ତା ଭତ୍ତା ପାଇବା ପରେ ଜନୈକା ଶିଶୁ ସେବିକା ଆବେଦନ କାରିଣି ଯୁବତୀଙ୍କ ଅଭିଯୋଗକ୍ରମେ ଘଟଣା ଲୋକଲୋଚନକୁ ଆସି ପାରିଥିଲା। ଏବେ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି, ବିଡ଼ିଓ ଶ୍ରୀ ମାଣ୍ଡାଙ୍ଗିଙ୍କ ନିର୍ଦ୍ଦେଶ କ୍ରମେ ପିଇଓ ଏବଂ ଆରଆଇ ଜନୈକ ହିତାଧିକାରୀ ନିକଟକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ସମୟରେ ସଂପୃକ୍ତ ହିତାଧିକାରୀଙ୍କ ପାଖରେ ଜମି ଓ ଯାନବାହାନ ସମେତ ପକ୍କା ଘର ରହିଛି, ଆର୍ଥିକ ପରିସ୍ଥିତି ସୁଦୃଢ ଥିବା ରିପୋର୍ଟ ବିଡ଼ିଓଙ୍କ ନିକଟରେ ଦାଖଲ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ଭତ୍ତା କାଟି ଦେବାକୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ମିନଗୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସା ସୂଚନା ଦେଇଛନ୍ତି। ଯେଉଁ ଆରଆଇ ଭତ୍ତା ଆବେଦନ ପତ୍ରରେ ଆଖିବୁଜି ସ୍ୱାକ୍ଷର କରିଥିଲେ ସେହି ଆରଆଇ ଏଭଳି ତଦନ୍ତ ରିପୋର୍ଟ ଦେବା ଘଟଣାକୁ ଲୋକେ ସହଜରେ ହଜମ କରି ପାରୁ ନାହାନ୍ତି। ଏପଟେ ତଦନ୍ତ ଚାଲିଛି ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବିଡ଼ିଓ କହିଛନ୍ତି। କେବେ ତଦନ୍ତ ସରିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାକୁ ନେଇ ଜନସାଧାରଣ ଉତ୍ସୁକତାର ସହିତ ଅପେକ୍ଷାରେ ରହିଛନ୍ତି।

## ୪୧ ଡିଗ୍ରୀ ତାପମାତ୍ରାରେ ଶିଝୁଛି କଳାହାଣ୍ଡିର 'କାଶ୍ମୀର'

ଥୁଆମୂଳରାମପୁର,୨୧।୫(ସମିସ):ଥୁଆମୂଳରାମପୁର ଅଞ୍ଚଳକୁ ଏକ ସମୟରେ 'କଳାହାଣ୍ଡିର କାଶ୍ମୀର' ବୋଲି କୁହାଯାଉଥିଲା। ଘନ ଜଙ୍ଗଲ, ପାହାଡ଼ିଆ ପରିବେଶ, ଠଣ୍ଡା ପବନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହି ଅଞ୍ଚଳ ସମଗ୍ର ଜିଲ୍ଲାରେ ଅଲଗା ପରିଚୟ ରଖିଥିଲା। କିନ୍ତୁ ସମୟ ସହିତ ପରିସ୍ଥିତି ବଦଳିଛି।ଆଜି ସେହି ଅଞ୍ଚଳ ୪୧ ଡିଗ୍ରୀ ତାପମାତ୍ରାରେ ଶିଝୁଛି। ତିବ୍ର ଗ୍ରୀଷ୍ମ ପ୍ରବାହରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନ ୧୦ଟା ପରେ ରାସ୍ତାଘାଟ ଶୂନ୍ୟ ହୋଇଯାଉଛି। ପାଣି ସଙ୍କଟ ଗଭୀର ରୂପ ନେଇଥିବା ବେଳେ ନଦୀ, ନାଳ ଓ ପ୍ରାକୃତିକ ଜଳଉତ୍ସ ଶୁଷ୍କ ହେବାରେ ଲାଗିଛି। ଜଙ୍ଗଲ ଅଞ୍ଚଳରେ ବନ୍ୟପ୍ରାଣୀମାନେ ମଧ୍ୟ ପାଣି ଖୋଜି ଲୋକବସତି ମୁହାଁ କରୁଥିବା ଦେଖାଯାଉଛି। ବିଶେଷଜ୍ଞ ଓ ପରିବେଶବିଦ୍ମାନଙ୍କ ମତରେ ଏହି ପରିସ୍ଥିତି ପଛରେ ଅନେକ କାରଣ ରହିଛି। ଗତ କିଛି ବର୍ଷ ଧରି ଅଞ୍ଚଳରେ ଅବୈଧ ଗଛ କଟା, ଜଙ୍ଗଲ ନଷ୍ଟ ଓ ଅଗ୍ନିକାଣ୍ଡ ଘଟଣା ବଢ଼ିଛି। ଯେଉଁ ଜଙ୍ଗଲ ଏକ ସମୟରେ ପ୍ରାକୃତିକ ଭାବେ ତାପମାତ୍ରାକୁ ନିୟନ୍ତ୍ରଣ କରୁଥିଲା, ସେଗୁଡ଼ିକ ଆଜି ଧୀରେ ଧୀରେ କମିଯାଉଛି। ଅତ୍ୟଧିକ ଖରା, କମ୍ ବର୍ଷା ଓ ଅନିୟନ୍ତ୍ରିତ ଭୂଗର୍ଭ ଜଳ ବ୍ୟବହାର ଫଳରେ ଜଳସ୍ତର ନିମ୍ନଗାମୀ ହୋଇଛି। ଫଳରେ ମାଟି ଶୁଷ୍କ ହୋଇ ତାପ ଧାରଣ କ୍ଷମତା ବଢ଼ିଯାଉଛି। ବିଶ୍ୱସ୍ତରରେ ବଢୁଥିବା ଗ୍ଲୋବାଲ ୱାର୍ମିଂର ପ୍ରଭାବ ଏବେ ଦୁର୍ଗମ ଆଦିବାସୀ ଅଞ୍ଚଳରେ ମଧ୍ୟ ପହଞ୍ଚିଛି। ପୂର୍ବରୁ ଯେଉଁଠାରେ ଗ୍ରୀଷ୍ମ ମଧ୍ୟମ ରହୁଥିଲା, ଏବେ ସେଠାରେ ଅସହ୍ୟ ତାପପ୍ରବାହ ଦେଖାଯାଉଛି। ବିଶେଷଜ୍ଞମାନେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ତୁରନ୍ତ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ



ଭବାନୀପାଟଣା,୨୧।୫(ସମିସ): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟକମିଟି ବୈଠକ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ପରିଷଦ, କଳାହାଣ୍ଡିର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ , ତହସିଲଦାର ଏବଂ ନିର୍ବାହୀଅଧିକାରୀ ସହରାଞ୍ଚଳ ସଂସ୍ଥା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟା ମୁକାବିଲା ଲାଗି ଆଗୁଆ ପଦକ୍ଷେପ ନେବା ସହ ସୁପରିଚାଳନା ଲାଗି ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟବିଷୟ ଉପସ୍ଥାପନା କରିଥିଲେ। ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳିଆ ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ଥଇଥାନ କରିବା ଲାଗି ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାଣି ଜମି ରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଯଥା ଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଳ ଗୁଡିକୁ ସଫା କରିବା, ସହରାଞ୍ଚଳ ଅନ୍ତର୍ଗତ ନାଳନର୍ଦ୍ଦମା ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର, ସାପ ବିଷ ପ୍ରତିଷେଧକଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ଲାଗି ଆଗୁଆ ପଦେକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥଲେ। ଜିଲ୍ଲାରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟାପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ମହଜୁଦ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟବନ୍ୟା ଓ ବାତ୍ୟାର ମୁକାବିଲା ଲାଗି ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବୈଠକ ଶେଷରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଲେଖ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# +୨ ପରୀକ୍ଷା ଫଳାଫଳ ପ୍ରକାଶ

## ପ୍ରଗତି ହାୟର ସେକେଣ୍ଡାରୀ ସ୍କୁଲ - ଦୀପିକା ନାୟକ ସ୍କୁଲ ଟପ୍ପର

ଭବାନୀପାଟଣା,୨୧।୫(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଭବାନୀପାଟଣା ସହର ଉପକଣ୍ଠରେ ଥିବା ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଅପୂର୍ବ ସଫଳତା ହାସଲ କରିଛି। ସୁଶ୍ରୀ ଦୀପିକା ନାୟକ (୫୮୮) ୯୮% ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ପ୍ରଗତି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସେହିପରି ଆଦ୍ୟାଶା ଶତପଥୀ(୫୮୭) ୯୭.୮୩%, ପ୍ରତୀକ କୁମାର ବେହେରା (୫୮୩) ୯୭.୧୭%, ଶ୍ରବଣ ସାହୁ (୫୭୮)୯୬.୩୩%, ଦୟାସାଗର ବେହେରା(୫୭୭) ୯୬.୧୭%, ମୁକେଶ ମାଝୀ (୫୭୭) ୯୬.୧୭%, ଓରୋମିତା ସାହୁ (୫୭୬)୯୬%, ରୁପାଲି ସାହୁ(୫୭୪)୯୫.୬୭%,ସମୀକ୍ଷା ପ୍ରଧାନ (୫୭୩)୯୫.୫୦%, ଶୁଭମ ବେହେରା (୫୭୩)୯୫.୫୦%, ତନ୍ମୟ ଗହୀର (୫୭୨)୯୫.୩୩% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହା ସହିତ ୪୧ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯୧ ଜଣ ଛାତ୍ରୀଛାତ୍ର ୫୦୦ ମାର୍କରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୧୧୩ ଜଣ ଛାତ୍ରୀଛାତ୍ର,ପ୍ରଥମ ଶ୍ରେଣୀରେ ୨୮୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ କଲେଜର ଫଳାଫଳ ଶତ ପ୍ରତିଶତ ରହିଛି।ଫଳାଫଳକୁ ନେଇ କଲେଜର ଚେୟାରପରସନ ସଂଗୀତା ପଣ୍ଡା, ସମ୍ପାଦକ ଅଜୟ କୁମାର ପଣ୍ଡା, ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା ମଧ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।

## ବିଜ୍ଞାନରେ ଜିଲ୍ଲା ଟପ୍ପର ବିଶ୍ୱଜିତ ଓ ଖିତେଶଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଲ/ନୂଆପଡ଼ା,୨୧/୫(ସମିସ):ନୂଆପଡ଼ା ଜିଲ୍ଲା ଖଡ଼ିଆଲସ୍ଥିତ ପରୀକ୍ଷିତ ଟାଇଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ବିଜ୍ଞାନ କଲେଜ) ପକ୍ଷରୁ ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ



ସ୍ୱାଗତ ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଛି। କଲେଜ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଶତ ପ୍ରତିଶତ ସଫଳତା ସହ ଜିଲ୍ଲା ତଥା ଅଞ୍ଚଳ ଗୌରବ ବଢ଼ାଇଥିବା ଟପ୍ପରମାନଙ୍କୁ କଲେଜ କର୍ତ୍ତୃପକ୍ଷ ସମ୍ମାନିତ କରିଛନ୍ତି।ଚଳିତ ବର୍ଷ ପ୍ରକାଶିତ ପରୀକ୍ଷାଫଳ ଅନୁଯାୟୀ, କଲେଜର ମେଧାବୀ ଛାତ୍ର ବିଶ୍ୱଜିତ ପଧାନ ମୋଟ ୫୭୭ ମାର୍କ ରଖି ପ୍ରଥମ ସ୍ଥାନ (ଟପ୍ପର) ଅଧିକାର କରିଥିବା ବେଳେ, ଖିତେଶ ପୁଝାରୀ ମୋଟ ୫୬୮ ମାର୍କ ପାଇ ଦ୍ୱିତୀୟ ସ୍ଥାନ ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ଏହି ଦୁଇ କୃତୀଛାତ୍ରଙ୍କ ସମେତ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ କଲେଜର ଅନୁଷ୍ଠାନ ନିର୍ଦ୍ଦେଶକ ତେଜରାଜ ବାଗ ଓ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ବିଜ୍ଞାନରେ ପ୍ରିନ୍ସ ରଣା ଓ କଳାରେ ବିକାଶ ଗହୀର ବ୍ଲକ୍ ଟପ୍ପର

କର୍ଲାମୁଣ୍ଡା,୨୧।୫(ସମିସ):ବୁଧବାର +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡାସ୍ଥିତ ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ବିକାଶ ଗହୀର ୫୩୬ (୮୯.୩୩%) ମାର୍କ ରଖି ବ୍ଲକ୍ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିଶାଖାଲ ଛାତ୍ର ପ୍ରିନ୍ସ ରଣା ୪୯୦ (୮୧.୩୩%) ମାର୍କ





ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ସେହିପରି ବ୍ଲକ୍ ସଦରସ୍ଥିତ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ୧୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ ଜଣ, ତୃତୀୟ ଶ୍ରେଣୀ ୮୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେରେସିଙ୍ଗା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ୧୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ୧୦ ଜଣ ଦ୍ୱିତୀୟ ଶ୍ରେଣୀ ୩୧ ଜଣ ଓ ତୃତୀୟ ଶ୍ରେଣୀ ୮୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକର ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଶ୍ରୁଲା ର୨୭୬ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ୨୩, ଦ୍ୱିତୀୟ ଶ୍ରେଣୀ ୪୮ ଓ ତୃତୀୟ ଶ୍ରେଣୀ ୧୨୫ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିଶାଖାଲର୫୯ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ଶ୍ରେଣୀ ୫୬ ଓ ଦ୍ୱିତୀୟ ଶ୍ରେଣୀ ୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।ଶିଶାଖାଲ ଯୁକ୍ତ ଦୁଇ କଳା ପରୀକ୍ଷାରେ ୫୬ ଜଣ ପରୀକ୍ଷା ଦେଇଥିଲେ।ପ୍ରଥମ ଶ୍ରେଣୀ ୩ ଜଣ, ଦ୍ୱିତୀୟ ଶ୍ରେଣୀ ୪୦ ଜଣ ଓ ୧୩ ଜଣ କମ୍ପାଲମେଣ୍ଟ ପାଇଥିବା ସୂଚନା ମିଳିଛି। ରିଷିଡା ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୨୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୫ ଜଣ, ଦ୍ୱିତୀୟଶ୍ରେଣୀରେ ୪୯ ଜଣ ଓ ତୃତୀୟଶ୍ରେଣୀରେ ୮୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେରେସିଙ୍ଗା ସ୍ଥିତ ପୀରବତି ମହିଳା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୋଟ୍ ୨୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ୪ଜଣ, ଦ୍ୱିତୀୟଶ୍ରେଣୀ ୯ ଜଣ ଓ ତୃତୀୟ ଶ୍ରେଣୀ ୧୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଧାନ ସଂଗ୍ରହ ବିପର୍ଯ୍ୟସ୍ତ

# ଟୋକନ ଆସିବା ନେଇ ଅନ୍ଧାରରେ ଚାଷୀ

ଅତାବିରା, ୨୧।୫(ସମିସ)



ଜିଲ୍ଲାରେ ଧାନ ସଂଗ୍ରହ ବିପର୍ଯ୍ୟସ୍ତ ଥିବା ବେଳେ ହୀରାକୁଦ ସେଚାଞ୍ଚଳ ଅତାବିରା ବ୍ଲକରେ ଗମ୍ଭୀରସ୍ଥିତି ଉପଜିଛି। ମେ'୧୦ରୁ ଜିଲ୍ଲାର ଧାନ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ଆଉ ୪୦ ଦିନରେ ରବି ଧାନ ସଂଗ୍ରହ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରବି ଧାନ କିଣାବିକା ୧୦ଦିନ

### ରାଜରାସ୍ତାକୁ ଓହ୍ଲାଇବାକୁ କୃଷକ ସଂଗଠନର ଚେତାବନୀ

ବିତି ଯାଇଥିଲେ ସୁଦ୍ଧା ଅଧିକାଂଶ ଚାଷୀଙ୍କ ଟୋକନ ଆସେ ନାହିଁ। ଚାଷୀ ମହଲରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ଉଦ୍‌ବେଗ ପ୍ରକାଶ କରିଛି। ଚାଷୀ ନେତା ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଗୋଡଭଗା ମଣ୍ଡିରେ ଅନୁଷ୍ଠିତ ସଭାରେ ସ୍ୱାଭାବିକ ଧାନ ସଂଗ୍ରହ ନ ହେଲେ ଆଗାମୀ ଦିନରେ ସଂଗଠନ ରାଜରାସ୍ତାରେ ଓହ୍ଲାଇବାକୁ ଚେତାବନୀ ହୋଇଛି। ରାଜ୍ୟର ସିଂହ ଭାଗ ଧାନ ସଂଗ୍ରହ ହୀରାକୁଦ ସେଚାଞ୍ଚଳରେ ହେଉଥିବା ବେଳେ କାଁ ଭାଁ ପଞ୍ଚାୟତ, ଗାଁ ଛାଡି ଦେଲେ ବ୍ଲକ ସାରା ବମ୍ପର ଫସଲ ହୋଇଛି। ଚାଷୀ ଧାନ କ'ଣ ବିକିବ, ଏଯାଏଁ ଟୋକନ୍ ଆସି ନାହିଁ। ଯେଉଁ କିଛି ଚାଷୀଙ୍କ ଯେଉଁ ଟୋକନ ଆସିଛି ତାହା ପୁଣି କମ୍ ଆସିଛି। ସମସ୍ତ ପଞ୍ଜିକୃତ ଚାଷୀଙ୍କ ସବୁ ଟୋକନ ଦିଆଯାଉ, ଜୁନ ୩୦ରୁ ଧାନ କିଣା ସାଇଟ୍ ବନ୍ଦ ହେଉଥିବାରୁ ସମସ୍ତ ଟୋକନ ଜେନେରେଟ୍ କରାଯାଉ। ମିଲ ଟାର୍ଗେଟ ପର୍ଯ୍ୟାପ୍ତ ପରିମାଣରେ ଦିଆଯାଇ ଶୀଘ୍ର ଧାନ ଉଠାଇବାର ବ୍ୟବସ୍ଥା କରାଯାଉ। ଏଫ୍‌ଏକ୍ୟୁ ନାଁରେ ମନମୁଖୀ କଟନୀଛଟନୀ ବନ୍ଦ କରାଯାଉ। ମେ'୩୦ ସୁଦ୍ଧା ସବୁ ଟୋକନ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ନିଷ୍ପତ୍ତି ନେଇଛି। ବୈଠକରେ ସଂଗଠନ ସମ୍ପାଦକ ନରେନ୍ଦ୍ର ପ୍ରଧାନ, ବି ପାପା ରାଓ, ରାମ ବାବୁ, ବୁଦ୍ଧ ଦେବ ନନ୍ଦ, ତ୍ରିଲୋଚନ ନାଏକ, ସୁବାଷ ବିଶ୍ୱାଳ, କୁବେର ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ରାମରତ୍ନାକର ପ୍ରଧାନ, ଡିପି ଜୟକୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ● ବରଗଡ଼ ଜିଲ୍ଲା ଚାଷୀଙ୍କ ପ୍ରତି ଷଡଯନ୍ତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର

ବିଜେପୁର, ୨୧।୫(ସମିସ): ବରଗଡ଼କୁ ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା କଥା କେବଳ ବାର୍ତ୍ତାରେ ସୀମିତ ହୋଇସାରିଛି। ପ୍ରକୃତ ପକ୍ଷେ ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ବରଗଡ଼ ଜିଲ୍ଲା ଚାଷୀଙ୍କ ପ୍ରତି ସରକାର ଜାଣିଶୁଣି ଷଡଯନ୍ତ୍ର ତିଆରି କରିଛନ୍ତି ବୋଲି ଅଭିଯୋଗ ହେଉଛି। ଚାଷୀ କେତେ ଚାଷ କରିଛନ୍ତି, ଧାନ ବିକ୍ରି ପାଇଁ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ପ୍ରତ୍ୟେକ ବିଷୟ ସରକାର ଅବଗତ ଅଛନ୍ତି। କିନ୍ତୁ କେତେକ ଚାଷୀଙ୍କୁ ଆଦୌ ଟୋକନ ନ ଦେବା, କେତେକଙ୍କୁ କମ ପରିମାଣର ଟୋକନ ପ୍ରଦାନ କରିବା ଏହା ସୁପରିକଳ୍ପିତ ଯୋଜନା ଅଟେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ ସରକାରୀ ତଥ୍ୟରେ ଚଳିତ ରବି ଋତୁରେ ବିଜେପୁର ବ୍ଲକରେ ୩୬୫୦ ହେକ୍ଟର ଜମିରେ ଧାନ ଏବଂ ୧୨୩୯୧ହେକ୍ଟର ଜମିରେ ଅଣ ଧାନ ଚାଷ ହୋଇଥିବାର ଉଲ୍ଲେଖ ରହିଛି। ସେହିପରି ଭାବରେ ଅନ୍ୟ ସବୁ ବ୍ଲକ ଓ ଜିଲ୍ଲାର ମୋଟ ଚାଷ ପରିମାଣ ଏଭଳି ଭାବରେ ଉଲ୍ଲେଖ ରହିଛି। ରବିଋତୁରେ ପ୍ରାୟତ ଧାନ ଚାଷ ହେଉଥିବା ବେଳେ ଏତେ ପରିମାଣରେ ଅଣଧାନ ଫସଲ ହେଉ ନାହିଁ। ତେଣୁ ସରକାର ଜାଣିଶୁଣି ଏଭଳି ତଥ୍ୟ ରଖିଛନ୍ତି। ଗତ ବର୍ଷ ରବି ଋତୁରେ ବରଗଡ଼ ଜିଲ୍ଲାରେ ୯୦ହଜାର ଚାଷୀଙ୍କ ଠାରୁ ପ୍ରାୟ ୬୨ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା, ଯାହାକି ହାରାହାରି ୬୮ ପ୍ରତିଶତ ରହିଥିଲା। ଚଳିତ ରବିରେ ପଞ୍ଜୀକୃତ ୧ଲକ୍ଷ ୫ ହଜାର ଚାଷୀଙ୍କ ଠାରୁ ଗତ ବର୍ଷ ହାରରେ ପ୍ରାୟ ୭୨ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କଲେ ଆଉ କାହାରି ଧାନ ରହିବ ନାହିଁ। ମାତ୍ର ସରକାର କେତେ ପ୍ରତିଶତ ଧାନ କ୍ରୟ କରିବେ ତାଙ୍କ ନିଷ୍ପତ୍ତି ମୁତାବକ ହି ଟୋକନ ଛଡ଼ାଯାଉଛି କି ବୋଲି ଚାଷୀମାନେ ସନ୍ଦେହ କରୁଥିବାର ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ ଧାନ ଟୋକନ୍ ସମସ୍ୟା ଯୋଗୁଁ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୦ ଦିନରୁ ଅଧିକ ସମୟ ହେବ ଗଣଧାରଣାରେ ବସି ରହିଛନ୍ତି। ପୂର୍ବରୁ ଏହି ସରକାର କହିଥିଲେ ଯେ ଭୁବନେଶ୍ୱରରୁ ଟୋକନ୍ ବ୍ୟବସ୍ଥାକୁ ନିୟନ୍ତ୍ରିତ କରାଯିବା ଅନୁଚିତ, କାରଣ ପ୍ରତି ଜିଲ୍ଲାର ସମସ୍ୟା ଅଲଗା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଥିବା ଡିଏଲପିସିକୁ ସମ୍ପୂର୍ଣ୍ଣ କ୍ଷମତା ଦେଇ ଏହାର ସହଜ ସମାଧାନ କରାଯାଇପାରିବ। ଫଳରେ ସ୍ଥାନୀୟ ସ୍ଥିତିକୁ ଦେଖି ଟୋକନ୍ ଆଲଟମେଣ୍ଟ କରାଯାଇପାରିବ। ଯେହେତୁ ବରଗଡ଼ ଜିଲ୍ଲାକୁ ଧାନର ଜିଲ୍ଲା କହି ନେତା ମନ୍ତ୍ରୀ ବୁଦ୍ଧିଜୀବୀ ବାହଷ୍ପୋଟ ମାରୁଛନ୍ତି, ତେଣୁ ଜିଲ୍ଲା ପ୍ରଶାସନ ହାତରେ ସ୍ୱତନ୍ତ୍ର କ୍ଷମତା ଦେଇ ଚଳିତ ରବିରେ ଉତ୍ପାଦନ ହୋଇଥିବା ଧାନ କ୍ରୟ କରାଯାଉ ବୋଲି ଦାବି କରୁଛନ୍ତି। ତେଣୁ ଚାଷୀଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

### ● ୧୦୬ ମୋବାଇଲ ଉଦ୍ଧାର

## ହିତାଧିକାରୀଙ୍କୁ ମୋବାଇଲ ଫେରସ୍ତ

ବରଗଡ଼, ୨୧।୫(ସମିସ): ବରଗଡ଼ ପୋଲିସକୁ ବଡ଼ ସଫଳତା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ପାଖରୁ ଚୋରି, ଲୁଟ ଓ ହଜି ଯାଇଥିବା ମୋବାଇଲ ଫୋନ ଉଦ୍ଧାର କରିଛି ବରଗଡ଼ ପୁଲିସ। ମୋବାଇଲ ଜବତ କରିବା ପରେ ଆବଶ୍ୟକ କାଗଜପତ୍ର ଯାଞ୍ଚ କରି ପୁଲିସ ମୋବାଇଲ ଫୋନ ମାଲିକଙ୍କୁ ବରଗଡ଼ ପୁଲିସ ମୋବାଇଲ ମେଳା କାର୍ଯ୍ୟକ୍ରମରେ ୧୦୬ ଜଣ ହିତାଧିକାରୀଙ୍କୁ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମୀନା ମୋବାଇଲ ଫୋନ ଫେରସ୍ତ କରିଛନ୍ତି। ହିତାଧିକାରୀମାନେ ମାସ ମାସ ଧରି ଚୋରି ହୋଇଥିବା ମୋବାଇଲ ପୁଣି ଫେରି ପାଇଲେ ଆଶା ରଖିନଥିଲେ। ବରଗଡ଼ ପୁଲିସର ସ୍ୱତନ୍ତ୍ର ଟିମ୍ ଟ୍ରାକିଂ କରି ଜିଲ୍ଲାର ଅତାବିରା ଥାନାରୁ ୨୦, ବରଗଡ଼ ଟାଉନ ଥାନାରୁ ୧୧, ବିଜେପୁର ଥାନା ୪, ଭଟଲି ଥାନା ୬, ଭେଡ଼େନ ଥାନା ୭, ସୋହେଲା ଥାନା ୪, ଅମ୍ବାଭୋନା ଥାନା ୨, ମେଲଛାମୁଣ୍ଡା ଥାନା ୨, ଗାଇସିଲାଟ ଥାନା ୩, ପଦ୍ମପୁର ଥାନା ୧୨, ବୁଡ଼େନ ଥାନା ୩, ଜଗଦଲପୁର ଥାନା ୨, ଝାରବନ୍ଧ ଥାନା ୩, ପାଇକମାଲ ଥାନା ୪, ଗ୍ରାମାଞ୍ଚଳ ଥାନା ୨, ସାଇବର ଥାନା ୪, ବରଗଡ଼ ସଦର ଥାନା ୬, ଆଦି ଥାନା ଅଞ୍ଚଳରୁ ୧୦୬ ମୋବାଇଲ ଉଦ୍ଧାର କରିବାରେ ସଫଳ ହୋଇଛି। ଏସ୍‌ପି ଅଫିସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ଆଉ କିଛି ଦିନ ଭିତରେ ଅନେକ ଚୋରି ହୋଇଥିବା ମୋବାଇଲ ସବୁ ମିଳିଯିବ ବୋଲି କହିଛନ୍ତି। ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ଟାଉନଥାନା ଅଧିକାରୀ ଚିତ୍ତ ରଞ୍ଜନ ମେହେର, ସାଇବର ଥାନା ଅଧିକାରୀ ଶଶୀଧର ମିଶ୍ର, ମଙ୍ଗଲ କିସ୍କୋଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ କାଠଡେରା ଗୁଣ୍ଡିଚାଧାମ ପରିଦର୍ଶନ

ବରଗଡ଼, ୨୧।୫(ସମିସ): ଗତ ସୋମବାର ଦିନ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଅତାବିରା ବ୍ଲକ କାଠଡେରାକୁ ଅଚାନକ ପହଞ୍ଚି ସ୍ଥାନୀୟ ସମସ୍ୟା ଉପରେ ପଚାରି ବୁଝିଥିଲେ। ସ୍ୱାଧୀନତା ପୂର୍ବରୁ ଆରମ୍ଭ ହେଇଥିବା କାଠଡେରା ଐତିହାସିକ ଏବଂ ସ୍ୱତନ୍ତ୍ର ପରିଚୟ ରହିଛି। ୬ ଟା ଗାଁ ର ରଥ ଯଥାକ୍ରମେ ଲଚିଦା, ହିର୍ଲିପାଲି, କତାବଗା, ଲୁରୁପାଲି, ଭୂର୍ସିପାଲି ଏବଂ ଟିଙ୍ଗିପାଲି ଆସି ଏଠି ଦ୍ୱିତୀୟା ତିଥିରୁ ଦ୍ୱାଦଶୀ ତିଥି ପର୍ଯ୍ୟନ୍ତ ୧୧ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଲକ୍ଷାଧିକ ଭକ୍ତଙ୍କ ସମାଗମ ସହ ୧୧ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଗୁଣ୍ଡିଚା ଧାମ କାଠଡେରାର ସମସ୍ୟା ଅନେକ। ଆଗରୁ ବହୁବାର ରଥଯାତ୍ରା ପରିଚାଳନା କମିଟି ସ୍ଥାନୀୟ ପ୍ରଶାସନଙ୍କୁ ସମସ୍ୟା ବାବଦରେ ଅବଗତ ମଧ୍ୟ କରିଛନ୍ତି। ପାନୀୟ ଜଳର ଅସୁବିଧା, ମହିଳାଙ୍କ ପାଇଁ ଶୌଚାଳୟ, ଆଲୋକିକରଣ, ଭୋଗ ମଣ୍ଡପ, ସେବାୟତ ଅତିଥିଙ୍କ ପାଇଁ ଶୌଚାଳୟ, ଅଫିସ୍ ଗୃହ, କାଦୁଅ ମନ୍ଦିର ପ୍ରାଙ୍ଗଣର କଂକ୍ରିଟ କରଣ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସ୍ଥାୟୀ ତୋରଣ ଆଦି ଅନେକ ଦାବି ରହିଛି। ସ୍ଥାନୀୟ ବିଧାୟକ ଙ୍କୁ ଅନୁରୋଧ ପରେ, ବର୍ତ୍ତମାନ କାଦୁଅ ହେଉଥିବା ପ୍ରାଙ୍ଗଣରେ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ କାମ ଆରମ୍ଭ ହୋଇଛି। ଆଗକୁ ମଧ୍ୟ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ସ୍ଥାନୀୟ ଅତାବିରା ବ୍ଲକ ଉନ୍ନୟନ ଅଧିକାରୀ ରିପୁନାଥ ସୁନା ମଧ୍ୟ ପରିଚାଳନା କମିଟି ର ସମ୍ପାଦକ ଅଜିତ୍ କୁମାର ପତିଙ୍କ ଠାରୁ ସମସ୍ୟା ଗୁଡ଼ିକୁ ପଚାରି ବୁଝିଥିଲେ। ସଭାପତି ପଞ୍ଚାନନ ତ୍ରିପାଠୀ, ଉପସଭାପତି ପ୍ରତାପ ଗଡ଼ତିୟା, କୋଷାଧକ୍ଷ ବିରେନ୍ଦ୍ର ପଧାନ୍ ସହ ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ।



## ମାଁ ସମଲେଶ୍ୱରୀ ମହାବିଦ୍ୟାଳୟରେ ଅଭିବାଦନ ସଭା

ବରପାଲି, ୨୧।୫(ସମିସ): ବରପାଲି ବ୍ଲକ ମାଁ ସମଲେଶ୍ୱରୀ କଲେଜ, ମହଦା, +୨ଦ୍ୱିତୀୟ ବର୍ଷ ବୋର୍ଡ଼ ପରୀକ୍ଷାରେ ଉତ୍ତମ ପରୀକ୍ଷାଫଳ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅଭ୍ୟର୍ଥନା ସଭାର ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ପରିଚାଳନା କମିଟୀ ଚେୟାରମେନ ନରେନ୍ଦ୍ର କୁମାର ହୋତା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଉତ୍ତରୋତ୍ତର ଅଧୟନ ପାଇଁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ତାଙ୍କୁ ଭବିଷ୍ୟତରେ ସେମାନେ କିପରି ଆହୁରି ଉନ୍ନତି କରିବେ ପ୍ରେରଣା ପ୍ରଦ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ମନୋଜ କୁମାର କର, ଉପାଧକ୍ଷ ସଚିନ୍ କୁମାର ପଟେଲ ଓ ଅର୍ଥନୀତି ଅଧ୍ୟାପକ ଅଶୋକ କୁମାର ବାଗ୍ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ବିଷୟ ବିଜ୍ଞାନରେ ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ୯୧% ମୋଟ ୫୪୬ ମାର୍କ ରଖି ସୁଶ୍ରୀ ଲିପ୍‌ସା ସାହୁ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇ ଥିଲା ବେଳେ ପ୍ରଥମ ଶ୍ରେଣୀରେ ୫୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୨ ଜଣ ଓ ତୃତୀୟ ଶ୍ରେଣୀରେ ୪ ଜଣ କୃତିତ୍ୱ ହାସଲ କରି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। କଳାରେ ମଧ ତଦନୁରୂପ ପରୀକ୍ଷାଫଳ ହୋଇ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ ହୋଇଛି।

## ଅମଳ ଅପେକ୍ଷାରେ ଥିବା ଧାନ ପୋଡ଼ି ନଷ୍ଟ

### ● କ୍ଷତିପୂରଣ ପାଇଁ ଚାଷୀଙ୍କ ଦାବି



ଅମ୍ବାଭୋନା, ୨୧।୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ବାବେବିରା ଗ୍ରାମର ଚାଷୀ ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ଅମଳ ଅପେକ୍ଷାରେ ଥିବା ରବି ଧାନ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିବାରୁ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଏହି ଘଟଣାକୁ ନେଇ କ୍ଷତିପୂରଣ ସହ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଓ କୃଷକ ସଂଗଠନ ପକ୍ଷରୁ ଦାବି ଜୋରଦାର ହୋଇଛି। ସୂଚନା ଅନୁଯାୟୀ, ସ୍ୱର୍ଗତ ବୋଧରାମ ମିର୍ଦ୍ଧାଙ୍କ ପୁଅ ପ୍ରଫୁଲ୍ଲ ମିର୍ଦ୍ଧା (୪୦) ଖାତା ନଂ ୯୭ ଓ ପ୍ଲଟ ନମ୍ବର ୫୧୩ ରେ ପ୍ରାୟ ୧ ଏକର ୫୦ ଡିସିମିଲ ଜମିରେ ରବି ଧାନ ଚାଷ କରିଥିଲେ। କିନ୍ତୁ ଜମି ତୁଳନାରେ କମ ପରିମାଣର ଧାନ ବିକ୍ରୟ ଟୋକନ ଆସିଥିବାରୁ ସେ ଗତ ୧୯ ତାରିଖରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଦରଖାସ୍ତ ଦେବାକୁ ଯାଇଥିଲେ। ଘରକୁ ଫେରିବା ପରେ ତାଙ୍କ ଧାନ ଚାଷ ନିଆଁରେ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖି ଭାଙ୍ଗି ପଡ଼ିଥିଲେ। ଘଟଣା ସମ୍ପର୍କରେ ଲଖନପୁର ରାଜସ୍ୱ ନିରୀକ୍ଷକ ବେଦାନ୍ତ ଭୋଇ ଘଟଣାସ୍ଥଳକୁ ପହଞ୍ଚି ସରଜମିନ ତଦନ୍ତ କରିବା ସହ ରିପୋର୍ଟ ତହସିଲଦାରଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ବାରପାହାଡ କୃଷକ ସଂଗଠନ ସଭାପତି ଇଶାନ ଚନ୍ଦ୍ର ଭୋଇ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ପରିବାରରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଥିବାବେଳେ ତାଙ୍କର ତିନି ଝିଅଙ୍କ ପାଠପଢ଼ା ଓ ପରିବାର ଚଳାଇବା ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଧାରକରଜ କରି ବିହନ, ସାର ଓ କୁଲି ମଜୁରୀ ଖର୍ଚ୍ଚ କରି ଚାଷ କରିଥିବା ବେଳେ ସମସ୍ତ ଧାନ ପୋଡ଼ିଯାଇଥିବାରୁ ଆସନ୍ତା ଖରିଫ ଚାଷ କିପରି କରିବେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ତୁରନ୍ତ ଘଟଣାର ସଠିକ୍ ତଦନ୍ତ କରି ଚାଷୀଙ୍କୁ ଯଥୋଚିତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ବାରପାହାଡ କୃଷକ ସଂଗଠନ ଓ ଗ୍ରାମବାସୀ ଦାବି କରିଛନ୍ତି।

## ରସବରା ଖାଇ ୨୫ରୁ ଉର୍ଦ୍ଧ୍ୱ ଅସୁସ୍ଥ



ପଦ୍ମପୁର, ୨୧।୫(ସମିସ): ପଦ୍ମପୁର ରଜାପଡ଼ା ପଡ଼ିଆରେ ଏକ ଉଠା ଜଳଖିଆ ଦୋକାନରୁ ରସବରା ଖାଇ ୨୫ରୁ ଉର୍ଦ୍ଧ୍ୱ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଖାଦ୍ୟ ସଂକ୍ରମଣରେ ଅଧିକାଂଶ ଛୋଟ ଛୁଆ ଅଛନ୍ତି। ଆକ୍ରାନ୍ତ ପଦ୍ମପୁର ବ୍ଲକ ଦହିତା, ବାଜେନମୁଣ୍ଡା, ଝାଙ୍କର ପାଲି, ବାଦୀମାଲ ଅଞ୍ଚଳର ବୋଲି ଜଣାପଡ଼ିଛି। ଖାଦ୍ୟରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଡାକ୍ତର ପ୍ରାରମ୍ଭିକ ଚିକିତ୍ସାରୁ ଜଣାପଡ଼ିଥିବା କହିଥିବା ବେଳେ ସମସ୍ତ ଆକ୍ରାନ୍ତ ବିପଦମୁକ୍ତ ଅଛନ୍ତି।

## ୧୪୯ ବର୍ଷରେ ବରପାଲିର ଐତିହାସିକ ଶୀତଳଷଷ୍ଠୀ ଯାତ୍ରା

### ● ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳକୁ ନିମନ୍ତ୍ରଣ



ବରଗଡ଼, ୨୧। ୫(ସମିସ): ଐତିହାସିକ ବରପାଲି ଶୀତଳଷଷ୍ଠୀ ଯାତ୍ରା ଚଳିତ ବର୍ଷ ଏକ ଗୌରବମୟ ଅଧ୍ୟାୟ ପ୍ରତିଷ୍ଠା କରିବାକୁ ଯାଉଛି। ଚଳିତ ବର୍ଷ ଯାତ୍ରା ୧୪୯ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ନେଇ ସାରା ଅଞ୍ଚଳରେ ଅଭୁତପୂର୍ବ ଉତ୍ସାହ ଓ ସାଂସ୍କୃତିକ ଜାଗରଣ ଦେଖିବାକୁ ମିଳିଛି। ଆସନ୍ତା ଜୁନ ମାସ ୧୫ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଏହି ଭବ୍ୟ ଦେବ ଦେବ ମହାଦେବ ଓ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବ ପାଇଁ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନିମନ୍ତ୍ରଣ ପତ୍ର ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଯାତ୍ରା କମିଟି ପକ୍ଷରୁ ଭୁବନେଶ୍ୱର ଠାରେ ଭବ୍ୟ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। କମିଟିର ସଭାପତି ଆନନ୍ଦ ବାବୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଯାତ୍ରାରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ନିମନ୍ତ୍ରଣ ପତ୍ର ପ୍ରଦାନ ସମୟରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ବୟନିକା ଡାଇରେକ୍ଟର ସଞ୍ଜୟ କୁମାର ମେହେରଙ୍କ ସମେତ ଯାତ୍ରା କମିଟିର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ମନ୍ତ୍ରୀ ଓ ପ୍ରମୁଖ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ କମିଟି ପକ୍ଷରୁ ସାଦର ନିମନ୍ତ୍ରଣ କରାଯାଉଛି। ୧୪୯ ତମ ବର୍ଷର ଶୀତଳଷଷ୍ଠୀ ଯାତ୍ରାକୁ କେମିତି ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ କରାଯାଇପାରିବ, ସେଥିପାଇଁ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

# ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ

### ● ଅଞ୍ଚଳ ମହାବିଦ୍ୟାଳୟର ଶ୍ରେଷ୍ଠତ୍ୱ ପ୍ରତିପାଦିତ

ପଦ୍ମପୁର, ୨୧।୫(ସମିସ): ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ପଦ୍ମପୁରର ପ୍ରତିଷ୍ଠିତ ଅଞ୍ଚଳ ମହାବିଦ୍ୟାଳୟ ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପୁଣି ଥରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି। ଚଳିତ ବର୍ଷ ପ୍ରକାଶିତ ପରୀକ୍ଷାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ନିଜର ପ୍ରତିଭା ବଳରେ ମହାବିଦ୍ୟାଳୟର ସୁନାମକୁ ଆହୁରି ଉଜ୍ଜ୍ୱଳ କରିଛନ୍ତି। କଲେଜର ମୋଟ ପାସ୍‌ହାର ୮୩.୫୩ ପ୍ରତିଶତ ରହିଥିବା ବେଳେ ବିଭିନ୍ନ ସ୍ରୋତରେ ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଏହି ଅଭୂତପୂର୍ବ ସଫଳତା ପରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ, ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀବୃନ୍ଦ କୃତୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଜ୍ଞାନରେ ମିତ୍ରଭାନୁ ଦାଶ ସର୍ବାଧିକ ୯୨.୫୦ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହେବାର ଗୌରବ ଅର୍ଜନ କରିଥିବା ବେଳେ ବିଜ୍ଞାନରେ ପାସ୍ ହାର ୭୧.୮୭ ପ୍ରତିଶତ ରହିଛି। ସେହିପରି କଳାରେ ନନ୍ଦିନୀ ସାହୁ ଏବଂ ସରିତା ଦାସ ଉଭୟେ ସମାନ ଭାବେ ୯୦.୫୦ ପ୍ରତିଶତ ନମ୍ବର ହାସଲ କରିଛନ୍ତି। କଳାରେ ପାସ୍‌ହାର ୮୮.୬୫ ପ୍ରତିଶତ ଭଳି ଏକ ସନ୍ତୋଷଜନକ ସ୍ତରରେ ପହଞ୍ଚିଛି। ବାଣିଜ୍ୟରେ ମଧ ସଫଳତାର ଧାରା ବଜାୟ ରହିଛି। ରାନୀ ସାହୁ ୮୩.୩୩ ପ୍ରତିଶତ ନମ୍ବର ସହ ଶୀର୍ଷରେ ରହିଛନ୍ତି ଏବଂ ପାସ୍ ହାର ୮୨.୯୨% ରହିଛି। ବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ଓ ଗୁରୁମାନଙ୍କର ଉପଯୁକ୍ତ ଶିକ୍ଷାଦାନ ଶୈଳୀ ଯୋଗୁଁ ଆଜି ସେମାନେ ସଫଳତା ପାଇପାରିଛନ୍ତି।



ମିତ୍ରଭାନୁ ଦାଶ – ୯୨.୫୦ ପ୍ରତିଶତ(ବିଜ୍ଞାନ ସ୍ରୋତ) | ନନ୍ଦିନୀ ସାହୁ – ୯୦.୫୦ ପ୍ରତିଶତ(କଳା ସ୍ରୋତ) | ସରିତା ଦାସ – ୯୦.୫୦ ପ୍ରତିଶତ(କଳା ସ୍ରୋତ) | ରାନୀ ସାହୁ – ୮୩.୩୩ ପ୍ରତିଶତ(ବାଣିଜ୍ୟ ସ୍ରୋତ)

### ● ଜେନିଥ୍ ଯୁକ୍ତ ଦୁଇ ବିଜ୍ଞାନ କଲେଜର ସଫଳତା




ପଦ୍ମପୁର, ୨୧।୫ (ସମିସ): ପଦ୍ମପୁର ରସ୍ଥିତ ଜେନିଥ୍ ହାୟର ସେକେଣ୍ଡାରୀ ସ୍କୁଲ ଚଳିତ ବର୍ଷର +୨ ବିଜ୍ଞାନ ଶାଖାର + ୨ ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରିଛି। ସ୍କୁଲର ଛାତ୍ର ଅମିତ ମେହେର ୯୮%ମାର୍କ ରଖି ଉପଖଣ୍ଡ ସ୍ତରର ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ପଶ୍ଚିମ ଓଡ଼ିଶାରେ ମଧ୍ୟ ସ୍କୁଲ ଉଲ୍ଲେଖନୀୟ ସ୍ଥାନ ପାଇଛି। ଟ୍ୱିଙ୍କଲ ପ୍ରିୟଦର୍ଶିନୀ ମେହେର ୯୬%, ରଶ୍ମି ମେହେର ୯୫%, ନମ୍ରତା ମଗର ୯୪%, ରିୟାରାଣୀ ରାଣା ୯୨%, ହେମାନନ୍ଦ ସାହୁ ଓ ଅର୍ଜୁନ ମେହେର ୯୧% ଲେଖାଏଁ ମାର୍କ ରଖି ସ୍କୁଲର ସୁନାମ ବଢ଼ାଇଛନ୍ତି। ସ୍କୁଲର ୩ଜଣ ଛାତ୍ରଛାତ୍ରୀ ୯୫%ରୁ ଅଧିକ, ୭ ଜଣ ୯୦%ରୁ ଅଧିକ, ୧୩ ଜଣ ୮୫%ରୁ ଅଧିକ ଓ ୨୫ ଜଣ ୮୦%ରୁ ଅଧିକ ମାର୍କ ରଖିଥିବା ସହ ୧୦୦% ସଫଳତା ହାସଲ ହୋଇଛି। ସଫଳତା ପାଇଁ ସ୍କୁଲର ଅଧକ୍ଷ, ଅଧାପକମାନେ ଓ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନଶିକ୍ଷକ ଚତୁର୍ଭୁଜ ପଧାନ ଏହି କୃତିତ୍ୱର ଶ୍ରେୟ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଶିକ୍ଷକମାନଙ୍କ ନିରନ୍ତର ପରିଚର୍ଯ୍ୟାକୁ ଦେଇଛନ୍ତି।

### ● ଡାକ୍ତର ହେବାକୁ ଦୀପିକାଙ୍କ ଇଚ୍ଛା



ପାଇକମାଲ, ୨୧।୫(ସମିସ): ଦୃଢ଼ ଇଚ୍ଛାଶକ୍ତି ଓ ଅକ୍ଳାନ୍ତ ପରିଶ୍ରମ ଥିଲେ ସଫଳତା ନିଶ୍ଚିତ ମିଳେ ବୋଲି ପ୍ରମାଣ କରିଛନ୍ତି ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମର ଛାତ୍ରୀ ଦୀପିକା ଡନସନା। ସାଧାରଣ ପରିବାରରେ ଜନ୍ମ ହୋଇଥିବା ଦୀପିକା ଚଳିତ ବର୍ଷ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି ମାଣ୍ଡୋସିଲ ଅଞ୍ଚଳ ପାଇଁ ଗୌରବ ପାଲଟିଛନ୍ତି। ଦୀପିକାଙ୍କ ବାପା ଲିଙ୍ଗରାଜ ଡନସନା ଜଣେ ପାନ ବିକାଳି ଭାବେ କାମ କରି ପରିବାର ଚଳାଉଥିବା ବେଳେ ସୀମିତ ଆୟ ସତ୍ତ୍ୱେ ଝିଅର ପଢ଼ାଶୁଣାରେ କେବେ ଅବହେଳା କରିନଥିଲେ। ଅନେକ ଅସୁବିଧା ଓ ଆର୍ଥିକ ସମସ୍ୟା ମଧ୍ୟରେ ଦୀପିକା ନିଜର ଅଧ୍ୟବସାୟ ଓ ନିୟମିତ ପରିଶ୍ରମ ବଳରେ ସଫଳତା ହାସଲ କରିପାରିଛନ୍ତି। ପ୍ରିୟଙ୍କା କହିଛନ୍ତି ଯେ, ଭବିଷ୍ୟତରେ ସେ ଡାକ୍ତରୀ ଶିକ୍ଷା ଗ୍ରହଣ କରି ସମାଜସେବା କରିବାକୁ ଇଚ୍ଛୁକ। ତାଙ୍କର କୃତିତ୍ୱ ପାଇଁ ପରିବାର, ଶିକ୍ଷକ ଓ ସ୍ଥାନୀୟ ଲୋକମାନେ ଖୁସି ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

### ● ପ୍ରିୟଙ୍କାଙ୍କ କୃତିତ୍ୱ



ଝାରବନ୍ଧ, ୨୧।୫(ସମିସ): ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲିର ଛାତ୍ରୀ ପ୍ରିୟଙ୍କା ପ୍ରଧାନ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସମ୍ବଲପୁରସ୍ଥିତ ପିନ୍ନାକଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗର ଛାତ୍ରୀ ଥିବା ପ୍ରିୟଙ୍କା ସର୍ବମୋଟ ୫୬୦ ନମ୍ବର ରଖି ୯୩.୩୩ ପ୍ରତିଶତ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରିୟଙ୍କା ହେଉଛନ୍ତି ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲିଗ୍ରାମର ମନୋଜ ପ୍ରଧାନ ଓ ନଳିନୀ ପ୍ରଧାନଙ୍କ ସୁକନ୍ୟା। ତାଙ୍କର ସଫଳତା ପଛରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ପରାମର୍ଶ, ପରିବାରର ଉତ୍ସାହ ଓ ନିଜର ଅକ୍ଳାନ୍ତ ପରିଶ୍ରମ ଥିବା ସେ ପ୍ରକାଶ କରିଛନ୍ତି। ପ୍ରିୟଙ୍କା କହିଛନ୍ତି ଯେ, ସ୍କୁଲ ସମୟ ବ୍ୟତୀତ ସେ ପ୍ରତିଦିନ ପ୍ରାୟ ୬ରୁ ୭ ଘଣ୍ଟା ନିୟମିତ ଅଧ୍ୟୟନ କରୁଥିଲେ। ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ସମାଜ ସେବା କରିବା ତାଙ୍କର ପ୍ରମୁଖ ଲକ୍ଷ୍ୟ।

### ● ସୋହେଲା ଶ୍ରୀରାମ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା

ସୋହେଲା, ୨୧।୫(ସମିସ): ଚଳିତ ବର୍ଷ +୨କଳା ପରୀକ୍ଷାରେ ସୋହେଲା ଶ୍ରୀରାମ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଉର୍ମିଳା ସାହୁ ୫୦୮ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶିବାନୀ ପ୍ରଧାନ ୫୦୫ ମାର୍କ ରଖି ଦ୍ୱିତୀୟ, ମିଲି ସାହୁ ୫୦୪ ମାର୍କ ରଖି ତୃତୀୟ, ଶ୍ରୀୟା ଖମାରୀ ୫୦୧ ମାର୍କ ରଖି ଚତୁର୍ଥ, ପ୍ରିୟଙ୍କା ବୁଦ୍ଧିଆ ୪୯୫ମାର୍କ ରଖି ୫ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟାନ୍ୟ ଛାତ୍ରଛାତ୍ରୀ ମଧ ଭଲ ମାର୍କ ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୦ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ୫୪ ଜଣ ଦ୍ୱିତୀୟ ଓ ୧୦୯ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ଗ୍ରୀଜେଶ ପ୍ରସାଦ ଖାଡଙ୍ଗା ଡାଇରେକ୍ଟର ମଞ୍ଜୁଲତା ଶତପଥୀ ବିଦ୍ୟାଳୟର ଅଧକ୍ଷ ନୀଳାଞ୍ଚଳ ପ୍ରଧାନ ତଥା ସମସ୍ତ ଅଧାପକ ଅଧାପିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ● ଗନ୍ଧମାର୍ଦ୍ଦନ ବିଜ୍ଞାନ ପ୍ରତିଷ୍ଠାନର ଶତପ୍ରତିଶତ ସଫଳତା

ପଦ୍ମପୁର, ୨୧।୫(ସମିସ): ଗନ୍ଧମାର୍ଦ୍ଦନ ବିଜ୍ଞାନ ପ୍ରତଷ୍ଠାନ ଗୌଡ଼ପାଲି କନସିଂହାର ଯୁକ୍ତ (+୨) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। କଲେଜର ଛାତ୍ର ଜୀବନ ବାରିକ ୯୬%ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ସୁମନ ସରିତା ସାହାଣୀ ୯୦.୬୬% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାସହ ୮୦%ରୁ ୯୦% ମଧ୍ୟରେ ୯ ଜଣ, ୭୦%ରୁ ୮୦% ମଧ୍ୟରେ ୧୩ ଜଣ ଏବଂ ୬୦%ରୁ ୭୦% ମଧ୍ୟରେ ୪ ଜଣ ଛାତ୍ରଛାତ୍ରୀ ଭଲ ନମ୍ବରରେ ଶତକଡା ଶତପ୍ରତିଶତ ପରୀକ୍ଷା ଫଳ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ କଲେଜର ପ୍ରତିଷ୍ଠାତା ଡ଼ଃ କାର୍ତ୍ତିକ ପ୍ରଧାନ ଓ ଅଧ୍ୟକ୍ଷ ଡ଼ଃ ଦ୍ୱାଦଶ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ● ରେଡିଏନ୍ସ କଲେଜରେ ସମ୍ବର୍ଦ୍ଧନା

ବିଜେପୁର, ୨୧।୫(ସମିସ): ବରଗଡ଼ ଜିଲ୍ଲା ବିଜେପୁର ରେଡିଏନ୍ସ ଶିକ୍ଷାନୁଷ୍ଠାନରେ ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସର୍ବାଧିକ ୫୩୫ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଗାୟତ୍ରୀ ପଟେଲ, ଦଶମ ଶ୍ରେଣୀରେ୨୧୫ ମାର୍କ ରଖିଥିବା ବେଳେ ଯୁକ୍ତ ଦୁଇରେ ୪୩୮ ମାର୍କ ପାଇଥିବା ଛାତ୍ରୀ ନମିତା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ୧୫୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଚେୟାରମ୍ୟାନ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧକ୍ଷ ପ୍ରଫେସର ଘନଶ୍ୟାମ ମେହେର, ରେବନ୍ତ ମେହେର, ଉପାଧକ୍ଷ ସଞ୍ଜୟ ବାରିକ ପ୍ରମୁଖ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉପଦେଷ୍ଟା ଦେବବ୍ରତ ମେହେର ସଭା ସଂଯୋଜନା କରିଥିଲେ। ଶେଷରେ ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ନେତ୍ରମଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



# ସୁନ୍ଦରଗଡ଼ରେ ଫାଙ୍କା ଗୁଳି ଚାଳନା ଘଟଣାରେ ୩ ଗିରଫ

## ଦେଶୀ ପିସ୍ତଲ, ଗୁଳି, ମାଗାଜିନ, ଖୋକା ଓ କାର୍ ଜବତ, ଠିକାଦାରଙ୍କ କଳା ତାଲିକାଭୁକ୍ତକୁ ନେଇ ହୋଇଥିଲା ଗୁଳିକାଣ୍ଡ

ରାଉରକେଲା, ୨୧।୫ (ସମିସ)



ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ମିଶନ ରୋଡ୍‌ର ପବିତ୍ରନଗର ଅଞ୍ଚଳରେ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଜଣେ କୋଇଲା ବ୍ୟବସାୟୀଙ୍କ ବାସଭବନ ଉପରକୁ ଅଜ୍ଞାତ ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରିଥିଲେ। ଏହି ଘଟଣାରେ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଆଜି ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ଖାଲି ମାଗାଜିନ, ବ୍ୟବହୃତ ମୋଟର ସାଇକେଲ ଏବଂ କାର୍‌କୁ ଜବତ କରିଥିବା ଜଣାପଡ଼ିଛି। ଗିରଫ ୩ ଦୁର୍ବୃତ୍ତ ହେଲେ ସୁନ୍ଦରଗଡ଼ ଟାଉନଥାନା ରିଜେଣ୍ଟ ମାର୍କେଟ୍ ଅଧୀନ ମସଜିଦ୍‌ପଡ଼ାର ଏମ୍‌ଡି ରାହିଲ ଓରଫ ରାହିଲ ମେମନ(୨୬), ସଦରଥାନା ଅଧୀନ କାଣ୍ଡାବାହାଲ ଗାଁର ସଞ୍ଜୟ କୁମାର ପଟେଲ (୪୭) ଏବଂ ଉତ୍ତରପ୍ରଦେଶ ବଲିଆ ଜିଲ୍ଲାର ମୂଳବାସୀନ୍ଦା ତଥା ଟାଉନଥାନା ରଙ୍ଗାଢିପା ଅଧୀନ ସୁନାରିପଡ଼ା ବାସୀନ୍ଦା ଗୁଡ୍ଡୁ ଓରଫ ରାଧେଶ୍ୟାମ ଯାଦବ(୨୨)। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ଏନେଇ ଆଜି ସୁନ୍ଦରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଲେ ଯେ ଘଟଣାଦିନ ବିଳମ୍ବିତ ରାତି ପ୍ରାୟ ସାଢେ ୧୨ଟା ବେଳେ ୪ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ସୁନ୍ଦରଗଡର କୋଇଲା ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କ ମିଶନ ଛକରେ ଥିବା ତାଙ୍କ ବାସଭବନ ସମ୍ମୁଖରେ ପହଞ୍ଚି ତାଙ୍କ ସୁରକ୍ଷା କର୍ମୀଙ୍କ ସହ ପାଟିତୁଣ୍ଡ କରିବା ସହ ଅନ୍ୟାନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ଏମସିଏଲ ଦ୍ୱାରା କିଛି ଟ୍ରକ୍‌କୁ କଳା ତାଲିକାଭୁକ୍ତ କରିବା ପ୍ରସଙ୍ଗ ଉଠାଇ ସଞ୍ଜୟ ନନ୍ଦଙ୍କୁ ହତ୍ୟା କରିବାକୁ ଧମକଚମକ ଦେଇ ଉତ୍ତେଜନା ସୃଷ୍ଟି କରିଥିଲେ। ତେବେ ଖବରପାଇ ପୁଲିସ



ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ପୁଲିସ ଯିବାର କିଛି ସମୟ ପରେ ରାତ୍ରି ୧ଟା ୨୦ ମିନିଟରେ ଅଭିଯୁକ୍ତ ଏମ୍‌ଡି ରାହିଲ ବାଇକରେ ଆସି ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷାକର୍ମୀ ପ୍ରଫୁଲ କୁମାର ମାଝୀଙ୍କ ସହ ପାଟିତୁଣ୍ଡ କରି ପରିମାଣ ଭୟଙ୍କର ହେବ ବୋଲି ଭୟଭୀତ କରି ସଞ୍ଜୟ ନନ୍ଦଙ୍କ ବାସଭବନ ଉପରକୁ ଫାଙ୍କା ଗୁଳି ଚାଳନା କରି ଫେରାର ହୋଇଯାଇଥିଲା। ଏହି ଗୁଳିକାଣ୍ଡ ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କେହି ମୃତାହତ ହୋଇଥିଲେ। ଏହି ସୂଚନା ପାଇବା ପରେ, ସୁନ୍ଦରଗଡ଼ ଟାଉନ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଘଟଣାସ୍ଥଳରୁ ଏକ ଖୋକା ଜବତ କରିବା ସହ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସୁରକ୍ଷା କର୍ମୀ ପ୍ରଫୁଲ୍ଲ କୁମାର ମାଝୀ ଥାନାରେ ରିପୋର୍ଟ ଦେବାପରେ ପୁଲିସ ଏକ ମାମଲା ରୁଜୁ କରି କରିଥିଲା। ଘଟଣା ପରେ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ପୁଲିସ ପକ୍ଷରୁ ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଘଟଣାର ତଦନ୍ତ ଜାରି ରହିଥିଲା। ଗିରଫ ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# କୋଲ୍ କେମିକାଲ୍ ବିଭାଗରେ ୨୯୬ କୋଟିର ରାଜସ୍ୱ ଆଦାୟ



ରାଉରକେଲା, ୨୧।୫ (ସମିସ): ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗ ଆର୍ଥିକ ବର୍ଷ ୨୦୨୫-୨୬ରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କୋକ୍ ଓଭନରୁ ବାହାରୁଥିବା ଏକ ମୂଲ୍ୟବାନ ଉପ-ଉତ୍ପାଦ (ବାଇ-ପ୍ରଡକ୍ଟ) 'କୋଲ୍ କେମିକାଲ୍ସ' ବିକ୍ରିରୁ ବିଭାଗ ୨୯୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛି। ଏହା ବ୍ୟତୀତ ବିଭିନ୍ନ ବ୍ୟବହାରକାରୀ ଶିଳ୍ପଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ଏବଂ ସ୍ଥାୟୀ ଉପଉତ୍ପାଦ ବ୍ୟବହାରରେ ନିଜର ଭୂମିକାକୁ ସୁଦୃଢ଼ କରିବା ସହିତ କୋଲ୍ କେମିକାଲ୍ ବିଭାଗ ଚଳିତ ବର୍ଷ ସଫଳତାର ସହ ୭୬,୦୦୦ ଟନ୍ ଅଶୋଧିତ କୋଲ୍ ଟାର୍ ପ୍ରେରଣ କରିଛି। ଏକ ଶୂନ୍ୟ କ୍ଷତି (ଜିରୋ-ହାର୍ମ) କର୍ମକ୍ଷେତ୍ରକୁ ପ୍ରାଥମିକତା ଦେଇ ବିଭାଗ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଅନେକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ଷ୍ଟାଟିକ୍ ଚାର୍ଜଗୁଡ଼ିକୁ ସୁରକ୍ଷିତ ଭାବରେ ନିଷ୍କାସନ କରିବା ପାଇଁ ବେଞ୍ଜୋଲ୍ ଷ୍ଟୋରେଜ୍ ଟ୍ୟାଙ୍କ ଅଞ୍ଚଳରେ ଏକ ଷ୍ଟାଟିକ୍ ଡିସିପେଟର ସିଷ୍ଟମ୍ ସ୍ଥାପନ କରାଯାଇଛି। ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ପ୍ରଥମ ଥର ପାଇଁ ଜୋନ୍-୧ ଅଞ୍ଚଳରେ ଥିବା ବେଞ୍ଜୋଲ୍ ସ୍କ୍ରବରର ସଫଳ ଓଭରହଲିଂ (ମରାମତି) କରାଯାଇଛି। ସୁରକ୍ଷିତ କାର୍ଯ୍ୟ ସଂସ୍କୃତିକୁ ଅଧିକ ମଜବୁତ କରିବା ପାଇଁ ନିରନ୍ତର ଗ୍ୟାସ୍ ଚିହ୍ନଟ ଏବଂ ପ୍ରାରମ୍ଭିକ ସତର୍କ ସୂଚନା ପାଇଁ 'ନ୍ୟୁ ସିସିଡି'ରେ କଣ୍ଟ୍ରୋଲ୍ ରୁମ୍ ଆଲାର୍ମ ସଂଯୋଗ ସହିତ ଏକ କାର୍ବନ ମନୋକ୍ସାଇଡ୍ ମନିଟରିଂ ସିଷ୍ଟମ୍ ସ୍ଥାପନ କରାଯାଇଛି। ବିଭାଗ ପକ୍ଷରୁ ସଲଫ୍ୟୁରିକ୍ ଏସିଡ୍ ଟ୍ୟାଙ୍କ-୩ର ବଦଳ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯାଇଛି।

ଏହାସହିତ, ସୁରକ୍ଷା ଏବଂ ପରିବେଶ ସମ୍ବନ୍ଧୀୟ ଅନୁପାଳନକୁ ବୃଦ୍ଧି କରି ସ୍ଲିଲେଜ୍ ରିସାଇକ୍ଲିଂ ସିଷ୍ଟମ୍ ସହ ଡାଇକ୍‌ର ପୁନର୍ନିର୍ମାଣ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ଏହି ସମସ୍ତ ପଦକ୍ଷେପ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ସ୍ଥିରତା ପ୍ରତି ସିଡିଡିର ପ୍ରତିବଦ୍ଧତାକୁ ସୂଚାଉଛି, ଯାହା ରାଉରକେଲା ଇସ୍ପାତ କାରଖାନାରେ ଉପଉତ୍ପାଦ ପରିଚାଳନା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

# ପୁଲିସର ସ୍ୱତନ୍ତ୍ର ଚଢ଼ଉ; ୬୬ ଗିରଫ

● ମଦ, ବାଲି ଓ ମାଙ୍ଗାନିଜ୍ ଟ୍ରକ୍ ଜବତ



ରାଉରକେଲା, ୨୧।୫ (ସମିସ): ରାଜ୍ୟ ପୁଲିସ ମୁଖ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ ସମଗ୍ର ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପକୁ ରୋକିବା, ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ବିଭିନ୍ନ ପୁଲିସ ଥାନା ଅଞ୍ଚଳରେ ଗତ ମେ' ୧୦ ତାରିଖ ଠାରୁ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଭିଯାନ କରାଯାଇଛି। ଏଥିରେ ବିଭିନ୍ନ ୬୬ଟି ମାମଲା ରୁଜୁ କରାଯିବା ସହ ବିପୁଳ ମଦ, ବାଲି ଓ ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ କରାଯାଇଛି। ଏହି ଘଟଣାରେ ୬୬ ଜଣଙ୍କୁ ଗିରଫ କରାଇବା ସହ ୫୮ ଲକ୍ଷରୁ ଉର୍ଦ୍ଧ୍ୱରୁ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ଏନ୍‌ଫୋର୍ସମେଣ୍ଟ ଅଭିଯାନରେ ରାଉରକେଲା ପୁଲିସ ସହରର ବିଭିନ୍ନ ପୁଲିସ ଥାନା ଅଞ୍ଚଳରେ ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାପକ ନାକାବନ୍ଦି ଯାଞ୍ଚ, ବେଆଇନ ମଦ ଚାଲାଣ ଚଢ଼ଉ, ମଦ୍ୟପାନ କରି ଗାଡି ଚାଳନା, ୱାରେଣ୍ଟ କାର୍ଯ୍ୟାନୁଷ୍ଠାନ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ବେଆଇନ ଖଣି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସମୟରେ, ଅବୈଧ ଏବଂ ସନ୍ଦେହଜନକ କାର୍ଯ୍ୟ କଳାପକୁ ରୋକିବା ଏବଂ ସାମଗ୍ରିକ ଜନସାଧାରଣଙ୍କ ସୁରକ୍ଷା ଏବଂ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ଜିଲ୍ଲା ସାରା ହୋଟେଲ, ଲଜ୍, ବସ୍ ଷ୍ଟାଣ୍ଡ, ରେଳଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାପକ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା। ଏହି ଅବସରରେ ୬୬ଟି ମାମଲା ରୁଜୁ କରାଯାଇ ୧୦୮ ଲିଟର ବିଦେଶୀ ମଦ ଓ ୩୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ଘଟଣାରେ ୬୬ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା



ସୂଚନା ମିଳିଛି। ସେହିପରି ମଦ୍ୟପାନ କରି ଗାଡ଼ି ଚାଳନା ପାଇଁ ୬୮ଟି ମାମଲା ରୁଜୁ କରାଯିବା ସହ ୩୮୪୮ଟି ଇ-ଚାଲାଣ ସହ ୫୮ ଲକ୍ଷ ୬ ହଜାର ୫୦୦ ଟଙ୍କା ଆଦାୟ କରାଯାଇଥିଲା। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ୨୩ଟି ପିଆର ଦାଖଲ ସହ ୧୯ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ସେହିପରି ବେଆଇନ ଖଣି ଖନନ ଏବଂ ଖଣିଜ ସମ୍ପଦ ଚୋରା ଚାଲାଣ ଘଟଣାରେ ଚଢ଼ଉ କରାଯାଇ ଗୋଟିଏ ବାଲି ବୋଝେଇ ଟ୍ରକ୍, ୨ଟି ହାଇୱା, ଗୋଟିଏ ମାଙ୍ଗାନିଜ୍ ବୋଝେଇ ଟ୍ରକ୍ ଜବତ କରାଯାଇଥିବା ସୂଚନା ମିଳିଛି। ଏନେଇ ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି ଜିଲ୍ଲାରେ ଆଇନର କଡ଼ାକଡ଼ି ପ୍ରୟୋଗ, ବେଆଇନ କାର୍ଯ୍ୟକଳାପ ରୋକିବା, ସଡ଼କ ସୁରକ୍ଷା ବଳୟ ପାଳନ ଏବଂ ଶାନ୍ତି ଓ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ରାଉରକେଲା ପୁଲିସ ସବୁବେଳେ ପ୍ରତିବଦ୍ଧ। ଜନସାଧାରଣଙ୍କ ସୁରକ୍ଷା ଏବଂ ସୁରକ୍ଷା ସ୍ୱାର୍ଥରେ ଆଗାମୀ ଦିନରେ ଏପରି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

# ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ

ବଣାଇଁ, ୨୧।୫ (ସମିସ): ବଣାଇଁ ଉପଖଣ୍ଡରେ ଗତ କିଛିଦିନ ଧରି ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳ ୯ଟା ପରଠାରୁ ଖରା ଅନୁଭବ ହେଉଥିବାବେଳେ ଦିନ ବଢ଼ିବା ସହ ରାସ୍ତାଘାଟ ଶୂନ୍ୟ ହୋଇପଡୁଛି। ଦିନ ସମୟରେ ତାପମାତ୍ରା ବୃଦ୍ଧି ପାଇବା ସହ ବାତାବରଣରେ ଆର୍ଦ୍ରତା ବଢ଼ିଥିବାରୁ ଲୋକମାନେ ଗୁଳୁଗୁଳିରେ ଅତିଷ୍ଠ ହୋଇପଡ଼ିଛନ୍ତି। ଗରମର ପ୍ରକୋପ ବଢ଼ିଥିବାରୁ ଶୀତଳ ପାନୀୟ, ଆଖୁ ରସ, ଲସି ଓ ତରଭୁଜ ଭଳି ଫଳର ଚାହିଦା ବଢ଼ିଛି। ହସ୍ପିଟାଲରେ ମଧ୍ୟ ଜ୍ୱର, ଡିହାଇଡ୍ରେସନ ଓ ଅଂଶୁଘାତ ଜନିତ ଅସୁସ୍ଥତାରେ ପୀଡ଼ିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସୂଚନା ମିଳିଛି। ଲୋକମାନଙ୍କୁ ପ୍ରଚୁର ପାଣି ପିଇବା ସହ ସତର୍କ ରହିବାକୁ ଡାକ୍ତରମାନେ ଅନୁରୋଧ କରିଛନ୍ତି।

# ୨୭ରୁ ଶ୍ରୀଜଗନ୍ନାଥ ବତିଶି ବେଶ ଦର୍ଶନ ଓ ବିଷ୍ଣୁ ମହାଯଜ୍ଞ

ରାଉରକେଲା, ୨୧।୫ (ସମିସ): ଶ୍ରୀଜଗନ୍ନାଥ କଳା ଓ ସଂସ୍କୃତି ପ୍ରଚାରପ୍ରସାର ସମିତି ଆନୁକୂଲ୍ୟରେ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଉରକେଲାର ସେକ୍ଟର-୨ ଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ବତିଶି ବେଶ ଦର୍ଶନ ଏବଂ ପଞ୍ଚ ଦିବସୀୟ ବିଷ୍ଣୁ ମହାଯଜ୍ଞ ଆୟୋଜନ କରାଯାଉଛି। ଏନେଇ ଆଜି ରାଉରକେଲା ସେକ୍ଟର-୪, ସି-୧୧, ଶ୍ରୀଜଗନ୍ନାଥ କଳା ଓ ସଂସ୍କୃତି ପ୍ରଚାର ପ୍ରସାର ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସୂଚନା ଦେଇଥିଲେ। ଏଥିସହିତ ସମସ୍ତ ରାଉରକେଲାବାସୀ ସମ୍ପୂର୍ଣ୍ଣ ପରିବାର ସହ ଏହି କାର୍ଯ୍ୟକ୍ରମରେ ଭାଗ ନେବା ସହିତ ସମସ୍ତ ଯୁବପିଢି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ବିଷୟରେ ଜାଣିବା ପାଇଁ ଆଭିମୁଖ୍ୟ ରଖାଯାଇଛି। ଏହି ପାଞ୍ଚ ଦିନ ବ୍ୟାପୀ କାର୍ଯ୍ୟକ୍ରମର ପ୍ରତ୍ୟେକଦିନ ସନ୍ଧ୍ୟାରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦସେବନ କାର୍ଯ୍ୟକ୍ରମ ରହିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନର ବ୍ୟବସ୍ଥା କରାଯାଇଛି। ଏଥିସହିତ ଶ୍ରୀଜଗନ୍ନାଥ କଳା ଓ ସଂସ୍କୃତି ପ୍ରଚାରପ୍ରସାର ସମିତିର ଯଜ୍ଞ ପାଇଁ ୧୦ଟି ରଥ ବୁଲିବାର ବ୍ୟବସ୍ଥା କରାଯାଇଛି। ରଥ ବୁଲିବା ସମୟରେ ପ୍ରତ୍ୟେକ ଘରର ତୁଳସୀ ଚଉରାରୁ ଶ୍ରଦ୍ଧା ଓ ବିଶ୍ୱାସ ସହ ତୁଳସୀ ଚେରର ମାଟି, ଓଡିଶାର ବିଭିନ୍ନ ମନ୍ଦିରରୁ ମାଟି ଓ ପାଣି, ଓଡିଶା ବାହାରର ଆଧ୍ୟାତ୍ମିକ କ୍ଷେତ୍ରରୁ ମାଟି ଆଣି ଯଜ୍ଞକୁଣ୍ଡ ପ୍ରସ୍ତୁତ କରାଯିବ। ଯଜ୍ଞ ସମୟରେ ଯେଉଁ ମହିଳାମାନେ ଚାହିଁବେ, ସେମାନେ ରଙ୍ଗୋଲୀ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ବୋଲି ଶ୍ରୀ ତନ୍ତୀ



ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଯଜ୍ଞ ସମୟରେ ଯେକୌଣସି ଭକ୍ତ ଯୋଡି ହେବାକୁ ଚାହିଁଲେ, ସେମାନେ ହୁଏତ ତୁଳସୀ ଚଉରାରୁ ମାଟି ଦେଇ ହେଉ ଅବା କର୍ତ୍ତା ଭାବରେ ହେଉ ଅଥବା ପୂଜା ସାମଗ୍ରୀ ପ୍ରଦାନ କରି ହେଉ ଅବା ଘୃତ ଦେଇ ହେଉ କିମ୍ବା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଡି ହୋଇପାରିବେ।

ପୁରୀର ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ମହାରାଜା ଦିବ୍ୟସିଂହ ଦେବ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ହେବେ ବୋଲି ଶ୍ରୀ ତନ୍ତୀ ସୂଚନା ଦେବା ସହିତ ପୁରୀର ପଣ୍ଡାମାନେ ବା ସେବାୟତମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ପୁରୀର ସୁଆରମାନଙ୍କ ଦ୍ୱାରା ଏହି ଯଜ୍ଞରେ ପ୍ରସାଦ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ସହିତ ପୁରୀରୁ ନିର୍ମାଲ୍ୟ ଅଣାଯାଇ ଭକ୍ତଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ତନ୍ତୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶ୍ରୀ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ବତିଶି ବେଶ ଦର୍ଶନ ଓ ପଞ୍ଚ ଦିବସୀୟ ବିଷ୍ଣୁ ମହାଯଜ୍ଞରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ କଳା ଓ ସଂସ୍କୃତି ପ୍ରଚାର ପ୍ରସାର ସମିତିର ସଦସ୍ୟ ଗଦାଧର ସାହୁ, ପ୍ରଶାନ୍ତ ନାୟକ, ନିରଞ୍ଜନ ପଟେଲ, ଅକ୍ଷୟ ଦାଶ, ମନୋଜ ପଟ୍ଟନାୟକ, ଗୌତମ ବାଡା, ଗିରିଜା ଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# +୨ ପରୀକ୍ଷାରେ ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



କୁତ୍ରା, ୨୧।୫ (ସମିସ): ବୁଧବାର ଦିନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କୁତ୍ରା ବ୍ଲକ୍ ଅଧୀନ ଝାରବେଡାସ୍ଥିତ ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୮୬.୧୩% ବିଜ୍ଞାନରେ ୬୪.୬୩% ଏବଂ ବାଣିଜ୍ୟରେ ୮୪.୭୯ % ପାସ୍ ହାର ରହିଛି। କଳାରେ ୨୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୦୫ ଜଣ ପାସ୍ ହୋଇଛନ୍ତି। କଳାରେ ରଶ୍ମି ଗନ୍ଧା ୫୧୭ ମାର୍କ ରଖି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ୧୭୧ ଜଣ ପରୀକ୍ଷା ଦେଇଥିବାବେଳେ ୧୪୫ ଜଣ ପାସ୍ ହୋଇଛନ୍ତି। ବାଣିଜ୍ୟରେ ଏମଡି. ତାହା ଖାନ୍ ୪୭୩ ମାର୍କ ରଖି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଜ୍ଞାନରେ ୮୨ ଜଣ ପରୀକ୍ଷା ଦେଇ ୫୩ ଜଣ ପାସ୍ ହୋଇଛନ୍ତି। ବିଜ୍ଞାନରେ ସୌରଭ ପଣ୍ଡା ୩୯୭ ମାର୍କ ରଖି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି।



# ଗାନ୍ଧି ମହାବିଦ୍ୟାଳୟ +୨ ପରୀକ୍ଷା ଫଳାଫଳ

ରାଉରକେଲା, ୨୧।୫ (ସମିସ): ରାଉରକେଲା ଦେଓଗାଁ ସ୍ଥିତ ଗାନ୍ଧି ମହାବିଦ୍ୟାଳୟର ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଯୁକ୍ତଦୁଇ ବିଜ୍ଞାନରେ ମୋଟ ୧୦୪ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୫୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ପ୍ରଥମ ଶ୍ରେଣୀରେ, ୨୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୧ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ସୌଭାଗ୍ୟ କୁମାର ସ୍ୱର ୪୨୭ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି କଳାରେ ମୋଟ୍ ୧୨୦ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୧୦୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ, ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୬୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬ ଜଣ ଫେଲ ହୋଇଥିବା ଜଣାପଡ଼ିଛି। କରନ୍ ମୋଦି ୪୫୭ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଥିବା ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୧୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୬୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୯ ଜଣ ଫେଲ ହୋଇଥିବା ଜଣାପଡିଛି। ଅଙ୍କିତ ଚୌରସିଆ ୫୩୭ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ସୂଚନା ମିଳିଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ତୃତୀୟ ଜିଲ୍ଲାସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍

# ଚମକିଲେ ଆର୍‌ଏସ୍‌ପି କର୍ମଚାରୀ

ରାଉରକେଲା, ୨୧।୫ (ସମିସ): ରାଉରକେଲା ଇସ୍ପାତ କାରଖାନାର ରିପେୟାର୍ ସପ୍ ଇଲେକ୍ଟ୍ରିକାଲ୍ ବିଭାଗରେ କାର୍ଯ୍ୟରତ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ରୁଦ୍ର ନାରାୟଣ ସାହୁ ଏକ ଅସାଧାରଣ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ସଂଗଠନ ପାଇଁ ଗୌରବ ଆଣିଦେଇଛନ୍ତି। ସେ ୨୦୨୬ ମେ' ୧୦ ତାରିଖ ଦିନ ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମର ଇନଡୋର ସ୍ୱିମିଂ ପୁଲ୍‌ରେ ଅନୁଷ୍ଠିତ "୩ୟ ଜିଲ୍ଲାସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍ ୨୦୨୬'ରେ ଏହି ସଫଳତା ହାସଲ କରିଛନ୍ତି। ବିଶେଷ ଭାବରେ, ଏହି ପ୍ରତିଯୋଗିତା ଓପନ୍ କାଟେଗୋରୀ (ଉନ୍ମୁକ୍ତ ବର୍ଗ)ରେ ଆୟୋଜିତ ହୋଇଥିଲା ଏବଂ ଶ୍ରୀ ସାହୁ ଜଣେ ପାରା-ଆଥଲେଟ୍ (ଦିବ୍ୟାଙ୍ଗ କ୍ରୀଡ଼ାବିତ୍) ହୋଇଥିଲେ ମଧ୍ୟ ସାଧାରଣ ପ୍ରତିଯୋଗୀମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ମଞ୍ଚରେ ନିଜ ସ୍ଥାନ ସୁରକ୍ଷିତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା



ସନ୍ତରଣ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରୀସାହୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ସହ ମୋଟ୍ ତିନୋଟି ପଦକ ହାସଲ କରିଛନ୍ତି। ଶ୍ରୀ ସାହୁ ୧୦୦ ମିଟର ଫ୍ରି-ଷ୍ଟାଇଲ୍ ପ୍ରତିଯୋଗିତାରେ ୧.୩୧ ମିନିଟ୍ ସମୟ ନେଇ ସ୍ୱର୍ଣ୍ଣପଦକ, ୫୦ ମିଟର ବ୍ୟାକ୍-ଷ୍ଟ୍ରୋକ୍ ପ୍ରତିଯୋଗିତାରେ ୪୮.୦୧ ସେକେଣ୍ଡ ସମୟ ସହ ରୌପ୍ୟପଦକ ଏବଂ ୫୦ ମିଟର ଫ୍ରି-ଷ୍ଟାଇଲ୍ ପ୍ରତିଯୋଗିତାରେ ୩୭.୯୪ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ୭୧ ପରିବାରକୁ ୨.୯୨ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ

ରାଉରକେଲା, ୨୧।୫ (ସମିସ)



ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ମେ'୨୧ ସୁଦ୍ଧା ଆରଏସପି ୭୧ଟି ପରିବାରକୁ ୨.୯୨ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିବାସହ କ୍ଷତିଗ୍ରସ୍ତ ପରିବାରର ୨୯ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଥିବା ସୂଚନା ମିଳିଛି, ଯାହାକି ଏହି କ୍ଷତିପୂରଣ ପ୍ୟାକେଜ୍ ସେମାନଙ୍କ ଜୀବନକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଛି। ଟାଙ୍ଗରପାଲ୍ଲୀ ଅଧୀନ କାଟେବସ୍ତି ବାସିନ୍ଦା କୁମାରୀ ଅଞ୍ଜୁ ଡୁଙ୍ଗଡୁଙ୍ଗ ହେଉଛନ୍ତି ସେହିଭଳି ଜଣେ ହିତାଧିକାରୀ, ଯାହାଙ୍କ ଜୀବନ ଏହି ପ୍ୟାକେଜ୍ ଯୋଗୁଁ ଏକ ନୂଆ ମୋଡ଼ ନେଇଛି। ଯୁକ୍ତ ଦୁଇ ଏବଂ ଏ.ଏନ୍.ଏମ୍. ପାଠ୍ୟକ୍ରମ ସମାପ୍ତ କରିବା ପରେ, ଅଞ୍ଜୁ ଏକ ନିକଟସ୍ଥ ବିୟୁଟି ପାର୍ଲରରେ ସହକାରୀ ଭାବେ ମାତ୍ର ୪,୦୦୦ ଟଙ୍କାର ମାସିକ ମଜୁରିରେ ଗୁଜୁରାଣ ମେଣ୍ଟାଉଥିଲେ। ସେ ବାସ କରୁଥିବା କୁଡ଼ିଆ ଘର ଜେଉଁ ଜମି ଉପରେ ଥିଲା ତାହା ପ୍ରକୃତରେ ରାଉରକେଲା ଇସ୍ପାତ କାରଖାନାର ସମ୍ପତ୍ତି, ତେଣୁ ସେହି ଜମିର କୌଣସି ବୈଧ କାଗଜ ମଧ୍ୟ ତାଙ୍କ ପାଖରେ ନଥିଲା। ଆଜି ତାଙ୍କ ପରିବାର ଆର୍ଥିକ କ୍ଷତିପୂରଣରେ ୫ ଲକ୍ଷ ୧୬ ହଜାର ଟଙ୍କା ପ୍ୟାକେଜ୍ ପାଇବା ପାଇଁ ଯୋଗ୍ୟ ଯେଉଁଥିରୁ ୪. ୧୨ ଲକ୍ଷ ଟଙ୍କା ସେ ଅଦ୍ୟାବଧି ପାଇ ସାରିଛନ୍ତି। ଏତଦ୍‌ବ୍ୟତୀତ ସେ ସମସ୍ତ ସାମ୍ବିଧାନିକ ସୁବିଧା ସହିତ ୨୨,୫୦୦ ଟଙ୍କାର ପ୍ରାରମ୍ଭିକ ଦରମାରେ ଆର୍.ଏସ୍.ପି.ରେ ଏକ ଚୁକ୍ତିଭିତ୍ତିକ ଚାକିରିରେ ଯୋଗ ଦେଇଛନ୍ତି। ତାଙ୍କର ପୁରା ପରିବାର ଏବେ ଚିକିତ୍ସା ସୁବିଧା ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅଞ୍ଜୁଙ୍କ କାହାଣୀ ଆର୍.ଏସ୍.ପି. ଦ୍ୱାରା ସ୍ଥାନାନ୍ତରିତ ହୋଇଥିବା ଅନେକ ପରିବାରର

**୨୯ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି**

ପ୍ରତିଫଳନ ଅଟେ। ସେହିପରି ମାଟ୍ରିକରୁ କମ୍ ପାଠ ପଢ଼ିଥିବା ଆଲୋକ ଖାଖା ପୂର୍ବରୁ ଛୋଟମୋଟ କାମ କରୁଥିଲେ, ଯେଉଁଥିରେ ଦୈନିକ ଖର୍ଚ୍ଚ ଚଳାଇବା କଷ୍ଟକର ହୋଇ ପଡୁଥିଲା। ଏବେ ଏକ ସୁରକ୍ଷିତ ଦରମା ଏବଂ କାର୍ଯ୍ୟକ୍ଷେତ୍ରର ସୁବିଧା ସହ ଚାକିରି ପାଇବା ପରେ, ଆଲୋକ କ୍ଷତିପୂରଣ ପ୍ୟାକେଜ୍ ଅଧୀନରେ ଆବଣ୍ଟିତ ଜମିରେ ଏକ ପକ୍କା ଘର ତିଆରି କରିବାକୁ ଯୋଜନା କରୁଛନ୍ତି। ଗୃହିଣୀ ଅନୀତା, ଯାହାଙ୍କର ପୂର୍ବରୁ କୌଣସି ଆନୁଷ୍ଠାନିକ କାର୍ଯ୍ୟର ଅନୁଭବ ନଥିଲା, ସେ ହେଉଛନ୍ତି ଅନ୍ୟ ଜଣେ ହିତାଧିକାରୀ ଯିଏ କାରଖାନାରେ ଏଜେନ୍ସି ନିଯୁକ୍ତି ମାଧ୍ୟମରେ ଜୀବିକା ପାଇଛନ୍ତି। ଆଶିଷ ମିଞ୍ଜ, ପ୍ରିୟଙ୍କା ମିଞ୍ଜ, ଭେରୋନିକା ଲାକ୍ରା, ସମୀର ଲାକ୍ରା ଏବଂ ଅନ୍ୟ ଅନେକ ଲୋକଙ୍କ କଥାରେ ମଧ୍ୟ ସମାନ ଆଶା ଓ ଆକାଂକ୍ଷାର ପ୍ରତିଧ୍ୱନି ଶୁଣିବାକୁ ମିଳେ, ଯାହାଙ୍କ ଜୀବନ ଏହି କ୍ଷତିପୂରଣ ପ୍ୟାକେଜ୍ ଯୋଗୁଁ ଅନେକ ପରିମାଣରେ ବଦଳିଯାଇଛି। ଆର୍‌ଏସ୍‌ପି ଏହି ପରିବାର ଗୁଡ଼ିକୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ସମ୍ପନ୍ନ ଅସ୍ଥାୟୀ ଆଶ୍ରୟସ୍ଥଳୀ ମଧ୍ୟ ଯୋଗାଇ ଦେଇଛି, ଯାହା ସ୍ଥାୟୀ ବାସଗୃହକୁ ଅପେକ୍ଷା କରିଥିବା ପରିବାରଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିଛି। ପ୍ରଭାବିତ ବସ୍ତିବାସିନ୍ଦାଙ୍କ ପାଇଁ ଚିହ୍ନଟ ହୋଇଥିବା ଜମି ପ୍ଲଟଗୁଡ଼ିକୁ ପରିବାରଗୁଡ଼ିକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ କରାଯାଉଛି, ଯାହା ସ୍ଥାୟୀଘର ନିର୍ମାଣ ଏବଂ ସାମୁଦାୟିକ ପୁନର୍ଗଠନକୁ ସକ୍ଷମ କରୁଛି।

# ଦିନକୁ ଆତ୍ମହତ୍ୟା କରୁଛନ୍ତି ୪୦ ଛାତ୍ରଛାତ୍ରୀ




ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ 'ଭାରତରେ ଆକସ୍ମିକ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୪' ରିପୋର୍ଟରୁ ଏକ ଅତ୍ୟନ୍ତ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଦେଶରେ ସାମଗ୍ରିକ ଆତ୍ମହତ୍ୟା ମାମଲାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା କିନ୍ତୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା କେବଳ ଏକ ବ୍ୟକ୍ତିଗତ କିମ୍ବା ପାରିବାରିକ ଦୁଃଖଦ ଘଟଣା ହୋଇ ରହିନାହିଁ, ବରଂ ଏକ ସାମାଜିକ ଜରୁରୀକାଳୀନ ପରିସ୍ଥିତିରେ ପରିଣତ ହେଲାଣି। ୨୦୨୩ ମସିହାରେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୧୩, ୮୯୨ ଥିବା ବେଳେ ୨୦୨୪ରେ ଏହା ୪.୩ ପ୍ରତିଶତ ବୃଦ୍ଧି ପାଇ ୧୪, ୪୮୮ ରେ ପହଞ୍ଚିଛି। ଏହି ପରିସଂଖ୍ୟାନ ଅନୁସାରେ ଭାରତରେ ହାରାହାରି ପ୍ରତିଦିନ ପ୍ରାୟ ୪୦ ଜଣ ଏବଂ ପ୍ରତି ୩୬ ମିନିଟ୍‌ରେ ଜଣେ ଶିକ୍ଷାର୍ଥୀ ନିଜର ଜୀବନ ହାରୁଛନ୍ତି। ୨୦୨୪ରେ ମୋଟ ଆତ୍ମହତ୍ୟା କରିଥିବା ପିଲାଙ୍କ ମଧ୍ୟରେ ୭, ୬୭୯ ଜଣ ଛାତ୍ର ଏବଂ ୬, ୮୧୯ ଜଣ ଛାତ୍ରୀ ଥିଲେ। ଗୁଜରାଟ, ମଧ୍ୟପ୍ରଦେଶ ଏବଂ ପଞ୍ଜାବ ଭଳି କେତେକ ରାଜ୍ୟରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଅଧିକ ରହିଛି। ଛାତ୍ର ଆତ୍ମହତ୍ୟା ମାମଲାରେ ମହାରାଷ୍ଟ୍ର (୧, ୯୦୯ ମୃତ୍ୟୁ) ସହ ଶୀର୍ଷରେ ଥିବା ବେଳେ ଏହା ପଛକୁ ଉତ୍ତର ପ୍ରଦେଶ (୧, ୫୮୫), ମଧ୍ୟପ୍ରଦେଶ (୧, ୪୪୭) ଏବଂ ତାମିଲନାଡୁ (୧, ୨୮୭) ରହିଛନ୍ତି। ଅନ୍ୟପଟେ, ଯଦି ସମଗ୍ର ଦେଶର ମୋଟ ଆତ୍ମହତ୍ୟା (ସମସ୍ତ ବର୍ଗ) ମାମଲାକୁ ଦେଖାଯାଏ, ତେବେ ଗତ ତିନି ବର୍ଷ (୨୦୨୨, ୨୦୨୩, ୨୦୨୪) ଧରି ଲଗାତାର ଭାବେ ୫ଟି ରାଜ୍ୟ ଯଥା— ମହାରାଷ୍ଟ୍ର, ତାମିଲନାଡୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଶୀର୍ଷରେ ରହିଛନ୍ତି। ସାରା ଦେଶର ମୋଟ ଆତ୍ମହତ୍ୟାର ପ୍ରାୟ ୪୯ ପ୍ରତିଶତ କେବଳ ଏହି ୫ଟି ରାଜ୍ୟରୁ ହିଁ ଆସୁଛି। ସାଧାରଣରେ ଆତ୍ମହତ୍ୟା ପଛରେ ପାରିବାରିକ ସମସ୍ୟା (୩୩.୫%), ଅସୁସ୍ଥତା (୧୮%) ଏବଂ ନିଶା ଶକ୍ତ (୭. ୬%) ମୁଖ୍ୟ କାରଣ ସାଜିଥିବା ବେଳେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ଅତ୍ୟଧିକ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା, ପରୀକ୍ଷାରେ ବିଫଳ ହେବାର ଭୟ, ପରିବାରର ଆଶା ପୂରଣ ନକରିପାରିବାର ମାନସିକ ଚାପ ଏବଂ ନିକଟରେ ଘଟିଥିବା ନିଟ୍ ପେପର ଲିକ୍ ଓ ପରୀକ୍ଷା ବାତିଲ ଭଳି ଅନିଶ୍ଚିତତା କୋମଳମତି ପିଲାମାନଙ୍କୁ ଚରମ ପଦକ୍ଷେପ ନେବାକୁ ବାଧ କରୁଛି।

## ପଶ୍ଚିମବଙ୍ଗ ସରକାରୀ କର୍ମଚାରୀଙ୍କ ଉପରେ ଲାଗିଲା କଟକଣା

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ନିଜର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଗଣମାଧ୍ୟମ ସହ ଆଲୋଚନା, ସାଧାରଣ ମନ୍ତବ୍ୟ ଏବଂ ସରକାରୀ ତଥ୍ୟ ସେୟାର କରିବା ଉପରେ କଡ଼ା କଟକଣା ଲଗାଇଛନ୍ତି। ରାଜ୍ୟର କର୍ମଚାରୀ ଓ ପ୍ରଶାସନିକ ସୁଧାର ବିଭାଗ ପକ୍ଷରୁ ଜାରି ଏହି ନୂତନ ନିର୍ଦ୍ଦେଶନାମା ଅନୁସାରେ, କୌଣସି ବି ସରକାରୀ କର୍ମଚାରୀ ଏଣିକି ସରକାରଙ୍କ ନୀତିକୁ ସାଧାରଣରେ ସମାଲୋଚନା କରିପାରିବେ ନାହିଁ କିମ୍ବା ବିନା ଅନୁମତିରେ ଗଣମାଧ୍ୟମର କୌଣସି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ। ମୁଖ୍ୟ ଶାସନ ସଚିବ ମନୋଜ ପାନ୍ତଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶାବଳୀ ଆଇଏଏସ୍, ଡବ୍ଲ୍ୟୁବିସିଏସ୍ ଏବଂ ଡବ୍ଲ୍ୟୁବିପିଏସ୍ ଅଧିକାରୀଙ୍କ ସମେତ ପୌରପାଳିକା, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଏବଂ ସ୍ୱାୟତ୍ତ ଶାସିତ ସଂସ୍ଥାର କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହି ନିୟମ ଅନୁଯାୟୀ, କର୍ମଚାରୀମାନେ ବିନା ଅନୁମତିରେ କୌଣସି ପ୍ରବନ୍ଧ ଲେଖିପାରିବେ ନାହିଁ, ସମ୍ବାଦପତ୍ର ସମ୍ପାଦନା କରିପାରିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ନିୟମ ଉଲ୍ଲଂଘନ କଲେ କଡ଼ା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅମରନାଥ ଯାତ୍ରା ପାଇଁ ୩.୬ ଲକ୍ଷ ଶ୍ରଦ୍ଧାଳୁଙ୍କ ପଞ୍ଜୀକରଣ

ଶ୍ରୀନଗର, ୨୧।୫(ଏଜେନ୍ସି): ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ୫୭ ଦିନିଆ ଯାତ୍ରା ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନ ତଥା ଶ୍ରାବଣ ପୂର୍ଣ୍ଣିମା ଅବସରରେ ସମାପ୍ତ ହେବ। ଏଥିପାଇଁ ଗତ ଏପ୍ରିଲ ୧୫ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩.୬ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ନିଜର ନାମ ପଞ୍ଜୀକରଣ କରିସାରିଛନ୍ତି। ଚଳିତ ବର୍ଷ ଯାତ୍ରୀଙ୍କ ସଂଖ୍ୟା ୫ ଲକ୍ଷ ପାର୍ କରିବ ବୋଲି ପ୍ରଶାସନ ଆଶା ରଖିଛି। ବର୍ତ୍ତମାନ ଯାତ୍ରା ମାର୍ଗର ଅନେକ ସ୍ଥାନରେ ୬ରୁ ୮ ଫୁଟ ଏବଂ ହେମପ୍ରପାତ ପ୍ରବଣ ଅଞ୍ଚଳରେ ପ୍ରାୟ ୧୦ରୁ ୧୨ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିଛି। ତେବେ ସୀମା ସଡ଼କ ସଂଗଠନ (ବିଆରଓ) ପକ୍ଷରୁ ବାଲ୍‌ଟାଲ୍ ଏବଂ ପହଲଗାମ୍ ଉଭୟ ମାର୍ଗରୁ ଯୁଦ୍ଧକାଳୀନ ଭିତ୍ତିରେ ବରଫ ହଟାଇବା ସହ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ଜୁନ୍ ୧୫ ସୁଦ୍ଧା ଉଭୟ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଦିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ଚଳିତ ବର୍ଷ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ କଲକତା ହାଇକୋର୍ଟଙ୍କ ସୁରକ୍ଷା

କୋଲକାତା, ୨୧।୫(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ଅଭିଷେକ ବନାର୍ଜୀଙ୍କୁ କଲକତା ହାଇକୋର୍ଟ ବଡ଼ ରାହତ ଦେଇଛି। ନିର୍ବାଚନୀ ସଭାରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଦିଆଯାଇଥିବା କଥିତ ବିବାଦିତ ମନ୍ତବ୍ୟ ସମ୍ବନ୍ଧୀୟ ମାମଲାରେ ଅଦାଲତ ପଶ୍ଚିମବଙ୍ଗ ପୁଲିସକୁ ତାଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସୁରକ୍ଷା ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ମାମଲାର ଶୁଣାଣି ସମାପ୍ତ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଅଭିଷେକ ବନାର୍ଜୀ ପୂର୍ବ ଅନୁମତି ବିନା ଯାତ୍ରା କରିପାରିବେ ନାହିଁ ଏବଂ କୌଣସି ଯାତ୍ରା ପୂର୍ବରୁ ତଦନ୍ତ ଅଧିକାରୀଙ୍କୁ ୪୮ ଘଣ୍ଟା ପୂର୍ବରୁ ସୂଚନା ଦେବାକୁ ପଡ଼ିବ। ଗତ ସପ୍ତାହରେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଦିଆଯାଇଥିବା କଥିତ ଉତ୍ତେଜନାମୂଳକ ଭାଷଣକୁ ନେଇ ବିଧାନନଗର ସାଇବର କ୍ରାଇମ ଥାନାରେ ତାଙ୍କ ବିରୋଧରେ ଏଫଆଇଆର ରେଜିଷ୍ଟର ହୋଇଥିଲା। ସାମାଜିକ କର୍ମୀ ରାଜୀବ ସରକାର ଅଭିଯୋଗ କରିଥିଲେ ଯେ ଏପ୍ରିଲ ୨୭ ଠାରୁ ମେ ୩ ମଧ୍ୟରେ ହୋଇଥିବା ଅନେକ ନିର୍ବାଚନୀ ସଭାରେ ଅଭିଷେକ ବନାର୍ଜୀ ଉତ୍ତେଜକ ଓ ଧମକମୂଳକ ମନ୍ତବ୍ୟ ଦେଇଥିଲେ।

## ଅନ୍ତିମ ସତ୍କାର ପରେ ଘରକୁ ଫେରିଲେ ନିଖୋଜ ବ୍ୟକ୍ତି

ରାଞ୍ଚି, ୨୧।୫(ଏଜେନ୍ସି): ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତି ନିଖୋଜ ହେବାର କିଛି ଦିନ ପରେ ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ତେବେ ଏହା ପୂର୍ବରୁ ପରିବାର ଲୋକେ ଭୁଲ୍ ବଶତଃ ଅନ୍ୟ ଜଣଙ୍କ ମୃତଦେହକୁ ଚିହ୍ନଟ କରି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିସାରିଥିଲେ। ନିଖୋଜ ବ୍ୟକ୍ତିଜଣକ ହେଉଛନ୍ତି ପାତ୍ରାଟୋଲି ଗ୍ରାମର ୪୫ ବର୍ଷୀୟ ବିଶ୍ରାମ ମୁଣ୍ଡା। ପୁଲିସ ସୂଚନା ଅନୁସାରେ, ଗତ ମେ ୧୦ ତାରିଖରେ ବିଶ୍ରାମ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏହାର ପରଦିନ ପୁଲିସ ଏକ ନାଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହର ଉଚ୍ଚତା, ଚେହେରା ଏବଂ ଗଠନ ସମ୍ପୂର୍ଣ୍ଣ ଭାବେ ବିଶ୍ରାମଙ୍କ ସହ ମିଶୁଥିବାରୁ ହସ୍ପିଟାଲରେ ପରିବାର ଓ ଗ୍ରାମବାସୀ ଏହାକୁ ବିଶ୍ରାମଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପରିବାର ଲୋକେ ମୃତଦେହକୁ ନେଇ ଆଦିବାସୀ ରୀତିନୀତି ଅନୁଯାୟୀ ପୋତି ସତ୍କାର କରିଦେଇଥିଲେ। କିନ୍ତୁ ଏହାର କିଛି ଦିନ ପରେ ବିଶ୍ରାମ ହଠାତ୍ ତାଙ୍କ ଝିଅର ଭଡ଼ାଘରେ ପହଞ୍ଚିଯିବାରୁ ସମସ୍ତେ ଚକିତ ହୋଇଯାଇଥିଲେ। ସେ କାହାକୁ ନଜଣାଇ ପ୍ରାୟ ୭୦ କିଲୋମିଟର ଦୂର ରାମଗଡ଼ ଚାଲିଯାଇଥିବା ପ୍ରକାଶ କରିଛନ୍ତି। ଏବେ ପୁଲିସ ସେହି ଅଜଣା ମୃତଦେହକୁ ମାଟିରୁ ବାହାର କରି ପ୍ରକୃତ ପରିଚୟ ଜାଣିବା ପାଇଁ ଡିଏନଏ ପରୀକ୍ଷା କରିବା ପ୍ରକ୍ରିୟା ଆରମ୍ଭ କରିଛି।

## ପଶ୍ଚିମବଙ୍ଗର ମଦ୍ରାସାଗୁଡ଼ିକରେ 'ବନ୍ଦେ ମାତରମ୍' ଗାନ ବାଧ୍ୟତାମୂଳକ

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ସ୍କୁଲଗୁଡ଼ିକ ପରେ ଏବେ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ମଦ୍ରାସାରେ ପ୍ରାତଃକାଳୀନ ପ୍ରାର୍ଥନା ସଭାରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିବା ବାଧ୍ୟତାମୂଳକ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ମଦ୍ରାସାରେ ଶ୍ରେଣୀ ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏହି ଗୀତ ଗାନ କରାଯିବା ନେଇ ମଦ୍ରାସା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଗତ ସପ୍ତାହରେ ବିଦ୍ୟାଳୟ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲରେ ବନ୍ଦେ ମାତରମ୍'ର ସମସ୍ତ ୬ଟି ଯାକ ସ୍ତବକ ଗାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ନିୟମକୁ ମଦ୍ରାସାଗୁଡ଼ିକ ପାଇଁ ମଧ୍ୟ ଲାଗୁ କରାଯାଇଛି। ଚଳିତ ବର୍ଷ ଫେବୃଆରୀ ମାସରେ କେନ୍ଦ୍ର ସରକାର 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହ ସମାନ ମାନ୍ୟତା ପ୍ରଦାନ କରିଥିଲେ। ଏହା ପରଠାରୁ ସରକାରୀ କାର୍ଯ୍ୟକ୍ରମ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହାର ପୂର୍ଣ୍ଣ ରୂପ ଗାନ କରିବାକୁ ନେଇ ଦେଶରେ ଚର୍ଚ୍ଚା ଆରମ୍ଭ ହୋଇଥିଲା ଓ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟରେ ରାଜନୈତିକ ବିବାଦ ଦେଖାଦେଇଛି।

## ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କଲେ ମୋଜତବା



### ଇରାନ ବାହାରକୁ ଯିବନି ସମୃଦ୍ଧ ୟୁରାନିୟମ୍

ତେହରାନ/ୱାସିଂଟନ, ୨୧।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ଅସ୍ଥାୟୀ ସରକାରୀ ଯୁଦ୍ଧବିରତି ଆଲୋଚନା ମଧ୍ୟରେ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ମୋଜତବା ଖାମେନେଇ ଦେଶର 'ସମୃଦ୍ଧ ୟୁରାନିୟମ୍'ର ମହଜୁଦ ଭଣ୍ଡାରକୁ ଦେଶ ବାହାରକୁ ନପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ଆମେରିକା ଏବଂ ଇସ୍ରାଏଲ୍ ସହିତ ଚାଲିଥିବା ଶାନ୍ତି ଆଲୋଚନା ଆହୁରି ଜଟିଳ ରୂପ ଧାରଣ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମୁଖ୍ୟ ସର୍ତ୍ତ ଥିଲା ଯେ, ଯୁଦ୍ଧ ସମାପ୍ତ କରିବାକୁ ହେଲେ ଇରାନକୁ ନିଜର ସମୃଦ୍ଧ ୟୁରାନିୟମ୍ ଦେଶ ବାହାରକୁ ପଠାଇବାକୁ ହେବ, ଯାହାକୁ ଏବେ ଇରାନ ସୂତ୍ରରୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇଛି। ପାଶ୍ଚାତ୍ୟ ଦେଶ ଏବଂ ଇସ୍ରାଏଲର ଅଭିଯୋଗ ଯେ ଇରାନ ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ କାର୍ଯ୍ୟ କରୁଛି। ଇରାନ ନିଜର ୟୁରାନିୟମକୁ ୬୦% ପର୍ଯ୍ୟନ୍ତ ସମୃଦ୍ଧ କରିସାରିଛି, ଯାହା ସାଧାରଣ ନାଗରିକ ବା ଚିକିତ୍ସା ବିଜ୍ଞାନ ଆବଶ୍ୟକତା ଠାରୁ ବହୁତ ଅଧିକ ଏବଂ ପରମାଣୁ ବୋମା ତିଆରିର ଅତି ନିକଟତର ଅଟେ। ତେବେ ଇରାନ ଏହି ଅଭିଯୋଗକୁ ସଦାସର୍ବଦା ଅସ୍ୱୀକାର କରିଆସିଛି। ଇରାନର ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଯଦି ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ପଠାଇ ଦିଆଯାଏ, ତେବେ ଇରାନ ଭବିଷ୍ୟତରେ ଆମେରିକା ଏବଂ ଇସ୍ରାଏଲର ସାମରିକ ଆକ୍ରମଣ ଆଗରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବ। ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ କରିଥିବା ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଭୟଙ୍କର ସଂଗ୍ରାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପାକିସ୍ତାନର ମଧ୍ୟସ୍ଥତାରେ ଏକ ଅସ୍ଥାୟୀ ଯୁଦ୍ଧବିରତି ବଳବତ୍ତର ରହିଛି। ବର୍ତ୍ତମାନ ସୁଦ୍ଧା ଆମେରିକା ଦ୍ୱାରା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକୁ ଅବରୋଧ କରାଯାଇଛି ଏବଂ ଅପରପକ୍ଷେ 'ହର୍ମୁଜ ପ୍ରଣାଳୀ' ଉପରେ ଇରାନ ନିଜର ନିୟନ୍ତ୍ରଣ ଜାରି ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ଶାନ୍ତି ଚୁକ୍ତି ସ୍ୱୀକାର ନକରେ, ତେବେ ଆମେରିକା ପୁନର୍ବାର ବ୍ୟାପକ ଆକ୍ରମଣ କରିବ। ଏଥିପାଇଁ ସେ ମାତ୍ର କେତେଦିନର ସମୟ ଦେଇଛନ୍ତି। ଇରାନର ମୁଖ୍ୟ ଶାନ୍ତି ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ୍ ମଧ୍ୟ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣର ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ସୂଚନା ଅନୁଯାୟୀ, ଦୁଇ ହଜାର ପଚିଶି ମସିହା ଜୁନ୍ ମାସରେ ହୋଇଥିବା ଆକ୍ରମଣ ପୂର୍ବରୁ ଇରାନ ପାଖରେ ପ୍ରାୟ ୪୪୦.୯ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଥିଲା। ସମ୍ପ୍ରତି ଏହି ମହଜୁଦ ଭଣ୍ଡାର ଇସଫାହାନ ଏବଂ ନାଟାଞ୍ଜ ପରମାଣୁ କେନ୍ଦ୍ରର ସୁଡ଼ଙ୍ଗ ମଧ୍ୟରେ ସୁରକ୍ଷିତ ରହିଛି। ଇରାନ ସୂତ୍ରରୁ ପ୍ରକାଶ ଯେ, ଏହି ସମସ୍ୟାର ସମାଧାନ ପାଇଁ ଏକ ମଧ୍ୟମ ପନ୍ଥା ଗ୍ରହଣ କରାଯାଇପାରେ। ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ନପଠାଇ ଆନ୍ତର୍ଜାତୀୟ ପରମାଣୁ ସଂସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ତୀବ୍ରତାକୁ ହ୍ରାସ ବା ଲଘୁକରଣ (ଡାଲ୍ୟୁସନ୍) କରାଯାଇପାରିବ।

## ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ହମ୍‌ଜା ବୁର୍‌ହାନ୍‌କୁ ହତ୍ୟା

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ୨୦୧୯ ମସିହାରେ ଘଟିଥିବା ପୁଲୱାମା ଆକ୍ରମଣର ଅନ୍ୟତମ ମୁଖ୍ୟ ସୂତ୍ରଧର ତଥା ଆଲ୍-ବଦ୍ର ସନ୍ତ୍ରାସବାଦୀ ସଙ୍ଗଠନର କମାଣ୍ଡର ହମ୍‌ଜା ବୁରହାନ ଓରଫ୍ 'ଡାକ୍ତର' ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ମୁଜାଫରାବାଦଠାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଛି। ଜମ୍ମୁ-କାଶ୍ମୀରର ପୁଲୱାମା ନିବାସୀ ହମ୍‌ଜା ବୁରହାନର ପ୍ରକୃତ ନାମ ଅର୍ଜୁମନ୍ଦ ଗୁଲଜାର ଡାର୍।



୨୦୧୭ରେ ଉଚ୍ଚଶିକ୍ଷା ବାହାନାରେ ପାକିସ୍ତାନ ଯାଇ ସେ ଆଲ୍-ବଦ୍ର ସନ୍ତ୍ରାସବାଦୀ ସଙ୍ଗଠନରେ ସାମିଲ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ କାଶ୍ମୀରର ଯୁବପିଢ଼ିଙ୍କୁ ମାନସିକ ସ୍ତରରେ ବିପଥଗାମୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଭାରତର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ମସିହାରେ ତାକୁ ଏକ 'ଘୋଷିତ ଆତଙ୍କବାଦୀ' ଭାବେ ଚିହ୍ନଟ କରାଯାଇଥିଲା।୧୪ ଫେବୃଆରୀ ୨୦୧୯ରେ ଜୈଶ-ଇ-ମହମ୍ମଦ ଦ୍ୱାରା ହୋଇଥିବା ଭୟାବହ ପୁଲୱାମା ଆକ୍ରମଣରେ ୪୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ, ଯାହାର ପରିଣାମ ସ୍ୱରୂପ ଭାରତ ପକ୍ଷରୁ ବାଲାକୋଟ୍ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନ ଏବଂ ପିଓକେ ମାଟିରେ ଭାରତ ଦ୍ୱାରା ମୋଷ୍ଟ ୱାଣ୍ଟେଡ୍ ଘୋଷିତ ହୋଇଥିବା ଅନେକ ପ୍ରମୁଖ ସନ୍ତ୍ରାସବାଦୀଙ୍କୁ ଅଜ୍ଞାତ ଆତତାୟୀମାନେ ଏହିପରି ଭାବେ ନିପାତ କରିଛନ୍ତି।

## ଇରାନ ପ୍ରସଙ୍ଗରେ ଟ୍ରମ୍ପ ଏବଂ ନେତନ୍ୟାହୁଙ୍କ ମଧ୍ୟରେ ବଢୁଛି ତିକ୍ତତା



ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଇରାନ ସହିତ ଯୁଦ୍ଧ କିମ୍ବା କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମଧ୍ୟରେ ହୋଇଥିବା ଏକ ଦୀର୍ଘ ଫୋନ୍ ଆଲୋଚନା ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା, ଯାହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଚିନ୍ତିତ ଥିବା ଜଣାପଡ଼ିଛି। କାତାର ଏବଂ ପାକିସ୍ତାନ ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଏକ ଚିଠା ପ୍ରସ୍ତାବ ଅନୁଯାୟୀ ଆମେରିକା ଏବଂ ଇରାନ ମଧ୍ୟରେ ଶତ୍ରୁତାର ଅନ୍ତ ଘଟାଇ ୩୦ ଦିନର ଏକ ଆଲୋଚନା ଚକ୍ର ଆରମ୍ଭ କରିବାକୁ ଟ୍ରମ୍ପ ଚାହୁଁଛନ୍ତି। ଏହି ଆଲୋଚନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ହର୍ମୁଜ ପ୍ରଣାଳୀକୁ ପୁନଃ ଉନ୍ମୁକ୍ତ କରିବା ପ୍ରସଙ୍ଗ ସାମିଲ ଅଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଆଲୋଚନାକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଇରାନର ସାମରିକ ଶକ୍ତି ଏବଂ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଯୁଦ୍ଧ ଜାରି ରଖିବା ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯଦି କିଛି ଦିନ ଅପେକ୍ଷା କରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ, ତେବେ କୂଟନୀତିକୁ ଆଉ ଏକ ସୁଯୋଗ ଦେବା ଉଚିତ। ତେବେ ଆଲୋଚନା ବିଫଳ ହେଲେ ତୁରନ୍ତ ଯୁଦ୍ଧ ଆରମ୍ଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ତାମିଲନାଡୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ

### ୫୯ ବର୍ଷ ପରେ କ୍ଷମତାର ସ୍ୱାଦ ଚାଖିଲା କଂଗ୍ରେସ

ଚେନ୍ନଇ, ୨୧।୫(ଏଜେନ୍ସି): ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟଙ୍କ ନେତୃତ୍ୱରେ ପରିଚାଳିତ ତାମିଲନାଡୁ ସରକାରଙ୍କ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଗୁରୁବାର ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସର ଦୁଇ ଜଣ ବିଧାୟକଙ୍କ ସମେତ ମୋଟ ୨୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ଏହି ସରକାରୀ କାର୍ଯ୍ୟକ୍ରମରେ ନାରାବାଜି ଏବଂ ସଙ୍ଗୀତ ଗାନର ନିୟମକୁ ନେଇ କିଛି ବିବାଦ ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକ ଦଳର ନେତା ଏସ୍. ରାଜେଶ କୁମାର ମନ୍ତ୍ରୀ ଭାବେ ଶପଥ ନେବା ସରିବା ମାତ୍ରେ ମଞ୍ଚ ଉପରୁ 'ରାହୁଲ ଗାନ୍ଧୀ ଜିନ୍ଦାବାଦ' ଏବଂ 'ରାଜୀବ ଗାନ୍ଧୀ ଅମର ରହେ' ଭଳି ନାରା ଦେଇଥିଲେ। ଏହାକୁ ନେଇ ରାଜ୍ୟପାଳ ଆର.ଏନ. ରବି ତୁରନ୍ତ ହସ୍ତକ୍ଷେପ କରିଥିଲେ ଏବଂ ଶପଥ ଗ୍ରହଣ ସମୟରେ ଏଭଳି ନାରାବାଜି ନିୟମର ବିରୁଦ୍ଧ ବୋଲି ସ୍ପଷ୍ଟ କରିଥିଲେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ମଧ୍ୟ ଶପଥ ପାଠ ସମୟରେ ନିର୍ଦ୍ଧାରିତ ଲେଖା ବାହାରେ କିଛି କହିବାରୁ ରାଜ୍ୟପାଳ ତାଙ୍କୁ କେବଳ ସରକାରୀ ଶପଥ ପତ୍ର ପଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ସବରେ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ବାଜଥୁ' ଶେଷରେ ଗାନ କରାଯିବାକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି, କାରଣ ସରକାରୀ ନିୟମ ଅନୁସାରେ ଏହା କାର୍ଯ୍ୟକ୍ରମର ଆରମ୍ଭରେ ଗାନ କରାଯିବା ଉଚିତ। ଏହି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ପାର୍ଟି ତାମିଲନାଡୁ ସରକାରରେ ସାମିଲ ହୋଇଛି। ଶେଷ ଥର ପାଇଁ ୧୯୬୭ ମସିହା ପୂର୍ବରୁ କଂଗ୍ରେସ ଏହି ରାଜ୍ୟରେ ଶାସନ ଗାଦିରେ ଥିଲା। ବର୍ତ୍ତମାନ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସହ ମେଣ୍ଟ କରି କଂଗ୍ରେସ ପୁଣିଥରେ ସରକାରରେ ଅଂଶୀଦାର ହୋଇଛି।



## ଜାତିସଂଘରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଲା ଭାରତ

### ■ ପାକିସ୍ତାନର 'ଗଣସଂହାର ଇତିହାସ'କୁ ସ୍ମରଣ କରାଇଲା

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଜାତିସଂଘ ସୁରକ୍ଷା ପରିଷଦରେ ଜମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବା ପାକିସ୍ତାନକୁ ମହଙ୍ଗା ପଡ଼ିଛି। ସଶସ୍ତ୍ର ସଂଘର୍ଷରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ଚାଲିଥିବା ଏକ ଆଲୋଚନା ସମୟରେ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବା ପରେ ଭାରତ ଏହାର ତୀବ୍ର ବିରୋଧ କରିବା ସହ ପାକିସ୍ତାନର କଳା କାରନାମାକୁ ସାରା ବିଶ୍ୱ ସମ୍ମୁଖରେ ପଦାରେ ପକାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପାର୍ବଥାନେନୀ କହିଛନ୍ତି ଯେ, ଯେଉଁ ଦେଶର ଇତିହାସ ଗଣସଂହାର ଭଳି କଳଙ୍କିତ କାର୍ଯ୍ୟରେ ଭରି ରହିଛି, ସେ ଭାରତର ଆଭ୍ୟନ୍ତରୀଣ ମାମଲାରେ ମନ୍ତବ୍ୟ ଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏହି ଆଲୋଚନା ସମୟରେ ଭାରତ ପକ୍ଷରୁ ଚଳିତ ବର୍ଷ ରମଜାନ ମାସରେ ଆଫଗାନିସ୍ତାନର କାବୁଲରେ ଥିବା ଏକ ଚିକିତ୍ସାଳୟ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାରଷ୍ଟ୍ରାଇକ୍ ପ୍ରସଙ୍ଗ ଉଠାଯାଇଥିଲା। ଜାତିସଂଘର ତଥ୍ୟ ଅନୁସାରେ, ଏହି ଆକ୍ରମଣରେ ୨୬୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ ଏବଂ ୧୨୨ ଜଣ ଆହତ ହୋଇଥିଲେ। ହସ୍ପିଟାଲ କେବେ ବି ସାମରିକ ଲକ୍ଷ୍ୟ ହୋଇନପାରେ ବୋଲି ଦର୍ଶାଇ ଭାରତ ପାକିସ୍ତାନର ନିରୀହ ଲୋକଙ୍କ ଉପରେ ହେଉଥିବା ହିଂସାକୁ ନିନ୍ଦା କରିଛି। ଏଥିସହ ଭାରତ ୧୯୭୧ ମସିହାରେ ବାଂଲାଦେଶରେ ପାକିସ୍ତାନୀ ସେନା ଦ୍ୱାରା ଚାଲିଥିବା 'ଅପରେସନ ସର୍ଚ୍ଚଲାଇଟ୍' କଥା ମଧ୍ୟ ମନେ ପକାଇ ଦେଇଛି। ସେହି ସମୟରେ ପାକିସ୍ତାନୀ ସେନା ପ୍ରାୟ ୪ ଲକ୍ଷ ମହିଳାଙ୍କ ଉପରେ ବ୍ୟାପକ ଅତ୍ୟାଚାର ଓ ଗଣଦୁଷ୍କର୍ମ କରିଥିଲା। ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସବୁବେଳେ ହିଂସାର ଆଶ୍ରୟ ନେଇଥାଏ ବୋଲି ଭାରତ ଜାତିସଂଘରେ ସ୍ପଷ୍ଟ କରିଛି।

## ରୋବଟ୍ ସେନା ସହାୟତାରେ ଚୀନ୍‌ର ଚମତ୍କାର

### ୩୮ ମାସରେ ତିଆରି ହେଲା ବିଶ୍ୱର ସର୍ବବୃହତ୍ ରେଳ ଷ୍ଟେସନ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ମାତ୍ର ୩୮ ମାସର ସ୍ୱଳ୍ପ ଅବଧି ମଧ୍ୟରେ ଚୀନ୍ ତାର ଆଧୁନିକ 'ରୋବଟ୍ ସେନା' ବଳରେ ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ 'ଚୋଙ୍ଗକିଙ୍ଗ୍ ଇଷ୍ଟ ରେଲୱେ ଷ୍ଟେସନ' ନିର୍ମାଣ କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ ଶୈଳୀର ଏକ ଭିଡିଓକୁ ବିଶ୍ୱର ପ୍ରସିଦ୍ଧ ଶିଳ୍ପପତି ଏଲନ୍ ମସ୍କ ନିଜର ଏକ୍ସ (ଟ୍ୱିଟର) ଆକାଉଣ୍ଟରେ ପୁନଃପୋଷ୍ଟ କରିବା ପରେ ଏହାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ୧୯୬୦ ଦଶକରେ ମାଓ ଜେଡଙ୍ଗଙ୍କ 'ଥାର୍ଡ ଫ୍ରଣ୍ଟ କ୍ୟାମ୍ପେନ' ଅଧୀନରେ ଚୋଙ୍ଗକିଙ୍ଗ୍ ସହରର ବ୍ୟାପକ ଶିଳ୍ପାୟନ କରାଯାଇଥିଲା। ବୈଦେଶିକ ଆକ୍ରମଣରୁ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଶିଳ୍ପଗୁଡ଼ିକୁ ଦେଶର ଭିତର ଭାଗକୁ ସ୍ଥାନାନ୍ତର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜି ଏହି ସହର ବାର୍ଷିକ ୪୪୦ ବିଲିୟନ ଡଲାରରୁ ଅଧିକ ଜିଡିପି ସହ ଚୀନର ଏକ ପ୍ରମୁଖ ଆର୍ଥିକ ତଥା ଶିଳ୍ପ କେନ୍ଦ୍ର ଭାବେ ଉଭା ହୋଇଛି। ୧.୨୨ ନିୟୁତ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଷ୍ଟେସନରେ ୧୫ଟି ପ୍ଲାଟଫର୍ମ ଏବଂ ୨୯ଟି ଟ୍ରାକ୍ ରହିଛି। ବ୍ୟସ୍ତବହୁଳ ସମୟରେ ଏହା ପ୍ରତି ଘଣ୍ଟାରେ ୧୬, ୦୦୦ ଯାତ୍ରୀଙ୍କୁ ସେବା ଯୋଗାଇବାର କ୍ଷମତା ରଖେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଦୁର୍ଗମ ଭୂଭାଗ ସତ୍ତ୍ୱେ କାର୍ଯ୍ୟକୁ ସୂଚାରୁରୂପେ ଶେଷ କରିବା ପାଇଁ ଏଠାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଲାଇଡାର୍ ଏବଂ ୫ଜି ପ୍ରଯୁକ୍ତିସମ୍ପନ୍ନ ରୋବଟ୍ ବ୍ୟବହାର କରାଯାଇଥିଲା। ଲେଜର-ଗାଇଡେଡ୍ ରୋବଟ୍‌ଗୁଡ଼ିକ ମଣିଷ ତୁଳନାରେ ତିନି ଗୁଣ ଅଧିକ ବେଗରେ ଏବଂ ସୂକ୍ଷ୍ମ ଭାବେ କଂକ୍ରିଟ୍ ସମତଳ କରିଥିଲେ। ଅନ୍ୟପଟେ କାଚ ସଂଯୋଗ କରୁଥିବା ରୋବଟ୍‌ଗୁଡ଼ିକ ୮୦୦ କିଲୋଗ୍ରାମ ଓଜନର ପ୍ୟାନେଲକୁ ସୁରକ୍ଷିତ ଭାବେ ସ୍ଥାପନ କରିଥିଲେ। ରୋବଟ୍‌ର ବ୍ୟବହାର ଯୋଗୁଁ ଶ୍ରମିକ ଖର୍ଚ୍ଚ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇବା ସହ କାର୍ଯ୍ୟକ୍ଷମତା ତିନି ଗୁଣ ବୃଦ୍ଧି ପାଇଛି ଏବଂ ସୁରକ୍ଷାଜନିତ ଦୁର୍ଘଟଣା ୯୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଇଛି। ଏହି ନୂତନ ଷ୍ଟେସନ ଚୀନର ଦକ୍ଷିଣ-ପଶ୍ଚିମ ପ୍ରାନ୍ତକୁ ଦେଶର ୧୪ଟି ପ୍ରମୁଖ ସହର ସହ ହାଇ-ସ୍ପିଡ୍ ରେଳ ନେଟୱର୍କ ମାଧ୍ୟମରେ ଯୋଡୁଛି।



# ପରାଜୟ ସହ ସିଏସକେ'ର ଅଭିଯାନ ଶେଷ

ଅହମ୍ମଦାବାଦ, ୨୧।୫ (ଏଜେନ୍ସି): ରେକର୍ଡ ପାଞ୍ଚଥରର ଚାମ୍ପିଅନ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ପରାଜୟ ସହ ଚଳିତ ଆଇପିଏଲ୍‌ରେ ଅଭିଯାନ ଶେଷ କରିଛି। ସିଏସକେ ଏହାର ଅନ୍ତିମ ତଥା ୧୪ତମ ଲିଗ୍ ମ୍ୟାଚରେ ଗୁରୁବାର ୮୯ ରନରେ ଘରୋଇ ଗୁଜରାଟ ଟାଇଟାନ୍ସ ନିକଟରୁ ପରାସ୍ତ ହୋଇଥିଲା। ଏଥିସହ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱାଧୀନ ଚେନ୍ନଇ ୮ଟି ପରାଜୟ ଓ ୬ ବିଜୟ ସହ ୧୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ସହ ବିଦାୟ ନେଇଛି। ଅପରପକ୍ଷରେ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ଗୁଜରାଟ ୧୪ ମ୍ୟାଚରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ପ୍ରଦତ୍ତ ୨୩୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଚେନ୍ନଇ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନ ଇନିଂସର ପ୍ରଥମ ବଲରେ ମହମ୍ମଦ ସିରାଜଙ୍କ ଶିକାର ବନିଥିଲେ। ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ୭ ଓଭର ବେଳକୁ ୬୩ ରନରେ ଅଧା ବ୍ୟାଟରଙ୍କୁ ହରାଇଥିଲା। ତେବେ ମଧ୍ୟକ୍ରମରେ ଶିଭବ ଦୁବେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୧୭ ବଲରୁ ୪୭ ରନର ଦ୍ରୁତ ପାଳି ଖେଳି କିଛିଟା ଲଢ଼େଇ କରିଥିଲେ। କିନ୍ତୁ ଏହା ଯଥେଷ୍ଟ ହୋଇ ନ ଥିଲା। ୧୩.୪ ଓଭରବେଳକୁ ଚେନ୍ନଇ ୧୪୦ ରନରେ ସମସ୍ତ ୱିକେଟ୍ ହରାଇ ଶୋଚନୀୟ ପରାଜୟବରଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ମାଥ୍ୟୁ ସର୍ଟ ୨୪, ଅଧିନାୟକ ଋତୁରାଜ ଗାଏକୱାଡ଼ ୧୬, କାର୍ତ୍ତିକ ଶର୍ମା ୧୯, ଅଂଶୁଲ କାମ୍ବୋଜ ୧୯ ରନ କରିଥିବାବେଳେ ଉର୍ଭିଲ ପଟେଲ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଗୁଜରାଟ ପକ୍ଷରୁ ରଶିଦ ଖାନ (୩/୧୮), ମହମ୍ମଦ ସିରାଜ (୩/୨୬) ଓ କାଗିସୋ ରାବାଡା (୩/୩୨) ମିଳିତ ଭାବେ ୯ଟି ୱିକେଟ ବାଣ୍ଟି ନେଇଥିଲେ। କାର୍ତ୍ତିକ ରନ ଆଉଟ୍ ହୋଇଥିଲେ।



ପୂର୍ବରୁ ଟସ୍ ଜିତି ଚେନ୍ନଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଆଗ ଧାଡ଼ିର ୩ ବ୍ୟାଟର୍ ସାଇ ସୁଦର୍ଶନ (୫୩ ବଲରେ ୮୪ ରନ), ଅଧିନାୟକ ଶୁବମାନ ଗିଲ୍ (୩୭ ବଲରେ ୬୪ ରନ) ଓ ଜୋଶ ବଟଲର୍ (୨୭ ବଲରେ ଅପରାଜିତ ୫୭)ଙ୍କ ଅର୍ଦ୍ଧଶତକ ବଳରେ ୪ ୱିକେଟରେ ୨୨୯ ରନର ବିଶାଳ ସ୍କୋର ଠିଆ କରାଇଥିଲା।



**ଆଜିର ଆଇପିଏଲ୍ ମ୍ୟାଚ୍**
ହାଇଦରାବାଦ୍ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟାନ୍ସ: ୨୨୯/୪, ୨୦ ଓଭର (ସୁଦର୍ଶନ- ୮୪, ଗିଲ୍- ୬୪, ବଟଲର- ୫୭*, ସୁନ୍ଦର- ୭, ମୁକେଶ- ୧/୩୬, ଜନସନ- ୧/୪୭)।

ଚେନ୍ନଇ ସୁପର୍ କିଙ୍ଗ୍‌ସ: ୧୪୦/୧୦, ୧୩.୪ ଓଭର (ଦୁବେ- ୪୭, ସର୍ଟ- ୨୪, କାମ୍ବୋଜ- ୧୯, ଗାଏକୱାଡ- ୧୬, ସାମସନ- ୦, ଉର୍ଭିଲ- ୦, ବ୍ରେଭିସ- ୮, ସିରାଜ- ୩/୨୬, ରଶିଦ- ୩/୧୮, ରାବାଡା- ୩/୩୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦ .୦୧୧ |
| ଚେନ୍ନଇ (ଏ) | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଭାରତ-ଏ' ଦଳରେ ଅନୁକୂଳ ରୟ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଶ୍ରୀଲଙ୍କାରେ ଜୁନ୍ ୯ରୁ ୨୧ ଯାଏ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍ ଲାଗି ଭାରତ-ଏ' ଦଳରେ ଝାଡଖଣ୍ଡ ତଥା କେକେଆରର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅନୁକୂଳ ରୟଙ୍କୁ ସାମିଲ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ-ଏ, ଆଫଗାନିସ୍ତାନ-ଏ ଓ ଆୟୋଜକ ଶ୍ରୀଲଙ୍କା-ଏ' ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଡାମ୍ବୁଲାରେ ଖେଳାଯିବ। ଏହି ସିରିଜ୍ ଲାଗି ତିଳକ ବର୍ମାଙ୍କ ନେତୃତ୍ୱରେ ଗଠିତ ଭାରତ-ଏ ଦଳରେ ପ୍ରଥମେ ହର୍ଷ ଦୁବେଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ହର୍ଷ ଦୁବେଙ୍କୁ ପ୍ରଥମଥର ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଥିଲା। ଫଳରେ ତାଙ୍କ ସ୍ଥାନରେ ଅନୁକୂଳ ରୟଙ୍କୁ ଭାରତ-ଏ' ଦଳରେ ନିଆଯାଇଛି।

## ଫ୍ରେଞ୍ଚ ଓପନ: ସେମିରେ ଭେଟିପାରନ୍ତି ଗଫ୍-ସାବାଲେଙ୍କା

ପ୍ୟାରିସ୍,୨୧।୫(ଏଜେନ୍ସି): ଚଳିତବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ଆସନ୍ତା ୨୪ରୁ ଆରମ୍ଭ ହୋଇ ଜୁନ୍ ୭ରେ ଶେଷ ହେବ। କ୍ଲେ କୋର୍ଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଡ୍ର ଉଠାଣ ଆଜି ଅନୁଷ୍ଠିତ ହୋଇଛି। ଡ୍ର ଅନୁଯାୟୀ ଯଦି ସିଡେଡ ଖେଳାଳିମାନେ ବିଜୟ ଲାଭ କରନ୍ତି, ତେବେ ମହିଳା ଏକକ ସେମିରେ ଗଫ୍‌ଙ୍କ ସହ ସାବାଲେଙ୍କା ଓ କ୍ୱାର୍ଟର ଫାଇନାଲରେ ସ୍ୱିଆଟେକ୍‌ଙ୍କ ସହ ରିବାକିନାଙ୍କର ମୁକାବିଲା ହୋଇପାରେ। ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର କୋକୋ ଗଫ୍ ପ୍ରଥମ ରାଉଣ୍ଡରେ ନିଜ ଦେଶର ଟେଲର ଟାଉନ୍‌ସେଣ୍ଡଙ୍କୁ ଏବଂ ବିଶ୍ୱର ନଂ-୧ ଖେଳାଳି ତଥା ଗତବର୍ଷର ରନର୍ସ ଅପ୍ ଆରିନା ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଜେସିକା ବୌଜାସଙ୍କ ସହ ମୁକାବିଲା କରିବେ।

## କଳିଙ୍ଗରେ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୫ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା "ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ' ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ମେ ୫ରୁ ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବୟସ ବର୍ଗର ଶିଶୁ ଓ କିଶୋର ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଥମ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବର ମନୋଜ ଡାକୁଆ ଏବଂ ନାଇଜର ଭୁବନେଶ୍ୱରର ସହକାରୀ ପ୍ରଫେସର ତଥା ଅଭିଜ୍ଞ ପର୍ବତାରୋହୀ ଚିତ୍ରଭାନୁ ଚୌଧୁରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଆଡଭେନଚର ଗେମ୍ସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଚ୍‌ପିସିଓ ସିଇଓ ତଥା ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ ସ୍ୱାଇଁ, ଅତିରିକ୍ତ କ୍ରୀଡ଼ା ସଚିବ ଅଶୋକ ପଣ୍ଡା, ଉପ-କ୍ରୀଡ଼ା ସଚିବ ଅମିତ କୁମାର ନାୟକ, କ୍ରୀଡ଼ା ବିଭାଗ ଓଏସଡି ଧୀରଜ ପଟ୍ଟନାୟକ, ଶାଶ୍ୱତ କୁମାର ରାଉତ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ଉଦଯାପନୀ ସମାରୋହରେ ଉପସ୍ଥିତ ରହିଥିଲେ।



## ମନୋରମା କ୍ଲବ୍ ୨୨-୦ ଗୋଲ୍‌ରେ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

ଭୁବନେଶ୍ୱର, ୨୧।୫ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ମନୋରମା କ୍ଲବ ବୃହତ୍ ବିଜୟ ହାସଲ କରିଛି। ଗୁରୁବାର ଭୁବନେଶ୍ୱର ଜୋନରେ ଅନୁଷ୍ଠିତ ମ୍ୟାଚରେ ମନୋରମା କ୍ଲବ ୨୨-୦ ଗୋଲ୍‌ରେ ଗଞ୍ଜାମ ଏକାଦଶକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସୁବାସିନୀ ଓରାମ ସର୍ବାଧିକ ୬ଟି, ପ୍ରିୟଙ୍କା କିଶାନ ୫ଟି ଓ ଅନିତା ନାୟକ ୪ଟି ଗୋଲ୍ ଦେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ତାରିଣୀ ଫୁଟବଲ୍ ଏକାଡେମୀ (କେନ୍ଦୁଝର) ୪-୦ ଗୋଲ୍‌ରେ ୟଙ୍ଗ ଆସୋସିଏସନ କ୍ଲବକୁ ପରାସ୍ତ କରିଛି।



## ମାଲେସିଆ ମାଷ୍ଟର୍ସ କ୍ୱାର୍ଟରରେ ଅସ୍ମିତା



କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି): ଭାରତର ଅସ୍ମିତା କାଲିହା ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେ ୨୧-୧୩, ୨୧-୧୬ରେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ମାତ୍ର ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା। କ୍ୱାର୍ଟର ଫାଇନାଲରେ ସେ ଡେନ୍‌ମାର୍କର ଲିନେ ହୋଜମାର୍କଙ୍କୁ ଭେଟିବେ। ଅନ୍ୟ ଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଲିନେ ୧୬-୨୧, ୨୧-୮, ୨୧-୧୫ରେ ଭାରତର ମାଳବିକା ବନ୍‌ସୋଦଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଥିଲେ। ଏହି ମ୍ୟାଚ୍‌ଟି ୫୯ତମ ମିନିଟ୍‌ରେ ଶେଷ ହୋଇଥିଲା। ମାଳବିକା ହାରିଯିବା ପରେ ଅସ୍ମିତା ଏକମାତ୍ର ଭାରତୀୟ ଖେଳାଳି ଭାବେ ମାଲେସିଆ ମାଷ୍ଟର୍ସରେ ତିଷ୍ଠି ରହିଛନ୍ତି।

■ ଜୁନିଅର ପୁରୁଷ ଏସିଆ କପ୍ ହକି

## କେତନଙ୍କୁ ନେତୃତ୍ୱ; ଅର୍ମାନ ଏକମାତ୍ର ଓଡ଼ିଆ



ଅର୍ମାନ ସୋରେଙ୍ଗ

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଆଗାମୀ ୧୮ ବର୍ଷରୁ କମ୍ ଜୁନିଅର ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଫରୱାର୍ଡ କେତନ କୁଶୱାହଙ୍କୁ ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ଡିଫେଣ୍ଡର ଅର୍ମାନ ସୋରେଙ୍ଗଙ୍କୁ ସ୍ଥାନ ମିଳିଛି। ଜାପାନର କାକାମିଘରଠାରେ ମେ ୨୯ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବ। ମୁଖ୍ୟକୋଚ୍ ସର୍ଦ୍ଦାର ସିଂହଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଭୋପାଳସ୍ଥିତ ସାଇ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଏସିଆ କପ୍ ଲାଗି ଦଳ ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଆୟୋଜକ ଜାପାନ, ଦକ୍ଷିଣ କୋରିଆ, ଚାଇନିଜ ତାଇପେଇ ଓ କାଜାଖସ୍ତାନ ସହ ସ୍ଥାନ ପାଇଛି। ସେହିଭଳି ପୁଲ-ବି'ରେ ଚାଇନା, ପାକିସ୍ତାନ, ମାଲେସିଆ ଓ ବାଂଲାଦେଶ ରହିଛି। ପୁଲ୍ ପର୍ଯ୍ୟାୟରେ ପ୍ରତିଦଳ ପରସ୍ପର ସହ ଥରେ ଲେଖାଏ ଖେଳିବ। ଏହାପରେ ପ୍ରତି ପୁଲ୍‌ର ଶ୍ରେଷ୍ଠ-୨ଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ମେ ୨୯ ତାରିଖରେ କାଜାଖସ୍ତାନ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ମେ ୩୧ରେ ଜାପାନ, ଜୁନ ୧ରେ ଦକ୍ଷିଣ କୋରିଆ ଓ ଜୁନ ୩ରେ ଚାଇନିଜ ତାଇପେଇ'କୁ ଭେଟିବ।

## ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ



ଭୁବନେଶ୍ୱର, ୨୧।୫ (ସମିସ): ଭାରତୀୟ ଜୁନିଅର ଫୁଟ୍‌ବଲ ଦଳର ପୂର୍ବତନ ଗୋଲ୍‌କିପର ଇମ୍ରାନ ଖାନଙ୍କ ପରଲୋକ ଘଟିଛି। ଇମ୍ରାନ ତାଙ୍କ କ୍ୟାରିୟରରେ କୋଲକାତାର କିଛି ପ୍ରମୁଖ କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଇମ୍ରାନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଇଷ୍ଟ ବେଙ୍ଗଲକୁ ସ୍ମରଣୀୟ ଆଇଏସଏଲ୍ ଟାଇଟଲ୍

କୋଲକାତା, ୨୧।୫ (ଏଜେନ୍ସି): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଆଇଏସଏଲ୍ ଇତିହାସରେ ଇଷ୍ଟ ବେଙ୍ଗଲ ପ୍ରଥମଥର ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଗୁରୁବାର ଇଷ୍ଟ ବେଙ୍ଗଲ ଏହାର ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ୨-୧ ଗୋଲ୍‌ରେ ଇଣ୍ଟର କାଶୀକୁ ପରାସ୍ତ କରିଥିଲା। ଏଥିସହ ସିଜନରେ ୧୩ଟି ମ୍ୟାଚ ଖେଳି ୭ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହ ୨୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଦଖଲ କରିଛି। ମୋହନବାଗାନ ସମାନ ୨୬ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଇଷ୍ଟ ବେଙ୍ଗଲଠାରୁ ୫ଟି ଗୋଲ୍ କମ୍ ଦେଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛି।

## ଡେଭ୍ କଜିନ୍ସ ଭାରତର ତୀରନ୍ଦାଜୀ କୋଚ୍

କୋଲକାତା,୨୧।୫(ଏଜେନ୍ସି): ପୂର୍ବତନ ବିଶ୍ୱ ଚାମ୍ପିଅନ ଆମେରିକାର ଡେଭ୍ କଜିନ୍ସଙ୍କୁ ଭାରତର ନୂଆ କମ୍ପାଉଣ୍ଡ ତୀରନ୍ଦାଜୀର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ କମ୍ପାଉଣ୍ଡ ତୀରନ୍ଦାଜୀକୁ ପ୍ରଥମଥର ସାମିଲ କରାଯାଇଛି। ଯାହା ଫଳରେ ଡେଭ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତାମାସ ଆଣ୍ଟାଲ୍ୟାରେ ଷ୍ଟେଜ୍-୩ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଡେଭ୍ ଯୋଗଦେଇଥିବାରୁ ଭାରତକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ରିକର୍ଭ ଟିମ୍ ଲାଗି କାହାରିକୁ ନିଯୁକ୍ତି ଦିଆଯାଇନାହିଁ।

## ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ଏବେ ମିଳିବ ୮ କୋଟି

**ପଶ୍ଚିମବଙ୍ଗ ସରକାରଙ୍କ ବଡ଼ ଘୋଷଣା**

କୋଲକାତା, ୨୧।୫ (ଏଜେନ୍ସି): ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ରାଜ୍ୟରେ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ନୀତିରେ ଏକ ବଡ଼ ସଂଶୋଧନ କରିଛନ୍ତି। ଫଳରେ ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ବିଜେତା ଏବେ ଆଖିଦୃଶିଆ ପ୍ରୋତ୍ସାହନ ରାଶି ପାଇବେ। ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ନିଶିଥ ପ୍ରମାଣିକ ଘୋଷଣା କରିଛନ୍ତି, ଏବେ ରାଜ୍ୟର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୮ କୋଟି ଟଙ୍କା ପୁରସ୍କାର ରାଶି ଦିଆଯିବ। ପୂର୍ବରୁ ମମତା ବାନାର୍ଜୀଙ୍କ ସରକାରରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ବେଙ୍ଗଲ କ୍ରୀଡ଼ାବିତଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏବେ ଯଥାକ୍ରମେ ୬ ଓ ୪ କୋଟି ଟଙ୍କା ଦିଆଯିବ। ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏଣିକି ଯଥାକ୍ରମେ ୫, ୪ ଓ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିଭଳି ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ୨, ୧.୫ ଓ ଏକ କୋଟି ଟଙ୍କା ମିଳିବ। ଏହାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି ରାଶି ଯଥାକ୍ରମେ ଦେଢ଼ କୋଟି, ୭୫ ଲକ୍ଷ ଓ ୫୦ ଲକ୍ଷ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS